# ଧରିତ୍ରୀ DHARITRI

ରାୟଗଡ଼ା, ଶନିବାର, ନଭେମ୍ବର ୩ /୨୦୧୮ (୧୬ +୪ ପୃଷ୍ଠା) ପିଲାଙ୍କ ଧରିତ୍ରୀ ସହ Rayagada, Saturday, November 3 / 2018 ★

୮ମ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





ଧରିତ୍ରୀ
DHARITRI
ଶନିବାର, ୩ ନଭେମ୍ବର, ୨୦୧୮



"ସାମ୍ବିଧାନିକ, ବ୍ୟବସ୍ଥାପକ, ନ୍ୟାୟପାଳିକା କିମ୍ବା ଆଲୋଚନା ଜରିଆରେ ଅଯୋଧ୍ୟା ବିବାଦର ସମାଧାନ କରି ଖୁବ୍‌ଶୀଘ୍ର ରାମ ମନ୍ଦିର ନିର୍ମାଣ ହେବା ଉଚିତ। ଦରକାର ପଡ଼ିଲେ ସରକାର ବିଧେୟକ ଆଣନ୍ତୁ।
- ବିଜୟ ଗୋଏଲ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ସଲାହୁଦ୍ଦିନ୍, ହାଫିଜ୍‌ଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ



**ନୂଆଦିଲ୍ଲୀ,୨।୧୧(ପି.ଟି.):** ଭାରତରେ ଆତଙ୍କବାଦର କାୟାବିସ୍ତାର କରୁଥିବା ପାକିସ୍ତାନସ୍ଥିତ ଲଶ୍କର-ଇ-ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ମୁଖ୍ୟ ସୟଦ ସଲାହୁଦ୍ଦିନ୍‌ଙ୍କ ମୁଣ୍ଡରେ ଶକ୍ତ ପ୍ରହାର ବାଜିଛି। ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଏମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। କଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବା ସହ ଭାରତ ବିଭିନ୍ନ ସ୍ଥାନରେ ଅନେକ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି ହାଫିଜ୍ ଏବଂ ସଲାହୁଦ୍ଦିନ୍। ଆତଙ୍କବାଦୀଙ୍କୁ ଏମାନେ ଅର୍ଥ ମଧ୍ୟ ଯୋଗାଉଛନ୍ତି। ଏନ୍‌ଆଇଏ ଏଭଳି ଅଭିଯୋଗ ଆଣିବା ସହ ଦୁହିଁଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରିବାକୁ ଆବେଦନ କରିଥିଲା।

### ଇତିହାସର ଆଇନାରେ
### ନଭେମ୍ବର ୩ର ପ୍ରମୁଖ ଘଟଣା

୧୯୫୬ ନଭେମ୍ବର ୩ରେ ସୁଏଜ ସଙ୍କଟ ବେଳେ ଗାଜାର ଖାନ୍ ୟୁନିସ୍‌ରେ ଇସ୍ରାଏଲ ସୈନିକ ୨୭୫ଜଣ ପାଲେଷ୍ଟିନୀୟଙ୍କୁ ହତ୍ୟା କରିଥିଲେ। ଇଜିପ୍ଟ ବିରୋଧରେ ଇସ୍ରାଏଲ, ବ୍ରିଟେନ୍ ଓ ଫ୍ରାନ୍ସ ସୁଏଜ କେନାଲକୁ ପାଶ୍ଚାତ୍ୟ ଦେଶରେ ସ୍ଥାପିତ କରିବା ଏବଂ ଇଜିପ୍ଟ ରାଷ୍ଟ୍ରପତି ନାସିରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ କରାଯାଇଥିଲା।

୧୯୮୨ ନଭେମ୍ବର ୩ରେ ଆଫଗାନିସ୍ତାନର ସାଲଙ୍ଗ ସୁଡଙ୍ଗରେ ଅଗ୍ନିକାଣ୍ଡ ଘଟି ୨୦୦୦ ଲୋକଙ୍କର ପ୍ରାଣହାନି ଘଟିଥିଲା। ଆଫଗାନିସ୍ତାନ ଗୃହଯୁଦ୍ଧ ସମୟରେ ଏହି ଟନେଲରେ ଅଗ୍ନିକାଣ୍ଡ ଘଟିଥିଲା।

# ଆକବରଙ୍କ ମୁଣ୍ଡରେ ଖଣ୍ଡା

**ୱାଶିଂଟନ୍/ନୂଆଦିଲ୍ଲୀ,୨।୧୧(ପି.ଟି.)**





**ଥମୁନି '# ମିଟୁ' ଝଡ଼**
- ବଳାତ୍କାର ଅଭିଯୋଗ ଆଣିଲେ ଆମେରିକାର ସାମ୍ବାଦିକା
- ୨୩ ବର୍ଷ ପୂର୍ବେ ଆକବରଙ୍କ ଦ୍ୱାରା ହୋଇଥିଲେ ନିର୍ଯାତିତା
- ସହମତି ଭିତ୍ତିରେ ସମ୍ପର୍କ ଥିଲା ବୋଲି କହିଲେ ଆକବର
- ସମର୍ଥନରେ ବାହାରିଲେ ସ୍ତ୍ରୀ

'# ମିଟୁ' ଝଡ଼ର ଶିକାର ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ପୁଣି ଖଣ୍ଡା। ଦେଶରେ ଅନେକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଏବେ ବିଦେଶ ମାଟିରୁ ମଧ୍ୟ ତାଙ୍କ ବିରୋଧରେ ଉଠିଛି ସ୍ୱର। ଆମେରିକାର ଏକ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଭାବେ କାର୍ଯ୍ୟରତ ଜଣେ ମହିଳା ଆକବରଙ୍କ ନାଁରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ। ଦୁଇ ଦଶନ୍ଧି ପୂର୍ବେ ଭାରତରେ ଥିବାବେଳେ ଆକବର ତାଙ୍କୁ ବଳାତ୍କାର କରିଥିଲେ ବୋଲି ପଲ୍ଲବୀ ଗୋଗୋଇ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆକବର। ସ୍ତ୍ରୀ ମଲ୍ଲିକା ଆକବର ମଧ୍ୟ ତାଙ୍କ ସମର୍ଥନରେ ବାହାରିପଡ଼ିଛନ୍ତି।

୨୩ ବର୍ଷ ପୂର୍ବର କଥା। ସେତେବେଳେ 'ଦ ଏସିଆନ୍ ଏଜ୍' ଖବରକାଗଜର ସମ୍ପାଦକ ଥିଲେ ୬୭ ବର୍ଷୀୟ ଆକବର। ଏହି ବିଚକ୍ଷଣ ସାମ୍ବାଦିକ ଜଣକ ନିଜ ପଦବୀର ଅପବ୍ୟବହାର କରି ଅନେକ ମହିଳାଙ୍କୁ ଯୌନ ଶୋଷଣ କରିଥିଲେ। ସେ ମଧ୍ୟ ବଳାତ୍କାରର ଶିକାର ହୋଇଥିଲେ ବୋଲି ପୀଡ଼ିତା ପଲ୍ଲବୀ ଗୋଗୋଇ କହିଛନ୍ତି। ପଲ୍ଲବୀ ଏବେ ୱାଶିଂଟନ୍‌ସ୍ଥିତ ଆମେରିକୀୟ ଗଣମାଧ୍ୟମ ସଂସ୍ଥା ନ୍ୟାଶନାଲ ପବ୍ଲିକ୍ ରେଡିଓ (ଏନ୍‌ପିଆର୍)ରେ କାର୍ଯ୍ୟରତ ଅଛନ୍ତି। ଅନେକ ମହିଳା ଆକବରଙ୍କ ବିରୋଧରେ ମୁହଁ ଖୋଲିବା ପରେ ଗୋଗୋଇ ମଧ୍ୟ ନିଜ ସହ ବିତିଥିବା ସେହି ବର୍ବରତାର ପର୍ଦ୍ଦାଫାଶ କରିଛନ୍ତି। 'ଦ ୱାଶିଂଟନ୍ ପୋଷ୍ଟ'ରେ ତାଙ୍କର ଏକ ଲେଖା ପ୍ରକାଶ ପାଇଛି। ସେଥିରେ ସେ ଆକବରଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ଦର୍ଶାଇଛନ୍ତି। ୨୨ ବର୍ଷ ବୟସରେ ଏଭଳି ନିର୍ଯାତନା ପାଇବା ତାଙ୍କ ଜୀବନର ସବୁଠାରୁ ଯନ୍ତ୍ରଣାଦାୟକ ସ୍ମୃତି ବୋଲି ଗୋଗୋଇ ଲେଖିଛନ୍ତି। ସେ କହିଛନ୍ତି, ୨୩ ବର୍ଷ ବେଳକୁ ଅର୍ଥାତ୍ ଖୁବ୍ କମ୍ ବୟସରେ ତାଙ୍କୁ ସମ୍ପାଦକୀୟ ପୃଷ୍ଠାର ସମ୍ପାଦକ ଦାୟିତ୍ୱ ମିଳିଥିଲା। କିନ୍ତୁ ଏଥିପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ତାଙ୍କ ଧାରଣା ବାହାରେ ଥିଲା। କିଛି ମାସ ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୁମ୍ବାଇକୁ ଯାଇଥିବାବେଳେ ତାଜ ହୋଟେଲ ଭିତରେ ସେ ପୁଣି ବ୍ୟଭିଚାରର ଶିକାର ହୋଇଥିଲେ। ପାଟି ଖୋଲିଲେ ଚାକିରିରୁ ବିଦା କରିଦେବାକୁ ଆକବର ଧମକ ଦେଉଥିଲେ ବୋଲି ଆମେରିକାରେ ନାଗରିକତ୍ୱ ଗ୍ରହଣ କରିଥିବା ଗୋଗୋଇ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷେ ଆକବରଙ୍କ ଓକିଲ ସନ୍ଦୀପ କୌର ତାଙ୍କ ତରଫରୁ ସଫେଇ ଦେଇଛନ୍ତି। ଆକବରଙ୍କ ନାଁରେ ଆସିଥିବା ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି। ଆକବର କହିଛନ୍ତି, ଗୋଗୋଇଙ୍କ ସହ ତାଙ୍କର ସହମତି ଭିତ୍ତିରେ ସମ୍ପର୍କ ଥିଲା। କିନ୍ତୁ ପରେ ତାହା ତୁଟିଗଲା। ସେହିପରି ଆକବରଙ୍କ ସ୍ତ୍ରୀ ମଲ୍ଲିକା ମଧ୍ୟ କହିଛନ୍ତି, ତାଙ୍କ ସ୍ୱାମୀଙ୍କ ବିରୋଧରେ ଗୋଗୋଇ ମିଛ ଆରୋପ ଲଗାଉଛନ୍ତି। ତେବେ ଗୋଗୋଇଙ୍କ ସହ ତାଙ୍କର ସମ୍ପର୍କ ଥିଲା ବୋଲି ସେ ମଧ୍ୟ ସ୍ୱୀକାର କରିଛନ୍ତି। ପ୍ରକାଶ ଯେ, ଏକାଧିକ ସାମ୍ବାଦିକା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଆକବରଙ୍କ ମନ୍ତ୍ରୀପଦ ଯାଇଛି। ନରେନ୍ଦ୍ର ମୋଦି ସରକାରଙ୍କ ଉପରେ ଚାରିଆଡ଼ୁ ଚାପ ପଡ଼ିବାରୁ ନିକଟରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇଛନ୍ତି। ଏବେ ସଦ୍ୟ ଅଭିଯୋଗ ଆଣିଛନ୍ତି ଗୋଗୋଇ।

## ■ ତ୍ରିପଲ୍ ତଲାକ ଅଧ୍ୟାଦେଶକୁ ଚ୍ୟାଲେଞ୍ଜ
# ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୧୧(ପି.ଟି.)**




ମୁସଲମାନ ପୁରୁଷମାନେ ସ୍ତ୍ରୀଙ୍କୁ ତତ୍‌କ୍ଷଣାତ୍ ତିନିଥର 'ତଲାକ୍' କହି ବୈବାହିକ ସମ୍ପର୍କ ଛିନ୍ନ କରିବା ଏକ ଦଣ୍ଡନୀୟ ଅପରାଧ। ଏଭଳି ଆଇନଗତ ପରିବର୍ତ୍ତନ ଆଣିବା ସହ ସେପ୍ଟେମ୍ବର ୧୯ରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଜାରି କରିଥିଲେ। ଏହାକୁ ଅସାମ୍ବିଧାନିକ ଦର୍ଶାଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି। ମୁସଲମାନ ମହିଳା (ବିବାହ ସମ୍ପର୍କିତ ଅଧିକାର ସୁରକ୍ଷା) ଅଧ୍ୟାଦେଶକୁ ବିରୋଧ କରି ଦାଏର ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ଅରାଜି ହୋଇଛନ୍ତି।

ସେପ୍ଟେମ୍ବର ୧୯ରେ କେନ୍ଦ୍ର କ୍ୟାବିନେଟ ତ୍ରିପଲ୍ ତଲାକ୍ ସଂକ୍ରାନ୍ତୀୟ ଅଧ୍ୟାଦେଶକୁ ମୋହର ମାରିଥିଲେ। ଏହାର କିଛି ଘଣ୍ଟା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ଲାଭ କରିଥିଲା। ସଂଶୋଧିତ ଆଇନ ଅନୁଯାୟୀ ତ୍ରିପଲ୍ ତଲାକ୍ ବା 'ତଲାକ୍-ଇ-ବିଦ୍ଦତ୍' ଏକ ବେଆଇନ କାର୍ଯ୍ୟ। ଏହା ଦଣ୍ଡନୀୟ ଅପରାଧ। ତେଣୁ ସ୍ତ୍ରୀଙ୍କୁ ଅଚାନକ ଛାଡ଼ପତ୍ର ଦେଉଥିବା ମୁସଲମାନ ପୁରୁଷଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମିଳିବ। ଆଇନକୁ ନିରପେକ୍ଷ କରିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ଏଥି ଅନୁଯାୟୀ ମାମଲର ବିଚାର ଆରମ୍ଭ ହେବା ପୂର୍ବରୁ ଅଭିଯୁକ୍ତ ସ୍ୱାମୀ ଜାମିନ ଆବେଦନ କରିପାରିବେ। ତେବେ ତ୍ରିପଲ୍ ତଲାକ୍ ଅଧ୍ୟାଦେଶ ଅସାମ୍ବିଧାନିକ ବୋଲି ଅନେକେ ଆବେଦନକାରୀ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ କେ.ଏମ୍. ଯୋସେଫ୍ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏସବୁ ଆବେଦନର ଶୁଣାଣି କରିଛନ୍ତି। ଅଧ୍ୟାଦେଶର ଅବଧି ୬ ମାସ ପର୍ଯ୍ୟନ୍ତ ରହିବ। ତା'ଛଡ଼ା ଡିସେମ୍ବରରେ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ବସିବାକୁ ଥିବାରୁ ତିନି ତଲାକ୍ ବିଲ୍ ରାଜ୍ୟ ସଭାରେ ଉପସ୍ଥାପନ ହେବ। ଏହାପରେ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ଖଣ୍ଡପୀଠ କହିଛନ୍ତି।

# ବୋଫର୍ସ ଦୁର୍ନୀତି ମାମଲା: ସିବିଆଇକୁ ଅଦାଲତୀ ଝଟକା

**ନୂଆଦିଲ୍ଲୀ,୨।୧୧(ପି.ଟି.)**

ବହୁ ଚର୍ଚ୍ଚିତ ବୋଫର୍ସ ଦୁର୍ନୀତିକୁ ନେଇ ପୁଣି ଜୋର୍ ଧରିଛି ଚର୍ଚ୍ଚା। ଏହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରି ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ଦୀର୍ଘଦିନ ପରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। କିନ୍ତୁ ବିଳମ୍ବ କାରଣ ଦର୍ଶାଇ ତଦନ୍ତ ସଂସ୍ଥାର ଆବେଦନକୁ ଶୁକ୍ରବାର ଅଦାଲତ ଖାରଜ କରିଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଉପରେ କୋର୍ଟ ପ୍ରବଳ ବର୍ଷିଛନ୍ତି।



- ଆବେଦନ ଖାରଜ କରିବା ସହ ବର୍ଷିଲେ ସୁପ୍ରିମକୋର୍ଟ
- ବିଳମ୍ବର କାରଣ ସନ୍ତୋଷଜନକ ନୁହେଁ: ଖଣ୍ଡପୀଠ

୬୪ କୋଟି ଟଙ୍କାର ବୋଫର୍ସ ଦୁର୍ନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମ୍ପୃକ୍ତି ଅଭିଯୋଗ ଆସିଥିବାରୁ ରାଜନୈତିକ ଦୃଷ୍ଟିରୁ ଏହା ଅତି ସମ୍ବେଦନଶୀଳ ମାମଲା। ୨୦୦୫ ମେ ୩୧ରେ ହାଇକୋର୍ଟ ରାୟ ପ୍ରକାଶ କରିବାର ୧୩ ବର୍ଷ ପରେ ସିବିଆଇ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ କରିଛି। ଏତେ ବିଳମ୍ବ ହୋଇଥିବାରୁ ତଦନ୍ତ ସଂସ୍ଥା ଅଦାଲତଙ୍କୁ କ୍ଷମା ପ୍ରାର୍ଥନା କରିଛି। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସିବିଆଇର ଆବେଦନ ଖାରଜ କରିଦେଇଛନ୍ତି।

# 'ତାଲିବାନ୍‌ର ଜନକ'ଙ୍କୁ ହତ୍ୟା

**ଇସ୍‌ଲାମାବାଦ,୨।୧୧(ପି.ଟି.)**

ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଙ୍ଗଠନ ତାଲିବାନର 'ଜନକ' ଭାବେ ପରିଚିତ ପାକିସ୍ତାନର ପ୍ରମୁଖ ଧର୍ମଗୁରୁ ମୌଲାନା ସାମିଉଲ୍ ହକ୍ ହତ୍ୟାର ଶିକାର ହୋଇଛନ୍ତି। ରାୱଲ୍‌ପିଣ୍ଡି ସହରରେ ଶୁକ୍ରବାର ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ସେଠାରେ ପ୍ରାଣ ହରାଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଖିବର ପାଖ୍‌ତୁନ୍‌ଖ୍ୱା ଅନ୍ତର୍ଗତ ଅକୋରା ଖଟ୍ଟକ୍ ଟାଉନ୍‌ରେ ଥିବା ଇସ୍‌ଲାମୀୟ ଧର୍ମୀୟ ସଙ୍ଗଠନ ଦାରୁଲ୍ ଉଲୁମ୍ ହକ୍କାନୀର ମୁଖ୍ୟ ଥିଲେ ହକ୍ (୮୨)। କଠୋରପନ୍ଥୀ ରାଜନୈତିକ ଦଳ ଉଲେମା-ଇ-ଇସ୍‌ଲାମ-ସାମୀ (ଜେୟୁଆଇ-ଏସ୍)ର ସେ ମଧ୍ୟ ସୁପ୍ରିମୋ ଥିଲେ ବୋଲି ଜିଓ ନ୍ୟୁଜ୍ ଏବଂ ଡନ୍ ରିପୋର୍ଟରୁ ପ୍ରକାଶ। ପାକିସ୍ତାନର ସାଧାରଣ ନିର୍ବାଚନ ଲାଗି ସେ ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସହ ମେଣ୍ଟ କରିଥିଲେ।



ସାମିଉଲ୍ ହକ୍ ରହୁଥିବା ବାସଭବନକୁ ପ୍ରବେଶ କରି ବନ୍ଧୁକଧାରୀ ଆଖିବୁଜା ଗୁଳିଚାଳନା କରିଥିଲେ ବୋଲି ତାଙ୍କ ପୁଅ କହିଛନ୍ତି।




# ଧରିତ୍ରୀ
DHARITRI






**କନ୍ଧମାଳ ହଳଦୀ କିଣିଲେ ସୋନିଆ**

ନୂଆଦିଲ୍ଲୀର ଜନପଥ ରୋଡ୍‌ରେ ଚାଲିଥିବା ଜୈବିକ ମହୋତ୍ସବରେ ଉପା ଅଧକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ କିଣିଛନ୍ତି।


୦୬



୦୯


**ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ବେଙ୍ଗାଲୁରୁରେ ପ୍ରାକ୍-ପରିଣୟ ଉତ୍ସବ ପାଳନ କରିଛନ୍ତି ।



## ସୁପ୍ରିମକୋର୍ଟରେ ୪ ନୂଆ ବିଚାରପତି

ନୂଆଦିଲ୍ଲୀ,୨।୧୧(ପି.ଟି.)

ସୁପ୍ରିମକୋର୍ଟର ବିଚାରପତିଙ୍କ ଟିମ୍‌ରେ ଆଉ ୪ ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତର ବିଚାରପତି ଭାବେ ଶୁକ୍ରବାର ଜଷ୍ଟିସ୍ ହେମନ୍ତ ଗୁପ୍ତା, ଆର୍. ସୁଭାଷ ରେଡ୍ଡୀ, ଏମ୍.ଆର୍. ଶାହ ଏବଂ ଅଜୟ ରସ୍ତୋଗୀ ଶପଥ ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ କୋର୍ଟ ନମ୍ବର ୧ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ୪ ନୂଆ ବିଚାରପତିଙ୍କ ନିଯୁକ୍ତି ସଂକ୍ରାନ୍ତ କଲେଜିୟମ୍‌ର ସୁପାରିସକୁ ଗୁରୁବାର ମୋହର ମାରିଥିଲେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ପ୍ରକାଶ ଯେ, ସର୍ବୋଚ୍ଚ ଅଦାଲତରେ ବିଚାରପତିଙ୍କ ସଂଖ୍ୟା ୩୧ ରହିବ ବୋଲି ମଞ୍ଜୁର ହୋଇଛି। ୪ ନୂଆ ବିଚାରପତିଙ୍କୁ ମିଶାଇଲେ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୨୮ ହୋଇଛି। ଆହୁରି ୩ ବିଚାରପତି ପଦବୀ ଏବେ ବି ଖାଲିପଡ଼ିଛି।

■ ୯ ଯାଏ ଜାରି ରହିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ୩ ଜଣଙ୍କୁ ବାର୍‌ରୁ ବହିଷ୍କାର

କଟକ ଅଫିସ, ୨।୧୧

ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ମାଡ଼ି ମାରିଥିବା ୫ଜଣ ପୋଲିସ କର୍ମଚାରୀଙ୍କୁ ଆଇପିସି ଦଫା ୩୦୭ ଅନୁଯାୟୀ ଗିରଫ ଦାବିରେ ଅଟଳ ରହିଛି ହାଇକୋର୍ଟ ବାର୍ ଆସୋସିଏଶନ। ଶୁକ୍ରବାର ଆସୋସିଏଶନର ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ୯ ତାରିଖ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ☞ପୃଷ୍ଠା–୬




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ହକି ଖେଳି ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲକୁ ଉଦ୍‌ଘାଟନ କରୁଛନ୍ତି । (ଫଟୋ: ବିକାଶ ନାୟକ)

■ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆରମ୍ଭ

# ହକି ବିଶ୍ୱକପ ସ୍ମରଣୀୟ ସ୍ମୃତି ଛାଡ଼ିବ

ଭୁବନେଶ୍ୱର, ୨।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ନୂଆ ଫର୍ଦ୍ଦ। ଏଠାରେ ଆୟୋଜିତ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେଇଛନ୍ତି ଦେଶ ବିଦେଶର କିମ୍ବଦନ୍ତୀ ଖେଳାଳି, ପୁସ୍ତକ ରଚୟିତା ଓ କ୍ରୀଡ଼ା ସାମ୍ବାଦିକ। ଏହି ସମାରୋହରେ ହୋଇଛି ଖେଳ–ସାହିତ୍ୟର ଅପୂର୍ବ ସମ୍ମିଶ୍ରଣ। ଦେଶ ବିଦେଶର ବକ୍ତାଙ୍କ ଉପସ୍ଥିତିରେ ସୃଷ୍ଟି ହୋଇଛି ଭିନ୍ନ ପରିବେଶ। ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ‘‘ତାରକା ଖଚିତ ଏଭଳି ଏକ ଇଭେଣ୍ଟ ଏଠାରେ ଆୟୋଜନ ହୋଇଥିବାରୁ ମୁଁ ବହୁତ ଖୁସି। ବିଶ୍ୱର ପ୍ରତିଷ୍ଠିତ କ୍ରୀଡ଼ାବିତ୍, କୋଚ୍

**ଖେଳ-ସାହିତ୍ୟର ମହୋତ୍ସବ ଉତ୍ସାହ ଭରିଛି: ମୁଖ୍ୟମନ୍ତ୍ରୀ**

ଓ ଖେଳାଳିଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକର ଲେଖକମାନେ ଖେଳକୁ ସମର୍ଥନ ଜଣାଇବା ପାଇଁ ଏଠାରେ ଏକତ୍ରିତ ହୋଇଛନ୍ତି। ହକି ବିଶ୍ୱକପ ପୂର୍ବରୁ ଏଠାରେ ସେମାନଙ୍କର ଉପସ୍ଥିତି ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିଛି। ମୁଁ ସମସ୍ତଙ୍କୁ ଓଡ଼ିଶାକୁ ସ୍ୱାଗତ କରୁଛି’’ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ।

ଭୁବନେଶ୍ୱରରେ ବିଶ୍ୱକପ ଆୟୋଜନ ଆମପାଇଁ ଗର୍ବର ବିଷୟ। ଅନେକ ଦଶନ୍ଧି ଧରି ଓଡ଼ିଶା ହକିର ଏନ୍ତୁଡ଼ିଶାଳ ପାଲଟି ଯାଇଛି। ଓଡ଼ିଶାରୁ ଅନେକ ଖେଳାଳି ଜାତୀୟ ଦଳରେ ପ୍ରତିନିଧିତ୍ୱ କରି ସାରିଛନ୍ତି। ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବକୁ ଚିତ୍ତାକର୍ଷକ କରି ଖେଳ ପ୍ରତି ପ୍ରତିଶ୍ରୁତିବଦ୍ଧତାକୁ ଆମେ ଏକ ଭିନ୍ନସ୍ତରକୁ ନେବାକୁ ଯାଉଛୁ। ଯାହାକି ବିଶ୍ୱର ହକିପ୍ରେମୀଙ୍କ ମନରେ ଦୀର୍ଘଦିନ ସ୍ମରଣୀୟ ହୋଇ ରହିବ। ଦର୍ଶକମାନଙ୍କୁ ଆମେ ଅବିସ୍ମରଣୀୟ ବିଶ୍ୱକପ ଭେଟି ଦେବାକୁ ଚାହୁଁ। ଏଥିରେ ଭାଗ ନେବାକୁ ଯାଉଥିବା ୧୬ଟି ଯାକ ଦଳ ଖେଳୁଆଡ଼ ମନୋଭାବ ନେଇ ଖେଳିବେ ବୋଲି ମୁଁ ଆଶା କରୁଛି। ହକିର ମହାକୁମ୍ଭ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଥିବାରୁ ଏ ସମ୍ପର୍କରେ ସ୍ୱାଭାବିକଭାବେ ଆଲୋଚନା ଚାଲିଛି। ତେବେ ଲୋକମାନେ ଯେପରି କେବଳ ହକି ନୁହେଁ, ସବୁ ଖେଳ ସମ୍ପର୍କରେ ☞ପୃଷ୍ଠା–୬

# ୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨।୧୧(ବ୍ୟୁରୋ)

■ ଟିଡିସିସିକୁ ଋଣ ମୁକ୍ତ କଲେ ସରକାର

■ ଏସ୍‌ସି/ଏସ୍‌ଟି ଛାତ୍ରୀନିବାସ, ଛାତ୍ରାବାସ ଦାୟିତ୍ୱରେ ରହିବେ ଡବ୍ଲ୍ୟୁଇଓ

■ ପୁନର୍ଗଠନ ହେଲା ଓଡ଼ିଶା କୃଷି ଉଦ୍ୟାନ ସେବା, ଭୂ ବିଜ୍ଞାନ କ୍ୟାଡର

ଜନଜାତିମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଗଠନ ହୋଇଥିବା ଜନଜାତି ଉନ୍ନୟନ ସମବାୟ ନିଗମ(ଟିଡିସିସି)କୁ ରାଜ୍ୟ ସରକାର ଦେଇଥିବା ମୂଳ ଓ ସୁଧ ରାଶିକୁ ଛାଡ କରି ଦେବେ। ଏ ପର୍ଯ୍ୟନ୍ତ ଥିବା ଟିଡିସିସି ଉପରେ ରାଜ୍ୟ ସରକାରଙ୍କର ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ବଳକା ଥିବା ଋଣ ଏବଂ ଏହାର ସୁଧ ବାବଦ ବାକି ରହିଥିବା ୩୬.୩୯ କୋଟି ଟଙ୍କାକୁ ପୁଞ୍ଜିନିବେଶରେ ପରିବର୍ତ୍ତନ କରାଯିବ। ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ଜନଜାତିମାନଙ୍କର ଆର୍ଥିକ ବିକାଶ ପାଇଁ ୧୯୬୭ରେ ଟିଡିସିସି ଗଠନ କରାଯାଇଥିଲା। ଜନଜାତିମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ତଥା ବଳାକ କୃଷି ଜାତ ଦ୍ରବ୍ୟଗୁଡ଼ିକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ବିକ୍ରି କରିବା ଏହି ସଂସ୍ଥାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟ ସମ୍ପାଦନ କରିବାକୁ ରାଜ୍ୟ ସରକାର ଉକ୍ତ ସଂସ୍ଥାକୁ ବିଭିନ୍ନ ସମୟରେ ଋଣ ପ୍ରଦାନ କରିଥାଆନ୍ତି। ୧୯୯୧ରେ ସରକାରଙ୍କ ଦ୍ୱାରା ମହୁଲ ଫୁଲ ସଂଗ୍ରହ ବିକେନ୍ଦ୍ରୀକରଣ କାର୍ଯ୍ୟକ୍ରମରେ ଟିଡିସିସିକୁ ୧୦.୬୫ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ୨୦୧୫ ଜାନୁୟାରୀ ୩୧ ସୁଦ୍ଧା ଏହି କ୍ରମ ବର୍ଦ୍ଧିଷ୍ଣୁ କ୍ଷତିର ପରିମାଣ ୫୨.୭୮ କୋଟି ଟଙ୍କାରେ ପହଞ୍ଚିଛି। ଇତି ମଧ୍ୟରେ ଟିଡିସିସି ୧୪.୩୪ କୋଟି ସରକାରୀ ଋଣ ପରିଶୋଧ କରିସାରିଛି। ଋଣ ବକେୟା ଥିବାରୁ ଉକ୍ତ ସଂସ୍ଥା ବଜାରରୁ ଆବଶ୍ୟକତା ଅନୁଯାୟୀ ଋଣ ଉଠାଇ ପାରୁ ନ ଥିଲା। ରାଜ୍ୟ ସରକାର ଉକ୍ତ ମୂଳ ଓ ସୁଧକୁ ପୁଞ୍ଜି ଆକାରରେ ପରିବର୍ତ୍ତନ କରିବା ଦ୍ୱାରା ଏଣିକି ଟିଡିସିସି ବାହାରୁ ଋଣ ଆଣି ପାରିବ। ଯାହାକି ମାଣ୍ଡିଆ ,ବାଜରା ଆଦି କ୍ରୟ କରିବାରେ ସେହି ସଂସ୍ଥାକୁ ସହଜ ହେବ। ଶୁକ୍ରବାର ସଚିବାଳୟଠାରେ ☞ପୃଷ୍ଠା–୬

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଡୋଭାଲଙ୍କ ହାତମୁଠା ଟାଣ

**ଆଜିର ମନ୍ତବ୍ୟ**

ପିଲାଙ୍କୁ କେବଳ ଜ୍ଞାନ ନୁହେଁ, ବରଂ ସବୁ କଥାର ମୂଲ୍ୟବୋଧ ହୃଦୟଙ୍ଗମ କରାଇବା ଉଚିତ ।

– ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ସେବା କ୍ଷେତ୍ରକୁ ପ୍ରଦାନ କରୁଥିବା ଅଗ୍ରୀମରେ ୨୪%କୁ ବୃଦ୍ଧି ଘଟିଛି। ଏହା ଗତ ବର୍ଷ ସମାନ ସମୟରେ ୭% ରହିଥିଲା।

–ଆର୍‌ବିଆଇ






■ କେନ୍ଦ୍ରୀୟ ଟିମ୍‌ର ଗଜପତି ଜିଲା ଗସ୍ତ

# ଗଙ୍ଗାବାଡ଼ ପଞ୍ଚାୟତ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କଲେ

ପାରଳାଖେମୁଣ୍ଡି, ୨।୧୧(ସ୍ୱ.ପ୍ର.)

‘ତିତ୍‌ଲି’ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରଭାବରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ୭ଜଣିଆ କେନ୍ଦ୍ରୀୟ ଟିମ୍ ଶୁକ୍ରବାର ଗଜପତି ଜିଲା ଗସ୍ତରେ ଆସିଥିଲେ। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ୍.କେ.ସାହିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲାର ସର୍ବାଧିକ କ୍ଷତିଗ୍ରସ୍ତ ତଥା ଜୀବନହାନୀ ଘଟିଥିବା ରାୟଗଡ ବ୍ଲକ ଅଧୀନ ଗଙ୍ଗାବାଡ ପଞ୍ଚାୟତ ବୁଲି କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ବିପନ୍ନଙ୍କୁ ଭେଟିଥିଲେ। ପରେ ପାରଳାଖେମୁଣ୍ଡି ଫେରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ



ବାରଘର ଗ୍ରାମରେ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି କେନ୍ଦ୍ରୀୟ ଟିମ୍।

ସାହୀଙ୍କ ନେତୃତ୍ୱରେ ଆସିଥିବା ଏହି କେନ୍ଦ୍ରୀୟ ଅନୁଧ୍ୟାନକାରୀ ପ୍ରତିନିଧି ଦଳରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନ ସିଇଏର ମୁଖ୍ୟଯନ୍ତ୍ରୀ ବନ୍ଦନା ସିଂଘାଲ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ଆଞ୍ଚଳିକ ନିର୍ଦ୍ଦେଶକ ରାକେଶ କୁମାର, କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ ଆଞ୍ଚଳିକ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ସାମଲ, ପାଟନା କୃଷି ଯୋଗାଯୋଗ ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ବୀରେନ୍ଦ୍ର ସିଂ, କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅଣ୍ଡର ସେକେଟାରି ଗୁଲଜାରୀ ଲାଲ, ଅର୍ଥ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ (ଖର୍ଚ୍ଚ) ଆର୍.ବି.କୌଲ ରହିଥିଲେ। ଅନୁଧ୍ୟାନକାରୀ ଦଳ ପ୍ରଥମେ ରାୟଗଡ ବ୍ଲକ ଯାଇ ଗଙ୍ଗାବାଡ, ଖମ୍ବଗାଁ, ମାଣିକପାଟଣା, ବୁରିଙ୍ଗି, ଛାମୁଣ୍ଡିଆ ଓ ବାରଘର ପ୍ରଭୃତି ଗ୍ରାମ ପରିଦର୍ଶନ କରିଥିଲେ। ଏହି ସବୁ ଗ୍ରାମରେ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ଲୋକମାନଙ୍କୁ ଭେଟିଥିଲେ। ସେମାନଙ୍କଠାରୁ ବାତ୍ୟା ଦିନର ଘଟଣା ଓ ପରବର୍ତ୍ତୀ ସମୟରେ ପ୍ରଶାସନର ସହାୟତା, ଥଇଥାନ କାର୍ଯ୍ୟ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ବାରଘର ଗ୍ରାମରେ ଭୂସ୍ଖଳନ ତଥା ପାହାଡ ଧସିବା ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ରାସ୍ତା, ଜଙ୍ଗଲ ନଷ୍ଟ ପ୍ରଭୃତି ଦେଖି ବାରଘର ଗ୍ରାମବାସୀଙ୍କୁ ପାହାଡ଼ ତଳି ଅଞ୍ଚଳକୁ ଚାଲିଆସି ବସବାସ କରିବା ☞ପୃଷ୍ଠା–୬






ଅନିବାର୍ଯ୍ୟ କାରଣବଶତଃ କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE
02.11.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 72 | 122 | 132 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 75 | 126 | 136 |

Eggs Retail Price- 50/-Dozen
Issued in the Interest of Consumers
*Conditions Apply


## ସମସ୍ୟା ଯୋଗୁ ଛାତ୍ରାବାସ ଛାଡ଼ିଲେ ଅନ୍ତେବାସୀ

### ବୁଝାଶୁଝା ପରେ ଫେରିଲେ

ମାଲକାନଗିରି/ବାଲିମେଳା, ୨।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ଗୁରୁବାର ରାତିରେ ଛାତ୍ରମାନେ ଛାତ୍ରାବାସ ଛାଡ଼ିଥିଲେ। ସମ୍ପୃକ୍ତ ଛାତ୍ରାବାସର ଅଧୀକ୍ଷକ ବିଭିନ୍ନ ସମୟରେ ଅନୁପସ୍ଥିତ ରହୁଥିବା ବେଳେ ବିଦ୍ୟୁତ୍, ପାନୀୟ ଜଳର ସମସ୍ୟା ଲାଗି ରହୁଛି। ରାତି ଭୋଜନ ରୋଷେଇ କରାଯାଉ ନ ଥିବା ଆଦି ବିଭିନ୍ନ ସମସ୍ୟା ରହିଛି। ଏହାର ସମାଧାନ କରାଯାଉ ନ ଥିବାରୁ ପ୍ରାୟ ୪୦ ଜଣ ଅନ୍ତେବାସୀ ଛାତ୍ରାବାସ ଛାଡ଼ି ଘରକୁ ଚାଲି ଯାଉଥିଲେ। ଏନେଇ କେତେକ ଗ୍ରାମବାସୀ ଜାଣିବାକୁ ପାଇ ପୋଲିସକୁ ସୂଚନା ଦେଇ ଛାତ୍ରୀଛାତ୍ରଙ୍କୁ ☞ପୃଷ୍ଠା–୬




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ସାୟେଶା
ପରିବାରବର୍ଗ


ଜାଗୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

### real estate

## SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9348253463, 8908292617.** D-9237

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30ft road ଥାଇକି ଅଗ୍ରିମ boundary wall electry, gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-9147

ଖୋର୍ଦ୍ଧା Jupiter +2 science କଲେଜକୁ ଲାଗି ଘର ଉପଯୋଗୀ ପ୍ଲଟ ମିଳୁଅଛି। 9583032439. D-64359

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089507 9040089501. D-58001

First boundary then registration with yellowzone plot at Trisulia. Rs. 750/- (per sqft.) Contact: 7873739444, 9938308889. D-9200

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-9236

Gharabari plot 1560 sqft. behind Utkal Hieghts for sale, BBSR. 7327095483. D-9190

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-9215

**Gharabari plot sale, Bhubaneswar at Tankapani road near Jagannath Ashram with boundary, gate 100% litigation free, 5040 sqft. Conatct: 8658200215, 7978850899.** D-9176

Bhubaneswar NH- side Janla ପାଖରେ boundary plot ବିକ୍ରିହେବ। 9438859527, 9853333043. D-9213

ଭୁବନେଶ୍ୱର ନୂଆଗାଁ ପେଟ୍ରୋଲଟାଙ୍କି ନିକଟରେ ୧୮୦୦ ସ୍କୋୟାରଫୁଟ ଘରବାରି ପ୍ଲଟ ବିକ୍ରିହେବ। 9437287595. D-9174

Ready 1R, 1BR, 2BR, 3BR flats (10 to 30) lakhs near Seabeach Puri. 9776080988, 9437493502. D-63925

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ low costରେ ମିଳୁଅଛି। First possession then registration. 8847851850. D-64362

କେଶୁରାରେ ଘରବାରି plot sqft. 1000/-ରେ immediate ଘରକରି ରହିବା ପାଇଁ ମିଳୁଛି। 9178031478. D-64631

Khordha Malipada National Highway road ପାଖରେ opposite of Bhubaneswar Engineering College boundary ସହିତ 2000 sqft. plot ବିକ୍ରିହେବ। 9178031478. D-64632

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

## PURCHASE

Required urgently 1/2/3/4 BHK simplexes, duplexes, flats for exclusive marketing. Bhubaneswar. 07750085903. D-9214

### construction

Construct your building in finished house contact: 9937064680. D-27282

For construction of residential/ commercial buildings. Please Conatct: 7008268129, 9439143273. D-62134

### to-let

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

### packers & movers

Samal Packer Movers provide household shifting in reasonable price. 9437035016. D-63864

### healthcare

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Madam Monalisa massage club-50% discount full body massage by hiprofile smart lady therapist. 9708545108. D-9167

New new openeing full body massage ladies, gents. 7438851534, 7609923705. D-38540

### business

Contact for Tissue Culture Banana plants. 9853429105, 7377162775. D-9227

## LOST

ମୁଁ ଶ୍ରୀ ମନୋଜ କୁମାର ମଳିକ, ବୟସ- ୩୨ ବର୍ଷ, ପିତା- ବଟକୃଷ୍ଣ ମଳିକ, ସା- ବୈଦିମାଳ, ସାମିଲ୍- ଚଣ୍ଡିଆଗଡ଼ି, ପୋ- ମାଳପାଟଣା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା ଗତ ୧୯।୧୦।୧୮ ତାରିଖ ସନ୍ଧ୍ୟାରେ ଆଳି ନୂଆବଜାରକୁ ଜେରକ୍ସ କରିବାକୁ ନେଇଥିବା ପଟ୍ଟା ଓ କବଲା ହଜିଯାଇଛି। ମୋର ଓରିଜିନାଲ ପଟ୍ଟା ଖାତା ନମ୍ବର ୯୦୩/୨୫୪, ପ୍ଲଟ୍ ନମ୍ବର ୧୭୭୩, ମୌଜା- ଚଣ୍ଡିଆଗଡ଼ି ଓ କବଲା ନମ୍ବର ୧୦୮୬ କେଉଁଠାରେ ହଜିଯାଇଛି। ଏହି ଘୋଷଣା କରୁଛି କି ଏହା ଦରକାର ବେଳେ କର୍ମରେ ଆସିବ। ମନୋଜ କୁମାର ମଳିକ, ବୈଦିମାଳ, ଚଣ୍ଡିଆଗଡ଼ି, ଆଳି, କେନ୍ଦ୍ରାପଡ଼ା। ଧ-୯୨୩୮

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar on dated 26th October, 2018. I have changed my name from Dhrubendranath Soren to Rakesh Soren. Henceforth, I shall be known as Rakesh Soren for all purpose. D-65046

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


■ ମାଓବାଦୀ ସଙ୍ଗଠନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି

# ଗଣମାଧ୍ୟମ ପ୍ରତିନିଧି ଆମର ଶତ୍ରୁ ନୁହନ୍ତି, ମିତ୍ର

## ଅଚ୍ୟୁତାନନ୍ଦଙ୍କ ବିୟୋଗରେ ଦୁଃଖ ପ୍ରକାଶ କଲା ସଙ୍ଗଠନ

ମାଲକାନଗିରି, ୨।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ଦାନ୍ତେୱାଡ଼ା ଜିଲାର ଅରନପୁର ନିକଟରେ ଗତ ୩୦ରେ ମାଓବାଦୀଙ୍କ ଆକ୍ରମଣରେ ଓଡ଼ିଆ କ୍ୟାମେରାମ୍ୟାନ ଅଚ୍ୟୁତା ନନ୍ଦ ସାହୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମାଓବାଦୀ ସଙ୍ଗଠନ ଦୁଃଖ ପ୍ରକାଶ କରିଛି। ଛତିଶଗଡ଼ରେ ବିଧାନସଭା ନିର୍ବାଚନ ଏକ ମିଥ୍ୟା ନିର୍ବାଚନ ବୋଲି ମାଓବାଦୀ ସଙ୍ଗଠନ ଅଭିହିତ କରିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଛତିଶଗଡ଼ରେ ବହୁ ସଂଖ୍ୟକ ପୋଲିସ ମୁତୟନ କରାଯାଇଛି। ଏଥିସହ ସେଠାକାର ପୋଲିସ ପ୍ରତିଦିନ ମିଥ୍ୟା ଆତ୍ମ ସମର୍ପଣ, ଗିରଫ କରିଥିବା ନେଇ ନାଟକ କରି ଗଣମାଧ୍ୟମ ସମ୍ମୁଖରେ ନିରୀହ ଲୋକଙ୍କୁ ଦେଖାଉଥିବା ସଙ୍ଗଠନ ଅଭିଯୋଗ କରିଛି। ପୋଲିସର ଏହି ଆଭିମୁଖ୍ୟ ବିରୋଧରେ ଅରନପୁର ନିକଟରେ ମାଓବାଦୀ ସଙ୍ଗଠନ ପକ୍ଷରୁ ଆମ୍ବୁସ ଲଗାଯାଇଥିଲା । ଏହି ସମୟରେ ଦୂରଦର୍ଶନ ଟିମ୍ ପୋଲିସ ସହ ଥିବା ତାଙ୍କ ସଙ୍ଗଠନକୁ ସୂଚନା ମିଳି ନ ଥିଲା ବୋଲି ଏହି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି । ଗଣମାଧ୍ୟମର ପ୍ରତିନିଧିମାନେ ମାଓବାଦୀ ସଙ୍ଗଠନର ଶତ୍ରୁ ନୁହନ୍ତି, ବରଂ ସେମାନେ ମିତ୍ର ବୋଲି ସେମାନେ ପ୍ରକାଶ କରିଛନ୍ତି। ଏଥିସହ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ସିପିଆଇ ମାଓବାଦୀ ଦରଭା ଡିଭିଜନ କମିଟିର ସଚିବ ସାଇନାଥ ଦୁଃଖ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ କୌଣସି କର୍ମଚାରୀ କିମ୍ବା ଗଣମାଧ୍ୟମ ପ୍ରତିନିଧି ପୋଲିସ ସହ ନ ଯିବାକୁ ପରାମର୍ଶ ଦେଇଛନ୍ତି । ଛତିଶଗଡ଼ ବିଧାନସଭା ନିର୍ବାଚନକୁ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।


ମାଓବାଦୀମାନେ ଜାରି କରିଥିବା ବିଜ୍ଞପ୍ତି।

■ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ଡିନ୍‌ଙ୍କ ପ୍ରତିଶ୍ରୁତି

# ଇସ୍ତଫା ପତ୍ର ଫେରାଇ ନେଲେ ୪ ଡାକ୍ତର

## ସ୍ୱାଭାବିକ ହେଲା ମେଡିକାଲ କଲେଜରେ ରୋଗୀସେବା

କୋରାପୁଟ,୨।୧୧(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଖାଲିଥିବା ଡାକ୍ତରଙ୍କ ପଦବୀ ପୂରଣ ନେଇ ମେଡିକାଲ କଲେଜର ଡିନ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ ପ୍ରତିଶ୍ରୁତି ଦେବା ପରେ ଇସ୍ତଫା ଦେଇଥିବା ଭେଷଜ ବିଭାଗର ୪ ଡାକ୍ତର ସେମାନଙ୍କ ଇସ୍ତଫାପତ୍ର ଫେରାଇ ନେଇ କାର୍ଯ୍ୟରେ ଯୋଗଦେଇଛନ୍ତି। । ଫଳରେ ମେଡିକାଲ କଲେଜର ରୋଗୀ ସେବା ସ୍ୱାଭାବିକ ହୋଇଛି । ଦରମା ବନ୍ଦ ନିର୍ଦ୍ଦେଶର ପ୍ରତିବାଦ କରି ଗୁରୁବାର ମେଡିକାଲ କଲେଜର ଭେଷଜ ବିଭାଗର ଡାକ୍ତର ଗୁରୁପଦ ଦାସ, ଡାକ୍ତର ଶଶୀଭୂଷଣ ସୂତାର, ଡାକ୍ତର ମନୋଜ କିଶାନ, ସ୍ୱପ୍ନ ସ୍ୱରୂପ ସାହୁ ଗୁରୁବାର ନିଜ କାର୍ଯ୍ୟରୁ ଇସ୍ତଫା ଦେଇଥିଲେ। ଯାହାଦ୍ୱାରା ମେଡିକାଲ କଲେଜରେ ରୋଗୀସେବା ପ୍ରଭାବିତ ହୋଇଥିଲା । ଏହି ଘଟଣା ପରେ ମେଡିକାଲ କଲେଜର ଡିନ ତଥା ଅଧକ୍ଷ ବିଶ୍ୱାଳ ଏହି ୪ ଜଣ ଡାକ୍ତରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ସହିତ ଭେଷଜ ବିଭାଗର ଖାଲିଥିବା ଜେଆର ଡାକ୍ତରଙ୍କ ପଦବୀ ପୂରଣ ନେଇ ସଚିବଙ୍କୁ ଅବଗତ କରାଇଥିଲେ। ପରେ ସଚିବଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ପଦବୀ ଶୀଘ୍ର ପୂରଣ କରାଯିବ ବୋଲି ସମ୍ପୃକ୍ତ ଡାକ୍ତରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରଠାରୁ ମେଡିକାଲ କଲେଜରେ ଭେଷଜ ଅନ୍ତଃ ବିଭାଗ ଓ ବହିଃ ବିଭାଗରେ ରୋଗୀସେବା ଶୁକ୍ରବାର ସ୍ୱାଭାବିକ ହୋଇଛି । ଆଲୋଚନା ପରେ ବାୟୋମେଟ୍ରିକ ମେଶିନ ମଧ୍ୟ ମେଡିକାଲ କଲେଜରେ ରହିବ ବୋଲି ନିଷ୍ପତ୍ତି ହୋଇଛି।


# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶାନ୍ତିଲତା ବେହେରା**

ଗ୍ରାମ- ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୧।୧୯୬୬
ତିରୋଧାନ: ୧୯।୧୦।୨୦୧୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ଗନ୍ଧର୍ବ ବେହେରା, ପୁତ୍ର- ସନ୍ଦୀପ, ପ୍ରଦୀପ, ଝିଅ- ଲିଜା। ଧ-୯୨୨୬

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ କାହ୍ନୁଚରଣ ଓଝା**

ଗୋପାଳପୁର, ଚୈନିପୁର, ଯାଜପୁର ଟାଉନ୍
ଆବିର୍ଭାବ: ୦୭।୧୧।୧୯୪୦
ତିରୋଧାନ: ୨୪।୧୦।୨୦୧୮
ତୁମର ଆଦର୍ଶ, ଶାନ୍ତସରଳ ସ୍ୱଭାବ, ଶ୍ରଦ୍ଧା, ସତ୍‌ଶିକ୍ଷା, ସହିଷ୍ଣୁତା, ଆମ୍ଭମାନଙ୍କର ଚିରସ୍ମରଣୀୟ ଓ ପଥପ୍ରଦର୍ଶକ ହୋଇ ରହିବ। ଆଜିର ଏକାଦଶାହ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ହତଭାଗିନୀ ଧର୍ମପତ୍ନୀ, ଝିଅ ଓ ଜ୍ୱାଇଁ: ଟୁନି-ଦୟା, କୁନି-ମଧୁ, ଇନୁଆ-ଭବାନୀ, ପୁତ୍ର ଓ ପୁତ୍ରବଧୂ: ବାବୁ-ନିଧି, ଟୁଲୁ-ଝୁନୁ, ମୁନା-ମୁନୀ, ମିଲନ୍-ଝିଲି, ନାତିନାତୁଣୀ: ବର୍ଷି, ଚିକୁ, ରିକୁ, ପିକୁ, ଇଭା, ଗୁଡି, ସୁଜଳ, ଲିଟିଲ, ପୁଚୁ, ଖୁସି ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୬୪୭୩୫

### ଶ୍ରଦ୍ଧାଞ୍ଜଳି

ଦ୍ୱାଦଶାହ ଉପଲକ୍ଷେ



**୰ ସୁକାନ୍ତ କୁମାର ଦାଶ**

୧୯୫୨-୨୦୧୮
ମହିଧରପଡ଼ା, କଟକ
ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶିର୍ବାଦ ଭରାହାତ ସଦା ଥାଉ ଆମ ଉପରେ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦ୍ୱାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକ ସନ୍ତପ୍ତ :**
ପତ୍ନୀ-ମନୋରମା, ପୁତ୍ର- ସତ୍ୟେନ , ଝିଅ-ଡକ୍ଟର ଶ୍ୱେତା, ଜ୍ୱାଇଁ- ସନତ, ବୋହୂ- କସ୍ତୁରୀ, ଏକମାତ୍ର ନାତୁଣୀ ତାନ୍‌ସୀ, ଦୁଇ ଭାଇ, ତିନି ଭଉଣୀ, ବନ୍ଧୁ ଏବଂ ପ୍ରିୟଜନ।
ଧ-୯୨୪୧

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା**

କବିରାଜ ଭବନ, ଆସିକା, ଗଞ୍ଜାମ
ଆବିର୍ଭାବ: ମହାଶିବରାତ୍ରି, ୧୯୧୪
ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ, ୨୦୦୬
ଆପଣଙ୍କ ଆଦର୍ଶ ଆମମାନଙ୍କର ପାଥେୟ। ଶୋକସନ୍ତପ୍ତ: ପୁତ୍ର- ପ୍ରଶାନ୍ତ, ବୋହୂ-ବିଜୟଲକ୍ଷ୍ମୀ, ଝିଅ-ରଞ୍ଜିତା, ଜ୍ୱାଇଁପୁଅ-ଏନ୍.ସି. ପାଢୀ ଓ ବନ୍ଧୁବର୍ଗ। ଧ-୯୨୪୦

### ୪ର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭୁବନେଶ୍ୱର ହୋତା (ଶିକ୍ଷକ)**

୧୯୩୮ ସାଲ- କମାଶାସନ
କେତେ ସ୍ନେହ ଢାଳୁଥିଲ ଆପଣ। ଶିରରେ, ସେଥିପାଇଁ ଲୁହ ଝରେ ସବୁରି ଆଖିରେ, କର୍ମ ହିଁ ଭଗବାନ, ଆପଣଙ୍କ ଏହି ମନ୍ତ୍ର ହିଁ ଆମର ପ୍ରେରଣା। ଶୋକସନ୍ତପ୍ତ: ପୁତ୍ର- ଗଦାଧର, ବିମ୍ବାଧର, ଭାଇ- ରବିନାରାୟଣ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୦୧୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବୁଧ ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ଭାଇ, ବନ୍ଧୁ, ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟମାନଙ୍କ ସାହାଯ୍ୟରୁ ଅର୍ଥ ପାଇବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଆଜି ବିବାଦୀୟ ଘଟଣାରେ କୌଣସି ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ଠିକ୍ ହେବ ନାହିଁ। କ୍ରୀଡା, ଚଳଚ୍ଚିତ୍ର, ସାହିତ୍ୟ,କଳା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ସପ୍ତମାଧିପ ମଙ୍ଗଳ ଧନିଷ୍ଠା ନକ୍ଷତ୍ରସ୍ଥ ହେତୁ ଗତକାଲି ଠାରୁ ସ୍ଥିର କରିଥିବା ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ସତର୍କତା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି।

**ମିଥୁନ** ରାହୁ ନକ୍ଷତ୍ରସ୍ଥ ରବିଙ୍କ କାରଣରୁ ଦିନଟିରେ ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରିରଖିବ। ବହୁତ ଦିନରୁ ଚେଷ୍ଟା କରି ମଧ୍ୟ ପାଇ ନ ଥିବା ପ୍ରାପ୍ୟଧନ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ** ଭାଗ୍ୟାଧିପ ବୃହସ୍ପତି ଏକାଦଶ ସ୍ଥାନକୁ ଦେଖୁଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କଚେରି ମାମଲା, ଜମିଜମା ସମ୍ପର୍କୀୟ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ** ଅଷ୍ଟମାଧିପ ଗୁରୁଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନ ଭଲ ରହିବ ନାହିଁ। ପରିବହନ, ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହେବ। ଅବଶ୍ୟ ପୂର୍ବ ପ୍ରସ୍ତୁତିକ୍ରମେ ବନ୍ଧୁମିଳନ ଓ ଦୂର ଯାତ୍ରା କରିପାରନ୍ତି।

**କନ୍ୟା** ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାମ ସମସ୍ୟା ବିଜଡିତ ସାଙ୍ଗକୁ ବହୁତ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇପାରେ।

**ତୁଳା** ଧନସ୍ଥାନରେ ବୁଧ ଓ ଗୁରୁଙ୍କ ସମାବେଶରୁ ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ ଏବଂ ବିଭିନ୍ନ ସ୍ତରରୁ ମଧ୍ୟ ଉପକୃତ ହେବେ। ବ୍ୟୟ ଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ବିଛା** ଜନ୍ମ ବୃହସ୍ପତିଙ୍କ କୁପ୍ରଭାବରେ କର୍ମକ୍ଷେତ୍ରର ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଓ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ତଥାପି କର୍ମସ୍ଥ ଚନ୍ଦ୍ର ଯୋଗୁ ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ଦୀର୍ଘ ଦିନରୁ ପଡିରହିଥିବା କାମଟିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ** ରାଶିରେ ଶନିଙ୍କ ସ୍ଥିତି କାରଣରୁ ଦିନ ତମାମ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ କିନ୍ତୁ ଉପଭୋଗ୍ୟ ନ ହୋଇପାରେ। ସାହିତ୍ୟ, ଭ୍ରମଣ, ରାଜନୀତି, ପ୍ରଶାସନ, ସାମ୍ବାଦିକତା, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** ଗ୍ରହମାନଙ୍କ ଅନୁକୂଳ ପ୍ରଭାବରେ କାର୍ଯ୍ୟସିଦ୍ଧି ସାଙ୍ଗକୁ ଅର୍ଥ ଓ ସୁନାମ ପାଇବେ। ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇ ଯିବାରୁ ମନ ମଧ୍ୟ ହାଲୁକା ରହିବ। ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** ନବମସ୍ଥ ବୃହସ୍ପତି ଅଷ୍ଟମାଧିପ ଯୁକ୍ତ ଜନିତ ବନ୍ଧୁ କିମ୍ବା ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ି ହେବ ନାହିଁ । ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦବିବାଦରେ ଆପୋସ ସମାଧାନ ଘଟିବ ଓ ଶତଭିଷା ବିଜୟୀ ହେବେ।

**ମୀନ** ଷଷ୍ଠସ୍ଥ ଚନ୍ଦ୍ର ଯାତ୍ରା,ନୂତନ କର୍ମାରମ୍ଭ ସକାଶେ ପ୍ରୀତିଦାୟକ ହେବ। ସାମାଜିକ ସ୍ତରରେ ବନ୍ଧୁ ମାନଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅନୁତାପ କରିବାକୁ ପଡ଼ିବ। ଆଲୋଚନା, ସଭାସମିତି, କ୍ରୀଡା, କଳା ଓ ଚଳଚ୍ଚିତ୍ର ଏବଂ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ରମା ଏକାଦଶୀ ଶନିବାର, ନଭେମ୍ବର ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୫୩ମି. ଗତେ ଘ୧।୨୭ମି. ମଧ୍ୟେ, ଘ୩।୪୨ମି. ଗତେ ଘ୫।୦୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୦୮ମି. ଗତେ ଘ୮।୪୨ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୪୧ମି. ଗତେ ଘ୧୦।୦୫ ମଧ୍ୟେ ରାହୁକାଳ।

ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ?

-ଶ୍ରୀମା

# ଡୋଭାଲଙ୍କ ହାତମୁଠା ଟାଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଂଯୁକ୍ତ ଗୋଇନ୍ଦା କମିଟି (ଜେଇସି)ର ପୂର୍ବତନ ଅଧ୍ୟକ୍ଷ ଆର୍.ଏନ୍. ରବିଙ୍କୁ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହାଦ୍ୱାରା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲଙ୍କ ହାତମୁଠା ଆହୁରି ଟାଣ ହେଲା ବୋଲି ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି। ରବି ହେଉଛନ୍ତି ତୃତୀୟ ଡେପୁଟି, ଯାହାଙ୍କୁ ଏନ୍ଏସ୍ଏଙ୍କୁ ରିପୋର୍ଟ କରିବାକୁ ପଡ଼ିବ। ଅନ୍ୟ ଦୁଇଜଣ ହେଉଛନ୍ତି ପୂର୍ବତନ ର' ସଚିବ ରାଜିନ୍ଦର ଖାନ୍ନା ଏବଂ ପୂର୍ବତନ କୂଟନୀତିଜ୍ଞ ପଙ୍କଜ ଶରଣ। ତେବେ ୧୯୭୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ହିସାବରେ ଡୋଭାଲଙ୍କ ଡେପୁଟିମାନଙ୍କ ଭିତରେ ରବି ହେଉଛନ୍ତି ବରିଷ୍ଠତମ। ଉଭୟ ଡୋଭାଲ ଓ ରବି ହେଉଛନ୍ତି କେରଳ କ୍ୟାଡର ଆଇପିଏସ୍ ଅଫିସର ଏବଂ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଥିବା ବିଶ୍ୱାସ କରାଯାଏ। ରବି ସରକାରଙ୍କ ତରଫରୁ ମଧ୍ୟସ୍ଥ ଭାବେ ନାଗା ଉଗ୍ରପନ୍ଥୀଙ୍କ ସହିତ କଥାବର୍ତ୍ତା କରି ଶାନ୍ତି ଫେରାଇ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୁନଶ୍ଚ ରବିଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ସଂଯୁକ୍ତ ଗୋଇନ୍ଦା କମିଟି ସମ୍ପୂର୍ଣ୍ଣରୂପେ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ନିୟନ୍ତ୍ରଣକୁ ଆସିଗଲା। କୁହାଯାଉଛି ଯେ, ଭାରତ ସୁରକ୍ଷା ନୀତିର ଆଭ୍ୟନ୍ତରୀଣ ଭାଗଟା ରବି ପରିଚାଳନା କରିବେ ଏବଂ ବାହ୍ୟ ଭାଗଟା ପଙ୍କଜ ଶରଣଙ୍କ ଦାୟିତ୍ୱରେ ରହିବ। ରାଜିନ୍ଦର ଖାନ୍ନା ନିର୍ଦ୍ଦିଷ୍ଟ ଭାବରେ ଗୋଇନ୍ଦା ଦିଗଟା ବୁଝିବେ। ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ରିୟଲ ଇଷ୍ଟେଟ୍‌ର ସମ୍ପ୍ରସାରଣ ଘଟିବ, ଅର୍ଥାତ୍ ନୂତନ କୋଠାବାଡ଼ି ତିଆରି ହୋଇ ମୂଳ ପ୍ରତିଷ୍ଠାନ ସହ ଯୋଗ କରାଯିବ।

### ପକ୍ଷାଘାତରେ ପିଇଏସ୍‌ବି

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ନିର୍ଦ୍ଧାରିତ ସାକ୍ଷାତ୍‌କାର ପରୀକ୍ଷାକୁ ସ୍ଥଗିତ ରଖିବାକୁ ପଡ଼ିଛି, କାରଣ ଲୋକ ଉଦ୍ୟୋଗ ନିଯୁକ୍ତି ବୋର୍ଡ (ପିଇଏସ୍‌ବି) ଜଣେ ମାତ୍ର ସଦସ୍ୟକୁ ହ୍ରାସପାଇ ଏକ ପ୍ରକାର ଅଚଳ ହୋଇପଡ଼ିଛି। ନୂତନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ସବୁ ପ୍ରକାର ସାକ୍ଷାତ୍‌କାର ପରୀକ୍ଷା ବନ୍ଦ ରଖିବା ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ବିଶୃଙ୍ଖଳା ଉପୁଜିବା ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ଗୁଡ଼ିକରେ ଅସନ୍ତୋଷ ବଢ଼ିବ। ବୋର୍ଡ ଇତିହାସରେ ବୋଧହୁଏ ପ୍ରଥମଥର ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ପିଇଏସ୍‌ବିର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀମତୀ ଗୌରୀ କୁମାର ଗତମାସରେ ଅବସର ନେବା ପରଠାରୁ ୧୯୮୧ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସୂଦନ ପ୍ରସାଦ ବସ୍ତୁତଃ ବୋର୍ଡର ଏକମାତ୍ର ସଦସ୍ୟ ଅଛନ୍ତି। ପାରମ୍ପରିକଭାବେ ପିଇଏସ୍‌ବି ନିଯୁକ୍ତି ସାକ୍ଷାତ୍‌କାର ପାଇଁ ତାରିଖ ନିର୍ଦ୍ଧାରଣ କରେ ଏବଂ ସାକ୍ଷାତ୍‌କାରର ୧୫ ଦିନ ପୂର୍ବରୁ ପ୍ରାର୍ଥୀମାନଙ୍କର ସଂକ୍ଷିପ୍ତୀକୃତ ତାଲିକା ପ୍ରକାଶ କରେ। ଯେହେତୁ ନିଯୁକ୍ତିର ସମୟସୀମା ବିଷୟରେ ବୋର୍ଡ ପାଖରେ କୌଣସି ଖବର ନାହିଁ, ତେଣୁ ଏହା ନିଯୁକ୍ତି ସାକ୍ଷାତ୍‌କାର ପରିଚାଳନା କରିବା ଲାଗି ଅପ୍ରତିଭ ହୋଇପଡୁଛି। ଉଲ୍ଲେଖନୀୟ ଯେ, ସଞ୍ଜୟ କୋଠାରି ୨୦୧୭ ଜୁଲାଇ ମାସରେ ରାଷ୍ଟ୍ରପତିଙ୍କ ସଚିବ ଭାବେ ରାଇସିଆନା ହିଲ୍‌କୁ ସ୍ଥାନାନ୍ତରିତ ହେବା ପରଠାରୁ ଉକ୍ତ ଚାରିଜଣିଆ ବୋର୍ଡ (ଅଧ୍ୟକ୍ଷ ସମେତ) ମୁଖ୍ୟବିହୀନ ହୋଇପଡ଼ିଥିଲା। ଅଂଶୁମାନ ଦାସ ବୋର୍ଡର ବରିଷ୍ଠତମ ସଦସ୍ୟ ହୋଇଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଗଲା। ସେ କିନ୍ତୁ ଅଗଷ୍ଟ ମାସରେ ଶ୍ରୀମତୀ ଗୌରୀ କୁମାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଦେଲେ। ତେଣୁ ପ୍ରାୟ ବର୍ଷକରୁ ଅଧିକ କାଳ ହେଲାଣି ପିଏସ୍‌ଇବି ସୀମିତ ଲୋକଶକ୍ତିକୁ ନେଇ ଚାଲିଛି। ଫଳରେ ସିପିଏସ୍‌ଇ ଓ ଅନ୍ୟ ଷ୍ଟେକ୍‌ହୋଲ୍‌ଡରଙ୍କ ମଧ୍ୟରେ ଅନିଶ୍ଚୟତାର ବାତାବରଣ ସୃଷ୍ଟି ହୋଇଛି।

### ପିଏମ୍‌ଓର ୨୦୧୯ ପାଇଁ ପ୍ରସ୍ତୁତି

୨୦୧୪ ମେ ମାସରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ ମୋଦି ସରକାର ପରିଚାଳିତ ହୋଇଆସୁଛି। ୨୦୧୯ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଗୁଜବ ଶୁଣିବାକୁ ମିଳୁଛି ଯେ, ଖୋଦ୍ ପିଏମ୍‌ଓରେ ମଧ୍ୟ ପୁନର୍ଗଠନ ହେବାର ସମ୍ଭାବନା ଅଛି। ପ୍ରଶାସନିକ ପରିଚାଳନାରେ ଦେଖାଦେଇଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସୁଧାରିବା ଲାଗି ଉଦ୍ୟମ କରାଯାଉଛି। ଜାଣିବା ଶୁଣିବା ମହଲରେ ବିଶ୍ୱାସ କରାଯାଉଛି ଯେ, ପିଏମ୍‌ଓରୁ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ବଦଳି କରାଯିବ। ତା' ସହ ବଡ଼ ବଡ଼ ପ୍ରସଙ୍ଗରେ ମୋଦିଙ୍କୁ ସହାୟତା କରିବା ଲାଗି ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍‌ଓରେ ନିଯୁକ୍ତି ଦିଆଯିବ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ପିଏମ୍‌ଓ ଟିମ୍‌ରେ ଆହୁରି ଅନେକ ପରିବର୍ତ୍ତନ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଯାହା ଜଣାଯାଏ, ଦୁଇ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପିଏମ୍‌ଓକୁ ଅଣାଯାଇ ଅତିରିକ୍ତ ଓ ଯୁଗ୍ମ ସଚିବ ପାହ୍ୟାରେ ନିଯୁକ୍ତି ଦିଆଯିବ। ଉତ୍ତରାଞ୍ଚଳ ରାଜ୍ୟର ଜଣେ ଆଇଆଇଟି କମ୍ପ୍ୟୁଟର ବିଜ୍ଞାନ ସ୍ନାତକରୁ ଆଇଏଏସ୍ ହୋଇଥିବା ଏବଂ ଦକ୍ଷିଣାଞ୍ଚଳ ରାଜ୍ୟରୁ ପ୍ରାଇଭେଟ୍ ସେକ୍ଟର ପୃଷ୍ଠଭୂମିର ଜଣେ ଯୁଗ୍ମ ସଚିବସ୍ତରୀୟ ଆଇଏଏସ୍ ଅଫିସରଙ୍କୁ ଟିମ୍ ପିଏମ୍‌ଓରେ ନିଯୁକ୍ତି ଦିଆଯାଇପାରେ। ଜଣେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଦେଖିବେ ଏବଂ ଆଉ ଜଣେ ଯୋଗାଯୋଗ, ଲୋକଙ୍କ ପାଖରେ ପହଞ୍ଚିବାର ରଣକୌଶଳ ପ୍ରସ୍ତୁତ କରିବେ, ଯାହା ମୋଦିଙ୍କୁ ପୁନଃ ନିର୍ବାଚିତ କରାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ।

Email: dilipcherian@gmail.com

# ଗଙ୍ଗା ପାବନ ପ୍ରହସନ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗଙ୍ଗାପୁତ୍ର ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ। ଜଣେ ବର୍ଷୀୟାନ୍ ସନ୍ଥ ଓ ପ୍ରଖ୍ୟାତ ପରିବେଶବିଜ୍ଞାନୀ। ପ୍ରଫେସର ଗୁରୁଦାସ ଅଗ୍ରୱାଲ ନାମରେ ପରିଚିତ ସ୍ୱାମୀ ସାନନ୍ଦ ପରିବେଶ ସୁରକ୍ଷା ପାଇଁ ଜାଳିଥିଲେ କ୍ରାନ୍ତିର ମଶାଲ। ଗଙ୍ଗାମାତାର ସୁରକ୍ଷା ଦାବି ନେଇ ଆମରଣ ଅନଶନ ଚଳାଇଥିବା ସ୍ୱାମୀ ସାନନ୍ଦ ଶେଷରେ ୧୧।୧୦।୨୦୧୮ରେ ଆରପାରିକି ଚାଲିଗଲେ ସରକାରୀ ଉଦାସୀନତାର ଶିକାର ହୋଇ। ତାଙ୍କ ଭଳି ଜଣେ ପ୍ରଖ୍ୟାତ ପରିବେଶବିତ୍‌ଙ୍କୁ ଜାଣିଶୁଣି ମୃତ୍ୟୁମୁହଁକୁ ଠେଲିଦିଆଗଲା ବୋଲି ଏବେ ଚାରିଆଡ଼େ ଚାଲିଛି ଚର୍ଚ୍ଚା।

ଏକଦା କାନପୁର ଆଇଆଇଟିର ପର୍ଯ୍ୟାବରଣ ବିଭାଗର ମୁଖ୍ୟ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବ ଥିବା ପ୍ରଫେସର ଅଗ୍ରୱାଲ ୨୦୦୧ରେ ସନ୍ନ୍ୟାସ ଗ୍ରହଣ କରିଥିଲେ ଏବଂ ସେବେଠୁ ସେ ପରିଚିତ ହୋଇଥିଲେ ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ ନାମରେ। ପରିବେଶ ସୁରକ୍ଷା ଦିଗରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଥିବା ସ୍ୱାମୀ ସାନନ୍ଦ ଭାଗୀରଥି ନଦୀ ଉପରେ ଡ୍ୟାମ୍ ନିର୍ମାଣକୁ ବିରୋଧ କରି ୨୦୦୯ ମସିହାରେ ୩୮ ଦିନ ଧରି ଅନଶନରେ ବସିବା କାରଣରୁ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ପାଇଁ ବାଧ ହୋଇଥିଲେ ତତ୍କାଳୀନ ସରକାର। ଜଣେ ବିଶିଷ୍ଟ ପରିବେଶବିଜ୍ଞାନୀ ତଥା ମଦନମୋହନ ମାଲବ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗଙ୍ଗା ମହାସଭା'ର ମାର୍ଗଦର୍ଶକ ଭାବରେ ଗଙ୍ଗାନଦୀର ସୁରକ୍ଷା ପାଇଁ ତାଙ୍କର ଜୀବନ ଥିଲା ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ତେଣୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଜରିଆରେ ଗଙ୍ଗାନଦୀକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ସେ ପ୍ରୟାସ ଜାରି ରଖିଥିଲେ ଏବଂ ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବା ପାଇଁ ସରକାରଙ୍କୁ ଅନୁରୋଧ କରୁଥିଲେ ବାରମ୍ବାର। ବିଶେଷକରି 'ନମାମି ଗଙ୍ଗେ' ନାରା ଦେଇ ବାରାଣସୀ ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଖରୁ ସେ ଆଶା କରୁଥିଲେ ବହୁତକିଛି। ମାତ୍ର ଯେବେଠାରୁ ସେ ଅନୁଭବ କଲେ 'ନମାମି ଗଙ୍ଗେ' ଯୋଜନା କେବଳ ଅଟକିଛି ବଡ଼ ବଡ଼ ଭାଷଣ, ପ୍ରତିଶ୍ରୁତି ଓ ନିର୍ବାଚନୀ ଇସ୍ତାହାର ଭିତରେ, ସେବେଠୁ ତାଙ୍କୁ ଅଧିକ ବିବ୍ରତ କଲା ଗଙ୍ଗାମାତାର ସୁରକ୍ଷା ଚିନ୍ତା। ଶେଷରେ ଗଙ୍ଗାନଦୀ ଉପରେ ବନ୍ଧ, ବ୍ୟାରେଜ୍ ଓ ଟନେଲ୍ ନିର୍ମାଣକୁ ବିରୋଧକରି ଗତ ଜୁନ୍ ୨୨ରୁ ଆରମ୍ଭ କଲେ ଆମରଣ ଅନଶନ। ହରିଦ୍ୱାର ମୈତ୍ରୀ ସଦନ ଆଶ୍ରମରେ ୧୧୧ଦିନ ଅନଶନରେ ବସିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବଳପୂର୍ବକ ଉଠେଇନେଇ ଭର୍ତ୍ତି କରାଯାଇଥିଲା ଋଷିକେଶସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ। ପରଦିନ ସେଠାରେ ସବୁଦିନ ପାଇଁ ଆଖି ବୁଜିଦେଲେ ୮୭ ବର୍ଷୀୟ ସ୍ୱାମୀ ସାନନ୍ଦ। ଜଣେ ମହାନ୍ ସନ୍ଥ ତଥା ପରିବେଶବିଜ୍ଞାନୀଙ୍କୁ ବଞ୍ଚେଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲାନି ବିଶେଷ ତତ୍ପରତା। ବ୍ୟଥିତପ୍ରାଣ ଗଙ୍ଗାପୁତ୍ରଙ୍କ ଚାରିଦଫା ଦାବିକୁ ମାନିନେଇ ଗଙ୍ଗାମାତାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଜୁଟେଇ ପାରିଲେନି ନୈତିକ ସାହସ। ଅର୍ଥାତ୍ ରାଜନୈତିକ ସ୍ୱାର୍ଥପରତା ଆଗରେ କୌଣସି ମୂଲ୍ୟ ରଖିଲାନି ଗଙ୍ଗାନଦୀର ସୁରକ୍ଷା ଓ ଗଙ୍ଗାପୁତ୍ରଙ୍କ ଜୀବନ।

ଏହି ପରିପ୍ରେକ୍ଷୀରେ ସରକାର ଜାଣିରଖିବା ଉଚିତ ଯେ, ଭାରତୀୟମାନଙ୍କ ଦୃଷ୍ଟିରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ତାହା ଉଦ୍‌ବେଳିତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ଇତିହାସର ବ୍ରାହ୍ମ ମୁହୂର୍ତ୍ତରୁ ଏହା ଦେଶବାସୀଙ୍କ ହୃଦୟ ଜିଣିଥିବା ଏକ ପବିତ୍ର ତୀର୍ଥକ୍ଷେତ୍ର। ଯେଉଁ ତୀର୍ଥଜଳରେ ସ୍ନାନ କଲେ ଧୋଇଯାଏ ଜୀବନର ସକଳ ପାପ। ସେ ତୀର୍ଥକ୍ଷେତ୍ରରେ ମୃତ ବ୍ୟକ୍ତିର ଅସ୍ଥି ବିସର୍ଜନ କଲେ ମୋକ୍ଷ ଲଭେ ଆତ୍ମା। ଏହା ପ୍ରତ୍ୟେକ ହିନ୍ଦୁଙ୍କ ବିଶ୍ୱାସ।

କେବଳ ଅଧିଭୌତିକ ଦୃଷ୍ଟିରୁ ନୁହେଁ, ଗଙ୍ଗା ଜଳର ଶୁଦ୍ଧତାକୁ ନେଇ ସାରା ବିଶ୍ୱରେ ରହିଛି ତା'ର ଖ୍ୟାତି। କାରଣ ବିଜ୍ଞାନାଗାରର ବିଶୁଦ୍ଧ ଜଳଠାରୁ ଗଙ୍ଗାନଦୀର ଜଳ ଆହୁରି ଶୁଦ୍ଧ। ସେଥିପାଇଁ ପୃଥିବୀର ସର୍ବବୃହତ୍ ସାଂସ୍କୃତିକ ମଞ୍ଚ ମହାକୁମ୍ଭ ମେଳା ସମୟରେ ପ୍ରୟାଗ ନିକଟରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ସମାଗମ ହେଲେ ବି ସେଠାରେ କେବେ ବ୍ୟାପୁ ନ ଥିଲା ମହାମାରୀ। ଗଙ୍ଗାଜଳର ଏହି ଚମତ୍କାରିତା ଦିନେ ବୈଜ୍ଞାନିକମାନଙ୍କ ଚିନ୍ତା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ସେମାନେ ଗବେଷଣା କରି ଆବିଷ୍କାର କରିଥିଲେ ତା'ର ରହସ୍ୟ। ୧୮୯୬ ମସିହାରେ ପ୍ରକାଶିତ ବିଶିଷ୍ଟ ବୈଜ୍ଞାନିକ ଅର୍ଣ୍ଣେଷ୍ଟ ହାନବରୀଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁସାରେ ଗଙ୍ଗାଜଳରେ ରହିଛି ଭୂତାଣୁ ବିନାଶକାରୀ ଗୁଣ। ତା'ର ସଂସ୍ପର୍ଶରେ ଆସିବାର ମାତ୍ର ୩ଘଣ୍ଟା ମଧ୍ୟରେ ଆପେ ଆପେ ନଷ୍ଟ ହୋଇଯାଆନ୍ତି ହଇଜା ରୋଗର ଭୂତାଣୁ ଭାଇବ୍ରିଓ କଲୋରି। ଅଥଚ ପରିତାପର ବିଷୟ ଶହ ଶହ ବର୍ଷ ଧରି ଚାଲିଥିବା ଅତ୍ୟାଚାର ଯୋଗୁ ସେହି ଗଙ୍ଗାର ବିଶୁଦ୍ଧ ଜଳ ଏବେ ଆବର୍ଜନାରେ ପୂର୍ଣ୍ଣ। ସେ ହରେଇ ବସିଛି ତା'ର ଭୂତାଣୁ ବିନାଶକାରୀ ଗୁଣବତ୍ତା।

ସାଧାରଣତଃ ସବୁ ଦେଶରେ, ସବୁକାଳରେ ଜୀବନ ପାଇଁ ନଦୀଗୁଡ଼ିକ ହିଁ ବାଣ୍ଟିଛନ୍ତି ଜଳ। ସେହି ଜଳସମ୍ପଦ ପାଇଁ ଲୋକେ ସର୍ବଦା ଲୋଡ଼ିଛନ୍ତି ନଈକୂଳିଆ ଜାଗା। ଏହି ଦୃଷ୍ଟିରୁ ବିଚାର କଲେ ଗଙ୍ଗା କେବଳ ପତିତପାବନୀ ନୁହେଁ, ଏହା ଭାରତବର୍ଷର ସାମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ ବିକାଶର ମାନଦଣ୍ଡ। ଜୀବନ ବାଣ୍ଟିବା ପାଇଁ ହିମାଳୟର ଗଙ୍ଗୋତ୍ରୀଠାରୁ ସୁନ୍ଦରବନର ସାଗରସଙ୍ଗମ ପର୍ଯ୍ୟନ୍ତ ତା'ର ଅଢେଇ ହଜାର କି.ମି. ବ୍ୟାପି ପ୍ରଲମ୍ବିତ ଯାତ୍ରା। ମାତ୍ର ଯିଏ କାଳ କାଳ ଧରି ଜୀବନ ବାଣ୍ଟୁଛି, ସେ ଆଜି ନିଜେ ହରେଇବସିଛି ସ୍ୱଚ୍ଛନ୍ଦରେ ପ୍ରବାହିତ ହେବାର ଅଧିକାର। ବିଭିନ୍ନ କାରଣରୁ କ୍ରମଶଃ ସଂକୁଚିତ ହେବାରେ ଲାଗିଛି ଚିରସ୍ରୋତା ଗଙ୍ଗାର ଜଳପ୍ରବାହ। ନଦୀର ସ୍ରୋତ ଦୁର୍ବଳ ହୋଇପଡ଼ିବା କାରଣରୁ ନିଷ୍କାସିତ ହୋଇପାରୁନି ନଦୀ ଗର୍ଭରେ ମିଶୁଥିବା ନାନା ପ୍ରକାର ଆବର୍ଜନା। ଶାସ୍ତ୍ର କହେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଧମନୀରେ ଯେମିତି ଶୁଦ୍ଧ ରକ୍ତ ପ୍ରବାହିତ ହେବା ଦରକାର, ସେମିତି ନଦୀର ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ତା'ର ଜଳ ପ୍ରବାହରେ ସ୍ୱଚ୍ଛତା। ମାତ୍ର ଗଙ୍ଗାଜଳ ସମ୍ପର୍କରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାଯାଏ, ସ୍ନାନ ପାଇଁ ଗଙ୍ଗାଜଳକୁ ବ୍ୟବହାର କରିବା ତ ଦୂରର କଥା, ତାହା କୃଷି କାର୍ଯ୍ୟ ପାଇଁ ମଧ୍ୟ ଏବେ ଅନୁପଯୋଗୀ।

ଗଙ୍ଗାନଦୀ କୂଳରେ ଗଢ଼ିଉଠିଥିବା ପ୍ରକାଣ୍ଡକାୟ ଶିଳ୍ପସଂସ୍ଥାଗୁଡ଼ିକ ତା'ର ଜଳରେ ଶୋଷ ମେଣ୍ଟାଉଛନ୍ତି, ଅଥଚ ତା' ଦେହକୁ ଛାଡ଼ୁଛନ୍ତି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ। ବିଶେଷକରି କାନପୁର ସହରରେ ଗଢ଼ିଉଠିଥିବା ବୃହତ୍ ଚମଡ଼ା ଶିଳ୍ପଗୁଡ଼ିକର ଦୂଷିତ ଓ ସାଂଘାତିକ ଭାବରେ କ୍ଷୟକାରୀ ତରଳ ବର୍ଜ୍ୟ ପ୍ରବେଶ କରିବା ଫଳରେ ଦସ୍ତା, କ୍ରୋମିୟମ୍ ଆଦି ବିଷାକ୍ତ ଧାତୁଯୁକ୍ତ ହୋଇପଡୁଛି ଗଙ୍ଗାଜଳ। ଏଥି ସହିତ ବିଷାକ୍ତ ହେଉଛି ଗାଙ୍ଗେୟ କ୍ଷେତ୍ରରେ ଉତ୍ପନ୍ନ ଖାଦ୍ୟଶସ୍ୟ ଓ ପନିପରିବା। ନଦୀକୂଳରେ ଗଢ଼ିଉଠିଥିବା ସହରର ନର୍ଦ୍ଦମା ପାଣି ଅବାଧରେ ମିଶୁଛି ଗଙ୍ଗା ଦେହରେ। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ପ୍ରତିଦିନ ଗଙ୍ଗା ଗର୍ଭକୁ ପ୍ରବେଶ କରୁଛି ଦେଢଶହକୋଟିଲିଟର ନାଳନର୍ଦ୍ଦମା ପାଣି। କୋଟିଏ ଟନ୍‌ର ଅଳିଆ, ଆବର୍ଜନା ଓ କାଦୁଅରେ ଅସ୍ଥିର ହେଉଛି ଗଙ୍ଗା। ପ୍ରତିବର୍ଷ ପୁଣି ଗଙ୍ଗା ଗର୍ଭକୁ ଫିଙ୍ଗାଯାଉଛି ୧ଲକ୍ଷ ୧୫ହଜାର ଟନ୍ ପ୍ଲାଷ୍ଟିକ। ଦେଶର ସବୁଠାରୁ ଜନବହୁଳ ଅଞ୍ଚଳ ଦେଇ ପ୍ରବାହିତ ନଦୀକୁ ଯଦି ନର୍ଦ୍ଦମା ଭଳି ବ୍ୟବହାର କରାଯାଏ, ତେବେ ତା'ର ଅମୃତଧାରା ଜହରରେ ପରିଣତ ହେବା ଏକ ସ୍ୱାଭାବିକ କଥା।

ଗଙ୍ଗାନଦୀର ଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ 'ଗଙ୍ଗା ପରିମଳ ଯୋଜନା'(୧୯୮୬)ଠାରୁ ବର୍ତ୍ତମାନର 'ନମାମି ଗଙ୍ଗେ' ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଛି ଯୋଜନା ପରେ ଯୋଜନା। ଏ ଦିଗରେ ଟିକସଦାତାଙ୍କ ପଇସା ବି ଖର୍ଚ୍ଚ ଚାଲିଛି ବେପରୁଆଭାବେ। ମାତ୍ର କମିବାର ନାଁ ଧରୁନି ପ୍ରଦୂଷଣର ମାତ୍ରା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଗଙ୍ଗା ପ୍ରଦୂଷଣ ପାଇଁ ଯେଉଁ କାରଣଗୁଡ଼ିକ ଦାୟୀ, ତାହା ବହୁ ପୂର୍ବରୁ ଚିହ୍ନଟ ହୋଇ ସାରିଥିଲେ ବି ସରକାର ଖୋଜି ପାଉନାହାନ୍ତି ସମାଧାନର ବାଟ। ଏଥିରୁ ବାରିହୋଇ ପଡୁଛି ଗଙ୍ଗାମାତାର ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାର ସ୍ୱରୂପ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ପଲିଥିନ୍‌ର ବିଭୀଷିକା



ଅଭିମନ୍ୟୁ ଧଳ

ପରିବା କିଣିବା ପାଇଁ ମୁଁ ବ୍ୟାଗ ବାହାର କଲି। ବନ୍ଧୁ କ୍ଷୀରୋଦ ପରିବା ବିକାଳିଙ୍କୁ ପଲିଥିନ ମୁଣାରେ ପରିବା ଦେବା ପାଇଁ କହିବାରୁ ସେ କହିଲେ- ଏଇଥରକ ନିଅନ୍ତୁ, ଆର ଥରକୁ ବ୍ୟାଗ ଆଣିବେ। ସରକାର ଏହାକୁ ବନ୍ଦ କଲେଣି, ବ୍ୟବହାର କଲେ ଜରିମାନା ଦେବୁ। ବନ୍ଧୁଙ୍କ ମୁହଁରେ ହସ। ସଙ୍ଗେ ସଙ୍ଗେ ଲମ୍ବା ହିସାବଟିଏ ଦେଲେ। ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଏହାର ରାଜୁତି। ପଲିଥିନ୍ ହିଁ ଫୁଲତୋଳା, ମନ୍ଦିରକୁ ଭୋଗ ନେଇ ଯିବା, ସଉଦାପତ୍ର ଆଣିବା, କାହାଘରକୁ କିଛି ପଠାଇବା, ରେନକୋଟ ନ ନେଇଥିଲେ ମୁଣ୍ଡରେ ଢାଙ୍କିବା, ମନିପର୍ସ ଓ ମୋବାଇଲକୁ ବର୍ଷାରୁ ସୁରକ୍ଷିତ ରଖିବା, ଟିଫିନ ନେବା, ଏପରିକି ଫ୍ରିଜରେ ପରିବା ରଖିବା କାମ ଚଳାଏ। ଗୃହିଣୀଙ୍କର ଏହା ଅମୂଲ୍ୟ ସମ୍ପଦ। ଅଧିକାଂଶ ପରିବାରରେ ରୋଷେଇଘରେ ଏହା ପାଇଁ ସ୍ୱତନ୍ତ୍ର ସ୍ଥାନ, ଏହା ବନ୍ଦ ହେବା କ'ଣ ସମ୍ଭବ!

ବାସ୍ତବିକ ପ୍ଲାଷ୍ଟିକ ଯେଉଁଭଳି ଆମ ଦୈନନ୍ଦିନ ଜୀବନକୁ ଆବୋରି ନେଇଛି ସେଥିରୁ ମୁକୁଳିବା କଷ୍ଟକର, କିନ୍ତୁ ଅସମ୍ଭବ ନୁହେଁ। ୧୯୩୩ ମସିହାରେ ଆକସ୍ମିକ ଭାବେ ପ୍ଲାଷ୍ଟିକ ସୃଷ୍ଟି ହୋଇଥିଲା। ଏରିକ ଫସେଟ ଏବଂ ରେଜିନାଲ୍ଡ ଗିବ୍‌ସନ୍ ନାମକ ଦୁଇ ବ୍ରିଟିଶ ବୈଜ୍ଞାନିକ ଏହା ଉପରେ ଗବେଷଣା କରି ସଫଳ ହୋଇଥିଲେ। ସେତେବେଳେ ସେ ଜାଣି ନ ଥିଲେ ଯେ ଯେଉଁ ପଲିଥିନକୁ ସେମାନେ ମଣିଷର ଉପକାରରେ ଆସିବ ବୋଲି ସୃଷ୍ଟି କରିଥିଲେ ତାହା ଦିନେ ପରିବେଶ ପାଇଁ ଏକ ଭୟଙ୍କର ବିପଦ ପାଲଟିଯିବ। ଆମେ ବ୍ୟବହାର କରୁଥିବା ପ୍ରକୃତିର ଅମୃତ ଭଣ୍ଡାର ପାଣି, ପବନ ଓ ମାଟିକୁ ପଲିଥିନ ବିଷାକ୍ତ କରିଦେଇଛି। ମିନେରାଲ ୱାଟରରେ ପ୍ଲାଷ୍ଟିକର ସୂକ୍ଷ୍ମ କଣିକା ରହୁଛି। ଗଦା ଗଦା ପଲିଥିନ ପୋଡାଯିବା ବେଳେ ସେଥିରୁ ଡାଇଅକ୍ସିନ ଓ ଫ୍ୟୁରାନ ଭଳି ବିଷାକ୍ତ ବାଷ୍ପ ନିର୍ଗତ ହୋଇ ପାଖାପାଖି ରହୁଥିବା ଲୋକଙ୍କ ଭିତରେ କର୍କଟ ରୋଗ ସୃଷ୍ଟି କରିବାର ସମ୍ଭାବନା ଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ହ୍ରାସ କରେ। ହରମୋନର ଅସନ୍ତୁଳନ ଘଟାଇଥାଏ। ସେହିଭଳି ପ୍ଲାଷ୍ଟିକଗୁଡିକ ବିଘଟନ ହୋଇ ନ ଥିବାରୁ ବର୍ଷ ବର୍ଷ ଧରି ମାଟିରେ ନ ମିଶି ସେମିତି ପଡିରହିଥାଏ। ସତେଯେମିତି ଏହାକୁ ବାହାର କରିଥିବା ବୈଜ୍ଞାନିକଙ୍କଠାରୁ ସେ ଅମରବର ଲାଭ କରିଛି। ଏହାର ସୂକ୍ଷ୍ମ କଣିକା ପାଣିକୁ ପ୍ରଦୂଷିତ କରିଥାଏ। ପ୍ରୋସେସିଂ ସମୟରେ ଏହି ସୂକ୍ଷ୍ମ କଣିକାକୁ ଅଲଗା କରିବା ପ୍ରାୟତଃ ଅସମ୍ଭବ।

ପଲିଥିନ ମୁଣାରେ ଗରମ ଖାଦ୍ୟ ନେବା, ପ୍ଲାଷ୍ଟିକ୍ କପ୍‌ରେ ଚା' ପିଇବା, ପ୍ଲାଷ୍ଟିକ୍ ଭିତରେ ପାନୀୟଜଳ ରହିବା ରୋଗ ସୃଷ୍ଟିର କାରଣ। ପୃଥିବୀର ପ୍ରତ୍ୟେକ ଦେଶ ପାଇଁ ଏହା ମୁଣ୍ଡବିନ୍ଧାର କାରଣ ହେଲାଣି। ଏହାର ବ୍ୟବହାରକୁ କମ୍ କରିବା, ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ବିଘଟନ କରିବା ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ଖୋଜିବାରେ ମାନବ ସମାଜ ଲାଗିପଡିଲାଣି। ଉଦାହରଣସ୍ୱରୂପ ନେଦରଲାଣ୍ଡ ସରକାର ସମୁଦ୍ର ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିସାରିଛନ୍ତି। ନିଜ ସମୁଦ୍ରତଟରେ ରବରର ବଡ଼ ଅବରୋଧକ ଲଗାଇଛନ୍ତି। ଏହା ସମୁଦ୍ରକୁ ଆସୁଥିବା ଆବର୍ଜନାକୁ ଏକାଠି କରିବ।

ପ୍ଲାଷ୍ଟିକ୍‌କୁ ନଷ୍ଟ କରିଦେଲା ଭଳି ଏନ୍‌ଜାଇମ ବିକଶିତ କରୁଛନ୍ତି ଆମେରିକା ଓ ବ୍ରିଟେନ ବୈଜ୍ଞାନିକମାନେ। ମିଲୱାର୍ମ ଲାର୍ଭା ପ୍ଲାଷ୍ଟିକ ବିନାଶକ ବୋଲି ସେମାନେ କହିଛନ୍ତି। ଗୋଟିଏ ମିଲୱାର୍ମ ଲାର୍ଭା ଥରକୁ ପ୍ରାୟ ୪୦ ମିଲିଗ୍ରାମ ପ୍ଲାଷ୍ଟିକ ଖାଇ ଚବିଶ ଘଣ୍ଟା ଭିତରେ ହଜମ କରିପାରେ। ତେଣୁ କୋଟି କୋଟି ମିଲୱାର୍ମ ଲାର୍ଭା କୃତ୍ରିମ ଉପାୟରେ ସୃଷ୍ଟିକରି ପ୍ଲାଷ୍ଟିକ ନଷ୍ଟ କାର୍ଯ୍ୟରେ ଲଗାଇବା ପାଇଁ ଉଦ୍ୟମ କରାଯାଉଛି। ଏସବୁ ଉଦ୍ୟମ ସମୟସାପେକ୍ଷ ହୋଇଥିବାରୁ ଆମକୁ ସଚେତନ ହେବାକୁ ପଡିବ।

ସାଇନ୍ସ ଆଡଭାନ୍ସ ଜର୍ନାଲ ରିପୋର୍ଟ ଅନୁସାରେ ୧୯୫୦ ଦଶକରେ ପ୍ଲାଷ୍ଟିକ ଉତ୍ପାଦନ ୨ ମିଲିୟନ ଟନ୍ ଥିବାବେଳେ ୨୦୧୫ରେ ଏହା ୪୦୦ ମିଲିଅନ୍ ଟନ୍‌କୁ ବୃଦ୍ଧିପାଇଛି। ଅଦ୍ୟାବଧି ୮.୫ ବିଲିଅନ ଟନ୍ ପ୍ଲାଷ୍ଟିକ ସୃଷ୍ଟି ହେଲାଣି, ଯାହାକି ଭୂଭାଗ ଓ ଜଳଭାଗରେ ଆବର୍ଜନାର ରୂପନେଇ ପ୍ରାକୃତିକ ପରିବେଶକୁ ବିପର୍ଯ୍ୟୟ ଆଡ଼କୁ ଟାଣିନେଉଛି। ସମୁଦ୍ରରେ ଯେତିକି ପ୍ଲାଷ୍ଟିକ ଜମା ହୋଇଛି ୨୦୫୦ ମସିହା ବେଳକୁ ଏହା ସମୁଦାୟ ମାଛଙ୍କ ଓଜନରୁ ଅଧିକ ହୋଇଯିବ।

୧୯୭୦ ଦଶକ ପୂର୍ବରୁ ଆମେ ବିଶେଷ ଭାବେ କପଡା ବ୍ୟାଗ, ମାଟି ପାତ୍ର, ବିଭିନ୍ନ ଧାତୁ ଓ କାଚ ବ୍ୟବହାର କରୁଥିଲେ। ଏହି ସିନ୍ଥେଟିକ ପଲିମର ବ୍ୟବହାର ବଦଳରେ ପ୍ରକୃତିର ପଲିମର ବ୍ୟବହାର କଲେ ପ୍ଲାଷ୍ଟିକ୍ ଧୀରେ ଧୀରେ ଉଭେଇଯିବ। କପା ଓ ରେଶମ ଏହାର ଉଦାହରଣ। ମଣିଷ, ଗୋରୁ, ଜଳଜୀବ ଏହାଦ୍ୱାରା ମୃତ୍ୟୁମୁଖରେ ପଡୁଛନ୍ତି। ପ୍ରତିବର୍ଷ ସମୁଦ୍ରକୁ ୧୩ ନିୟୁତ ଟନ୍ ପ୍ଲାଷ୍ଟିକ ଯାଉଥିବାରୁ ୧ ଲକ୍ଷ ସାମୁଦ୍ରିକ ଜୀବ ଓ ୨ ନିୟୁତ ସାମୁଦ୍ରିକ ପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି। ଆମ ରାଜ୍ୟ ସରକାର ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏବେଠାରୁ ସରକାର ଓ ବିଭିନ୍ନ ବେସରକାରୀ ସଂଗଠନ ଏ ଦିଗରେ ଲାଗିପଡିଲେଣି। ଏକ ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ପାଇଁ ଆସନ୍ତୁ ଆମେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା।

ଓସଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

କିଛି ଘଟଣା ସତ ଲାଗୁଥିଲେ ମଧ୍ୟ ସେଗୁଡିକ ପରମୁହୂର୍ତ୍ତରେ ମିଥ୍ୟା ପ୍ରମାଣିତ ହୁଏ। ଏପରି ଏକ ଘଟଣାକ୍ରମରେ ଜଣେ ବ୍ୟକ୍ତିଙ୍କ ଶୁଦ୍ଧିକ୍ରିୟା ସରିଯିବାପରେ ସେ ଫେରିଆସିବା ଘଟଣାରେ ପରିବାର ସଦସ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି। ଉକ୍ତ ବ୍ୟକ୍ତି ଜଣକ ମନଦୁଃଖ କରିଛନ୍ତି। କାରଣ ସେ ବଞ୍ଚି ଥାଉଥାଉ ପରିବାର ଲୋକେ ତାଙ୍କ ପାଇଁ ଶୁଦ୍ଧି ହୋଇପଡିଛନ୍ତି। ଏପରି ଏକ ଘଟଣା ଘଟିଛି କେରଳରେ। ୪୯ବର୍ଷ ବୟସ୍କ ସାଜି ମରିଯାଇଥିବା ପରିବାର ଲୋକେ ଦୃଢ଼ନିଶ୍ଚିତ ହୋଇଥିଲେ। ସାଜି କିଛି ମାସ ତଳେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଚାଲିଯାଇଥିଲେ। କର୍ନାଟକରେ ଜଣେ ମୃତବ୍ୟକ୍ତିର କେହି ଦାବିଦାର ନ ଥିବାବେଳେ ତାହା ସାଜିଙ୍କର ମୃତଦେହ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ସାଜିଙ୍କ ଦେହର ଯେଉଁ ଅଂଶରେ ଦାଗ ରହିଥିଲା ତାହା ମୃତଦେହରେ ଥିବା ଦେଖି ପରିବାର ଲୋକେ ଏହା ସାଜିଙ୍କର ବୋଲି ନିଶ୍ଚିତ ହୋଇଥିଲେ। ଏହାପରେ ମୃତଦେହ ଘରକୁ ଆଣି ଅକ୍ଟୋବର ୧୬ରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। କିନ୍ତୁ ସାଜି ୩ ଦିନ ତଳେ ଘରକୁ ଫେରିବା ପରେ ପରିବାର ଲୋକେ ତଟସ୍ଥ। ଏ ସମ୍ପର୍କରେ ପୋଲିସକୁ ଜଣାଇବା ପରେ ପୂର୍ବୋକ୍ତ ମୃତଦେହ ବିଷୟରେ ଅନୁସନ୍ଧାନ ଆରମ୍ଭ ହୋଇଛି।

## ଚିରନ୍ତନୀ

ପାଦପ-ତଳେ କୁଟୀର ବୁକେ
କୃଷକ ଅବା ଶୋଇଛି ସୁଖେ
ସ୍ୱପନ କୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ !
(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

ଣ ନଭେମ୍ବର ୧୯୯୩

- ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାଠାରେ ଏକ ଭୟାବହ ରେଳ ଦୁର୍ଘଟଣାରେ ୩୫ ଜଣ ରେଳଯାତ୍ରୀଙ୍କ ମୃତ୍ୟୁ।
- ଉଗ୍ରପନ୍ଥୀମାନଙ୍କୁ ମୁକାବିଲା କରିବା ପାଇଁ ମଣିପୁରରେ କେବୁଲ ଟିଭି ଜରିଆରେ ଭିଡିଓ ଫିଲ୍ମ ପ୍ରଦର୍ଶନ ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି।

## su|do|ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହକି ବିଶ୍ୱକପ୍‌ରେ ଓଡ଼ିଶା ବଦ୍‌ନାମ ନ ହେଉ

ମହାଶୟ,

ଏହା ଗର୍ବ ଓ ଗୌରବର ବିଷୟ ଯେ, ଭୁବନେଶ୍ୱରଠାରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍‌କୁ ସଫଳ କରିବା ପାଇଁ ଓଡିଶା ସରକାରଙ୍କ ସମସ୍ତ ବିଭାଗ ଅହରହ ପରିଶ୍ରମ କରୁଛନ୍ତି। କିନ୍ତୁ ରାଜଧାନୀର ବହୁ ଅଞ୍ଚଳ ଏବେ ମଧ୍ୟ ଅଳିଆ, ଆବର୍ଜନାରେ ଭରପୂର। ବର୍ତ୍ତମାନ ମଧ୍ୟ ବହୁ ଅଞ୍ଚଳରେ ରାସ୍ତା ଖାଲଖମାପୂର୍ଣ୍ଣ ରହିଛି। କଟକରୋଡ୍ ଅବସ୍ଥା ସବୁଠାରୁ ଖରାପ। ହକି ବିଶ୍ୱକପ୍ ଅବସରରେ ରାଜ୍ୟ ବାହାରୁ ଓ ଦେଶବିଦେଶରୁ ବହୁ ଖେଳାଳି ଓ ଦର୍ଶକ ଆସିବେ। ସେମାନେ ଭୁବନେଶ୍ୱର ସ୍ମାର୍ଟ ସିଟିର ଏପରି ଅବସ୍ଥା ଦେଖି କ'ଣ ଭାବିବେ ? ଏହାଦ୍ୱାରା ରାଜ୍ୟର ବଦ୍‌ନାମ ହେବ ନାହିଁ କି ?

କେ. ରବି, ଇ-୨୩୭, ଜିଜିପି କଲୋନୀ, ଭୁବନେଶ୍ୱର

### ରାଜଧାନିଆଙ୍କ ବୃକ୍ଷପ୍ରୀତି

ଆମେ ସମସ୍ତେ ରାଜଧାନିଆଙ୍କ ପୁଷ୍ପପ୍ରୀତି ସମ୍ପର୍କରେ ଜାଣୁ। ସକାଳୁ ଉଠି ଅନ୍ୟ ବାଡିରୁ ଫୁଲ ତୋଳିବାରେ ଏମାନେ ଓସ୍ତାଦ୍। ଏବେ ରାଜଧାନିଆଙ୍କ ବୃକ୍ଷପ୍ରୀତି ମଧ୍ୟ କଷ୍ଟଦାୟକ ମନେହେଲାଣି। ବାଡି ଭିତରେ ଗଛର ମୂଳଟା ରହି ସାରା ଗଛଟା ରାସ୍ତାରେ କିମ୍ବା ଅନ୍ୟ ବାଡିରେ। ସେଥିପାଇଁ ଝଗଡ଼ା ଓ ଗଣ୍ଡଗୋଳ। ସାବଧାନ ହୋଇ ଗାଡି ନ ଚଳାଇଲେ ମୁହଁରୁ ଖଣ୍ଡେ ଉଡିଯିବାର ଭୟ। ରାସ୍ତାକୁ ମାଡିଆସିଥିବା ଡାଳପତ୍ରକୁ ମଝିରେ ମଝିରେ କାଟିବା ମଧ୍ୟ କ'ଣ ସରକାରଙ୍କ ଦାୟିତ୍ୱ ?

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

### ଚାକିରିଆଙ୍କ ଅସନ୍ତୋଷ ବଢ଼ିବ

ସପ୍ତମ ବେତନ କମିଶନକୁ ତିନିବର୍ଷ ପୂରଣ ହେବାକୁ ଯାଉଛି। ଅଥଚ ଚାକିରିଆଙ୍କୁ ନୂତନ ଘରଭଡ଼ା ମିଳୁନାହିଁ। ସେପଟେ ସରକାର ଭୋଟ ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି। ଆୟୁଷ୍ମାନ ଭାରତ ଓ ବିଜୁ ସ୍ୱାସ୍ଥ୍ୟ ଯୋଜନା ମଧ୍ୟରେ ଲଢ଼େଇ ଲାଗିଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ପାଇଁ ସବୁଦିନ କାନ୍ଦୁଛନ୍ତି। ଲୋକଙ୍କ ଉପରେ ମୁଣ୍ଡପିଛା ଋଣ କୋଡିଏ ହଜାରରୁ ଅଧିକ ହେଲାଣି। ତଥାପି ସରକାରଙ୍କ ଚେତା ପଶୁନି। ମେକ୍ ଇନ୍ ଓଡିଶା କରି ପୁଞ୍ଜି ନିବେଶକାରୀଙ୍କୁ ସରକାର ଭିକ ମାଗୁଛନ୍ତି। କେଉଁଆଡୁ ପୁଳେ ଅର୍ଥ ଆସିଲେ ଆଗକୁ ଖର୍ଚ୍ଚ ହେବ। ସରକାରୀ ଚାକିରିଆଙ୍କୁ ଦରମା ଦେବାରେ, ଘରଭଡା ଦେବାରେ ଅର୍ଥର ଅଭାବ ଦେଖାଦେଉଛି। କିନ୍ତୁ ହଜାର ହଜାର ଯୋଜନା କରି କାନ୍ଥବାଡ଼ରେ ପୋଷ୍ଟର ମାରିବାକୁ ସରକାର ଆଗୁଆ। ଯଥାଶୀଘ୍ର ସଂଶୋଧିତ ଘରଭଡା ଦିଆଯାଉ, ନଚେତ୍ ଚାକିରିଆଙ୍କ ଅସନ୍ତୋଷ ବଢ଼ିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟ୍ରାନ୍ସଫର୍ମର ବସିଲା:ସୁଧୁରିଲା ପାନୀୟ ଜଳ ସମସ୍ୟା



ମାଥିଲି , ୨।୧୧ (ଡି.ଏନ.ଏ) – ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପଞ୍ଚାୟତରେ ଶୁକ୍ରବାର ଏକ ଟ୍ରାନ୍ସଫର୍ମର ବସାଯାଇଛି । ଫଳରେ ପାନୀୟ ଜଳ ପାଇଁ ବର୍ଷେ ହେଲା ଜଳକଷ୍ଟ ଭୋଗୁଥିବା ଉଦୁଲିବେଡା ପଞ୍ଚାୟତର ୪ଗ୍ରାମର ଗ୍ରାମବାସୀ ସମସ୍ୟା ଦୂର ହେବ। ଚାଲାଣଗୁଡା, ମାଢିଗୁଡା , ନୂଆଗୁଡା ଓ ତଳଗୋଡିଆଳି ଗ୍ରାମର ୫ ହଜାର ଲୋକେ ଟ୍ରାନ୍ସଫର୍ମର ସଂଯୋଗ ନ ଥିବାରୁ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ଉଦୁଲିବେଡା ପିଇଓ ଅଶୋକ ମହାରଣାଙ୍କ ଉଦ୍ୟମରେ ନୂତନ ଭାବେ ଟ୍ରାନ୍ସଫର୍ମର ବସାଯାଇଛି। ଗତ ୫ ବର୍ଷ ତଳେ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା। ମାତ୍ର ବର୍ଷେ ହେବ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ । ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଉଦୁଲିବେଡା ପିଇଓ ମହାରଣାଙ୍କୁ ଅବଗତ କରାଇଥିଲେ । ପଞ୍ଚାୟତରେ ଟ୍ରାନ୍ସଫର୍ମର ପାଇଁ ରାଜସ୍ୱ ନ ଥିବାରୁ ଏନେଇ ପିଇଓ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଜଣାଇଥିଲେ । ପରେ ମାଗଣାରେ ବିଦ୍ୟୁତ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଯାଇଥିଲା । ମୋଟର ଏବଂ ଅନ୍ୟାନ୍ୟ ବାବଦରେ ପଞ୍ଚାୟତ ତରଫରୁ ୬୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି ।





For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive **BHUBANESWAR: Bapujinagar:** Post Office Lane, Ph: 0674 -2597141, Mob : 9937138998 • **Pani Tanki Lane**, Ph: 0674 2597685. **10 Janpath:** Ph: 0674 2573408, 8280056821; **IRC Village:** I.D. Market, Mob: 9861404879; **Raghunathpur:** Nandankanan Road, Ph-8280056821. **PURI**: Behind Gundicha Temple, Ph-7978547991. **CUTTACK**: **Dolmundai:** Haripur Road, Ph: 0671 2411580; Mob: 8018706736; **CDA:** Markat Nagar, Ph: 0671-2366774, Mob: 8280079702. **KENDRAPARA**: Kakat Chhak, Ph: 06727 221241; Mob: 9040562233. **JAGATSINGHAPUR:** Central Market, 06724221090/ 06724221080. **DHENKANAL:** I.G. Super Market; Mob: 9090305696; **SAMBALPUR, Golbazaar:** Mob: 9338194750; **BOLANGIR**: A.B.S.S. Road, Ph: 06652 232419; Mob: 9437331171, 9437241863. **BARGARH:** NH-6, Main Road, Ph-9937171761/ 9556446300, 06646230124 **BERHAMPUR, One Way Traffic Road**: Mob: 9437358402; **JEYPORE:** Main Road, Ph: 06854 231221, Mob: 7008402905. **RAYAGADA:** Main Road, Ph-9439239394/ 8249517365. **SUNDARGARH:** Private Bus Stand, Mob: 9438076828, 9438575757, **ROURKELA:** Apna Kitchen- 9777457774;

***PRESTIGE PRIORITY RETAILER :-*** **BHUBANESWAR:** Reeta, Ph: 0674-2597111, Utkal Light House, Ph: 9937019272; **CUTTACK :** Union Sales Emporium, Ph:2307878. ***AUTHORISED DISTRIBUTORS:-*** **BHUBANESWAR:** Manorama Trading Co., Ph No.9437279239; Rath Distributors, Ph.No.9338547101 (For Chimney & Cleaning Solutions); **JATINI:** Kanha Agencies, Ph. No.9437090516; **CUTTACK:** Mahavir Enterprise, Chauliganga, Ph. No.9937092599; **TALCHER:** Sidharth Enterprises, Hatatota, Ph. No.9437003384; **ROURKELA:** Shah Distributor, Ph-0661-2506904, 9438712456; **SAMBALPUR:** Gayatri Traders, Ph-9937074072,9437925273; **BALASORE:** Satyabhama Sales, Ph. No.7008096876); **BHADRAK:** Akhandalamani Enterprise, Ph No.9437436221,9437960230; **MAYURBHANJ:** Cooling Point Ph No.9437161333; **KEONJHAR:** Hridhaan Enterprises , Ph. No.9777642632; Ganjam & Phulbani – Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. **AUTHORISED DEALERS :-** **BHUBANESWAR:** Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar ,Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics , Ph.9938274127. Sai Associates-7381065641.Sonamona VarietyStore , Ph.9437287620.Situ Plastic, Ph. 9861772109.S.R.Electronics, Ph.-6861155300. Kitchen Queen, Ph.7894082707.Karan Electricals, Ph.-9778337345. A.S.Enterprises, Ph.8249658303.Das & DAS Home Appliances & Fan , Ph.8895014877.Galaxy Enterprises,Ph.9937133040.Utkal Sales, Ph9853150619. **CUTTACK:** Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222. **SALEPUR:-** Sanjay Electronics NX, Ph. 9777777329. **ANGUL:** Saralia Trading Co. Ph-9439471222,Shree Agency-Ph 9437013144.**TALCHER-** Beauty Palace-9437118065, Home Maker-9776173777; **DHENKANAL:** Beauty House-9777190558. **NTPC:** Pani Enterprise, Ph 9437056860. **PARADEEP:** Krishna Enterprise, Ph. 9937451474. **KENDRAPARA :-** Purnamasi Electrical ,Ph. 9937070448. UMARKOT:- Balaji Metal Store ,Ph 9437524982. **ROURKELA:-** Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:-**Ganapati Electricals,Ph.9938669100. **BARIPADA:** Aerovision, Ph 9861828643. **AUTHORISED SERVICE CENTRE:** **Cuttack:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; **Bhubaneswar:** Ph -9776322880. **Rourkela:** Ph. 9853522686. **Berhampur :** Ph. 0680-2228066. **Sambalpur:** Ph. 8895149244. **Bolangir:** Ph 06652-234443. **Angul:** Ph. 9437903195. **Balasore:** Ph. 9937393936, **Jeypore:** Ph. 9438445339, 06854-232339; **Jajpur Road:** Ph 9658464643;




CRIMSOUNE CLUB

**FASHION WEAR: ODISHA: BHUBANESWAR: BHAWANI MALL:** (Ph: 0674-6002132), **FORUM MART:** (Ph: 0674-2380834), **KESHRI MALL:** (Ph: 0674-2532877), **PAL HEIGHT:** (Ph: 0674-6055700), **BALAGIR:** (Ph: 06652-232801), **BHAWANIPATNA:** (Ph: 06670-231500), **CUTTAK:** (Ph: 0671-2418625), **JAJPUR ROAD:** (Ph: +91 9776525254), **TALCHER:** (Ph: 0676-0242888), **ANGUL:** (Ph: +91 9437015719), **RAYAGADA:** (Ph: +91 9437055033), Radhagobinda Market Complex **BARIPADA** (Ph: +91-9861271830) | Sai Garments Plot No-4763/4764, Khatano-3470/3277, Dhenkanal Mauza, Meena Bazar **DHENKANAL** (Ph: +91-9853130307) | **SIS:** Tulsi Showroom **(Kantabanji)**, Planet Harjeet **(Sambalpur)**, Indira Plaza **(Rourkela)**, Kaluram Durgaprasad Megashop **(BARIPADA)**, SRI DURGA RETAIL PVT LTD, **(BERHAMPUR)**, The Fashion Planet **(Dhenkanal)**, Modi Collection **(ANGUL)**, PLAZA FASHION WORLD **(BARIPADA)**, S.G Fashion **(Rajkhariar)**, Kanak Garment **(KEONJHAR)**, Triveni Royal **(JAJPUR ROAD)**, Fashion House **(Semiliguda)**, Shree Ashoka Fashions Shop **(Bhadrak)** | **JRS FASHION. NEW STORE:** Mauza, Jatni Town Jihas Mahal, PS Jatni, **Khordha, Odisha** | **Also available at all leading stores & Reliance Trends** | Mail us: mail@crimsouneclub.com

Now available at: **www.crimsouneclub.com** | JABONG MYNTRA AJIO Flipkart snapdeal paytm Fynd LIMEROAD

# ହାତୀକୁ ମାରି ପୋଡ଼ିଦେଲେ

**ସୁନ୍ଦରଗଡ଼/ରାଜଗାଙ୍ଗପୁର, ୨।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ରାଜଗାଙ୍ଗପୁର ବନାଞ୍ଚଳ ଅନ୍ତର୍ଗତ କୁତୁଣିଆ ପଞ୍ଚାୟତର ମାଲୁପଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ହାତୀକୁ ଗତ ୨୦ ଦିନ ତଳେ ହତ୍ୟା କରାଯାଇଥିଲା । ସେହି ହାତୀର ମୃତଦେହକୁ ଏକ ଖାଲରେ ପକାଇ ଶୁକ୍ରବାର ପୋଡ଼ି ଦିଆଯାଇଛି। ଏହି ଘଟଣାରେ ବନ ବିଭାଗ ହେମ୍ରମ କେର୍କେଟା ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। କର୍ତ୍ତବ୍ୟରେ ଅବହେଳା ଯୋଗୁ ଫରେଷ୍ଟର ହରିଶ ଚନ୍ଦ୍ର ଜେନା ଓ ଫରେଷ୍ଟ ଗାର୍ଡ ସବିତା କିଷାନଙ୍କୁ ନିଲମ୍ବନ କରାଯାଇଛି। ରାଉରକେଲା ବନଖଣ୍ଡ ଅଧିକାରୀ ସଞ୍ଜୟ ଚନ୍ଦ୍ର ସ୍ୱାଇଁ ରାଜଗାଙ୍ଗପୁର ରେଞ୍ଜର ଚନ୍ଦ୍ର ଶେଖର ଗଡ଼ନାୟକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମାଲୁପଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗତମାସ ୧୨ ତାରିଖରେ ଏକ ହାତୀକୁ ହତ୍ୟା କରି ଖାଲରେ ପକାଇ ଦିଆଯାଇଥିଲା। ୨୦ ଦିନ ପରେ ଗୁରୁବାର ଏହି ଖବର ବନ ବିଭାଗ ପାଇଥିଲା। ଖବର ପାଇବା ପରେ ଫରେଷ୍ଟର ହରିଶଚନ୍ଦ୍ର ଜେନା ଓ ଫରେଷ୍ଟ ଗାର୍ଡ ସବିତା କିଷାନ ଘଟଣାସ୍ଥଳ ଅନୁଧ୍ୟାନ କରି ଏ ସମ୍ପର୍କରେ ରାଜଗାଙ୍ଗପୁର ରେଞ୍ଜ ଅଧିକାରୀଙ୍କୁ ରିପୋର୍ଟ କରିଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜାଣିବା ପରେ ଅଭିଯୁକ୍ତମାନେ ଭୟଭୀତ ହୋଇ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ତେଣୁ ସେମାନେ ଶୁକ୍ରବାର ସକାଳେ ହାତୀର ଗଳିତ ମୃତଦେହକୁ ପୋଡ଼ି ଦେଇଥିଲେ। ଏହି ଖବର ପାଇ ରାଉରକେଲା ବନଖଣ୍ଡ ଅଧିକାରୀ (ଡ଼ିଏଫଓ) ସ୍ୱାଇଁ, ରାଜଗାଙ୍ଗପୁର ରେଞ୍ଜର ଗଡ଼ନାୟକ ପ୍ରମୁଖ ସଦଳବଳ ଘଟଣାସ୍ଥଳକୁ ଯାଇଥିଲେ। ବନ ବିଭାଗ କର୍ମଚାରୀମାନେ ପୋଡା ଯାଇଥିବା ଅସ୍ଥିକୁ ଜବତ କରି ବ୍ୟବଚ୍ଛେଦ ସକାଶେ ପ୍ରାଣୀ ସମ୍ପଦ ବିଭାଗକୁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ପୋଡ଼ି ଦିଆଯାଇଥିବାରୁ ଏହା ମାଈ କି ଅଣ୍ଡିରା ହାତୀ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ରାଉରକେଲା ବନଖଣ୍ଡ ଅଧିକାରୀ କହିଛନ୍ତି, ଗିରଫ ଯୁବକଙ୍କୁ ପଚରାଉଚରା ଚାଲିଛି। ତାଙ୍କ ସହିତ ଅନ୍ୟ କେତେକ ଗ୍ରାମବାସୀ ହାତୀକୁ ଖଣ୍ଡଖଣ୍ଡକରି କାଟି ପୋଡ଼ି ଦେଇଛନ୍ତି ବୋଲି ସେ ସ୍ୱୀକାର କରିଛନ୍ତି। ତଦନ୍ତ ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।


ହାତୀକୁ ଖାଲରେ ପୋଡ଼ାଯାଇଛି।

## ସଂକ୍ଷେପରେ

### ସହକାରୀ ମତ୍ସ୍ୟ ଅଧିକାରୀ ପାଇଁ ହେବ ଲିଖିତ ପରୀକ୍ଷା

**ଭୁବନେଶ୍ୱର,୨।୧୧(ବ୍ୟୁରୋ):** ସହକାରୀ ମତ୍ସ୍ୟ ଅଧିକାରୀ ପାଇଁ ଏଣିକି ଓଡିଶା ପବ୍ଲିକ ସର୍ଭିସ କମିଶନ ମାଧମରେ ପ୍ରତିଯୋଗିତାମୂଳକ ପରୀକ୍ଷା ହେବ। ଫିଶେରି ଗ୍ରାଜୁଏଟମାନେ ଏହି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ପୂର୍ବରୁ କେବଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରୁ ଉତ୍ତୀର୍ଣ୍ଣ ହେଉଥିବା ଫିଶେରି ଗ୍ରାଜୁଏଟଙ୍କୁ ସହକାରୀ ମତ୍ସ୍ୟ ଅଧିକାରୀ ଭାବେ ନିଯୁକ୍ତି ମିଳୁଥିଲା। କେବଳ ୮୦ ପ୍ରତିଶତ କ୍ୟାରିୟର ଓ ୨୦ ପ୍ରତିଶତ ମୌଖିକ ପରୀକ୍ଷା ଜରିଆରେ ନିଯୁକ୍ତି ଦିଆଯାଉଥିଲା। ରାଜ୍ୟରେ ଅନ୍ୟ ବିଶ୍ୱବିଦ୍ୟାଳୟରୁ ମଧ ମତ୍ସ୍ୟ ବିଭାଗର ସ୍ନାତକ ଛାତ୍ରମାନେ ଏହି ପଦବୀ ପାଇଁ ଆବେଦନ କରି ପାରିବେ।

### ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା

**ଭୁବନେଶ୍ୱର,୨।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ନେଇ କେନ୍ଦ୍ର ଉପରେ ବର୍ଷିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ ଉପରେ କେନ୍ଦ୍ର ସରକାରରେ ଥିବା ଭାଜପା ଦୃଢ ପ୍ରତିକ୍ରିୟା ପ୍ରକାଶ କରିଛି। ମୁଖ୍ୟମନ୍ତ୍ରୀଙ୍କୁ ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶା ବିଧାନସଭାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ଉଷା ଦେବୀ ପ୍ରଦାନ କରିଥିବା ଉତ୍ତର ମୁଖ୍ୟମନ୍ତ୍ରୀ ଥରେ ପଢିଦେଲେ , ଉକ୍ତ ପ୍ରସଙ୍ଗରେ ମନ୍ତବ୍ୟ ଦେବା ପୂର୍ବରୁ ଆଉ ଥରେ ଚିନ୍ତା କରିବେ। ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ପ୍ରସଙ୍ଗରେ ବିଧାନସଭାରେ ଏକ ପ୍ରକାର ଉତ୍ତର ସରକାର ଦେଉଥିବା ବେଳେ, ସେହି ସମାନ ପ୍ରସଙ୍ଗରେ ଦଳୀୟ ସଭାରେ ଭିନ୍ନ ମନ୍ତବ୍ୟ ମୁଖ୍ୟମନ୍ତ୍ରୀ ଦେଉଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନ ପ୍ରସ୍ତାବ ପରେ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ବ୍ୟବସ୍ଥା ଆଉ ନାହିଁ। ଏହା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଜଣା ଥିବା ସତ୍ତ୍ୱେ ବି କେବଳ ରାଜନୈତିକ ପ୍ରସଙ୍ଗ କରିବା ପାଇଁ ବାରମ୍ବାର ଏ ସମ୍ପର୍କରେ ମତ ରଖାଯାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେହିଭଳି କଂଗ୍ରେସ ସଭ୍ୟ କୈଳାସ କୁଲେସିକାଙ୍କ ପ୍ରଶ୍ନରେ ମନ୍ତ୍ରୀ ଉଷା ଦେବୀ ଦେଇଥିବା ଉତ୍ତରକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିଜ ଟୁଇଟରରେ ଅପଲୋଡ୍ କରିଛନ୍ତି।

### ପଥର ବ୍ଲାଷ୍ଟିଂ ବନ୍ଦ ପାଇଁ ଦାବିପତ୍ର

**ସେମିଳିଗୁଡ଼ା,୨।୧୧(ସ୍ୱ.ପ୍ର.):** ସୁନାବେଡ଼ା ପୌରସଂସ୍ଥା ଅଧୀନ ପେଟକଣା ଗ୍ରାମ ପଛପଟେ ମା' ତାରିଣୀ ଷ୍ଟୋନ ନାମକ ଏକ କ୍ରସର ଏହାର କାମ ଜାରି ରଖିଛି। ଏଥିପାଇଁ ପଥର ବ୍ଲାଷ୍ଟିଂ ସହିତ ଗୁଣ୍ଡ କରାଯାଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ଲୋକଙ୍କ ଧନଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଏନେଇ ଗ୍ରାମବାସୀ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ଭଗବାନ ଖ୍ରିନ୍ତୁଡ଼ି, ଘାସି ଖ୍ରିନ୍ତୁଡ଼ି, ପରମୀ ଖ୍ରିନ୍ତୁଡ଼ି, ଲଳିତ ଖିଲ, ମଦନ ପାଣ୍ଡଲ, ପ୍ରହ୍ଲାଦ ଗୁଣ୍ଡା, ସମରେନ୍ଦ୍ର ପଣ୍ଡା, ମାଧବ ପାଙ୍ଗି, ବଳରାମ ହନ୍ତାଳ ପ୍ରମୁଖ ସାମିଲ ହୋଇ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି।

# ବକ୍ସାଇଟ ବିଷରେ ଆଦିବାସୀ ଗାଁ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଅଭିଯୋଗ

**କଟକ ଅଫିସ, ୨।୧୧**

ବକ୍ସାଇଟ ବିଷ ବଳୟରେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ତଳକାଇପଦର, ନରସିକାଇପଦର ଗ୍ରାମ। ନିକଟସ୍ଥ କୋଡିଙ୍ଗାମାଳି ପାହାଡ଼ରୁ ଓଡ଼ିଶା ଖଣି ନିଗମ ବକ୍ସାଇଟ ଖନନ କରୁଛି। ଏହାର ପ୍ରଭାବରେ ଚାଷଜମି ସହିତ ଗ୍ରାମବାସୀ ନିର୍ଭର କରୁଥିବା ଝରଣା ପାଣି ପ୍ରଦୂଷିତ ହେଉଛି। ସମ୍ପୃକ୍ତ ଅଞ୍ଚଳଟି ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ ଜଙ୍ଗଲ ଇଲାକାରେ ଯାଉଛି। ପାଖାପାଖି ୪୦୦ ହେକ୍ଟର ଅଞ୍ଚଳରେ ବକ୍ସାଇଟ ଖନନ ହେଉଥିବାରୁ ଏହାର ବର୍ଜ୍ୟବସ୍ତୁଗୁଡ଼ିକ (ଓଭର ବର୍ଡନ ଡମ୍ପ) ଚାଷଜମିରେ ପଡ଼ି ଫସଲହାନି ଘଟାଇଛି। ଅକ୍ଟୋବର ୧୨ରେ ବହୁ ପରିମାଣରେ ବର୍ଜ୍ୟବସ୍ତୁ ପାହାଡ଼ରୁ ଚାଷଜମିକୁ ଖସିବାରୁ ଗ୍ରାମବାସୀ ଅସହାୟ ହୋଇ କୋରାପୁଟ ଜିଲାପାଳଙ୍କୁ ଭେଟିଥିଲେ। ମାତ୍ର ସେଠାରେ କୌଣସି ନ୍ୟାୟ ନ ମିଳିବାରୁ ଗ୍ରାମବାସୀଙ୍କ ପକ୍ଷରୁ ୭ ଜଣିଆ ପ୍ରତିନିଧି ଦଳ ଗତ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କୁ ଭେଟି ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳ ଆଶ୍ୱାସନା ଦେଇଛନ୍ତି। ତେବେ ଏଭଳି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ପରିବେଶବିତ୍ ତଥା ଆଡଭୋକେଟ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଉଲ୍ଲେଖଥାଉ କି, ୨୦୧୭ରେ କୋଡିଙ୍ଗାମାଳି ପାହାଡ଼ରୁ ବକ୍ସାଇଟ୍ ଖନନ ନିମନ୍ତେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ହେଲେ ଏହାକୁ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ବିନା ଗ୍ରାମସଭାରେ ଏହି ଖଣି ଖନନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଜୈବିକ ମହୋତ୍ସବରେ ଦାରିଙ୍ଗବାଡ଼ିର ମହିଳା ଗୋଷ୍ଠୀ

# କନ୍ଧମାଳ ହଳଦୀ କିଣିଲେ ସୋନିଆ

**ଦାରିଙ୍ଗବାଡ଼ି,୨।୧୧(ଡି.ଏନ.ଏ)**

ନୂଆଦିଲ୍ଲୀରେ ଚାଲିଛି ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଜୈବିକ ମହୋତ୍ସବ। ଜନପଥ ରୋଡ୍‌ରେ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୪ ତାରିଖରେ ସରିବ। ଏଥିରେ ଓଡ଼ିଶାରୁ ୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଏବଂ କ.ନୂଆଗାଁ ବ୍ଲକର ୨ଟି ଗୋଷ୍ଠୀ ନିଜସ୍ୱ ଉତ୍ପାଦିତ ଦ୍ରବ୍ୟ ବିକ୍ରି ପାଇଁ ଷ୍ଟଲ୍ ପକାଇଛନ୍ତି। ଜୈବିକ ମହୋତ୍ସବରେ ଯୋଗଦେଇଥିବା ଦାରିଙ୍ଗବାଡ଼ିର ଶ୍ରୀୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ୍‌ରୁ ବୁଧବାର କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ କନ୍ଧମାଳ ହଳଦୀ ଗୁଣ୍ଡ କିଣିଛନ୍ତି। ୧ କିଲୋ ହଳଦୀ ଗୁଣ୍ଡକୁ ସେ ୨ଶହ ଟଙ୍କା ଦେଇ କିଣିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଝରଣା ସାହୁ କହିଛନ୍ତି। ଏଥିସହ ସେ କନ୍ଧମାଳ ଜିଲାର ସମସ୍ତ ଜଙ୍ଗଲଜାତ ପଦାର୍ଥ ଓ ହଳଦୀ, ଅଦା, ଆମ୍ବୁଲ, ଝୁଣା, ସୋରିଷ, ଡାଳଚିନି, ତେଜପତ୍ର, ତେନ୍ତୁଳୀ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଗୁଡିକ କିପରି ସଂଗ୍ରହ କରାଯାଏ ଓ ପ୍ରସ୍ତୁତ ହୁଏ ସେ ସମ୍ପର୍କରେ ମହିଳା ଗୋଷ୍ଠୀ ସଭ୍ୟାମାନଙ୍କୁ ପଚାରି ବୁଝିଥିଲେ। କନ୍ଧମାଳ ହଳଦୀ ଜୈବିକ ପଦ୍ଧତିରେ ଚାଷ କରାଯାଉଥିବାରୁ ସାରା ବିଶ୍ୱରେ ଏହାର ଚାହିଦା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗ୍ କରିବାକୁ ୨୦୧୭ରେ ଆବେଦନ କରାଯାଇଛି। ଏହାକୁ ମାନ୍ୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରୁଛନ୍ତି।


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ।। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୧୯.୯ |
| ଚାନ୍ଦବାଲି | ୩୧.୫ | ୨୨.୫ |
| କଟକ | ୩୧.୫ | ୨୧.୦ |
| ପାରାଦ୍ୱୀପ | ୩୦.୭ | ୨୩.୩ |
| ଭୁବନେଶ୍ୱର | ୩୨.୭ | ୨୨.୫ |
| ଗୋପାଳପୁର | ୩୩.୦ | ୨୩.୪ |
| ପୁରୀ | ୩୧.୫ | ୨୩.୪ |
| ଅନୁଗୋଳ | --- | ୨୦.୦ |
| ବାରିପଦା | ୩୦.୪ | ୨୨.୬ |
| ଝାରସୁଗୁଡ଼ା | ୩୩.୦ | ୨୦.୭ |
| କେନ୍ଦୁଝର | ୨୯.୮ | ୧୮.୫ |
| ସମ୍ବଲପୁର | ୩୩.୨ | ୨୧.୧ |
| ସୁନ୍ଦରଗଡ଼ | ୩୩.୦ | --- |
| ହୀରାକୁଦ | ୩୨.୯ | ୨୧.୧ |
| ତାଳଚେର | ୩୩.୮ | ୨୨.୩ |
| ଭବାନୀପାଟଣା | ୩୧.୦ | ୧୯.୦ |
| ବଲାଙ୍ଗୀର | ୩୨.୫ | ୨୧.୦ |
| କୋରାପୁଟ | ୩୦.୦ | ୧୬.୬ |
| ଫୁଲବାଣୀ | ୩୦.୦ | ୧୪.୬ |
| ଟିଟିଲାଗଡ଼ | ୩୦.୫ | ୧୫.୫ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୨.୨ | ୨୦.୨ |
| ଦାରିଙ୍ଗିବାଡ଼ି | ୨୬.୫ | ୧୪.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ପ୍ରଥମ ପୃଷ୍ଠାରୁ...

## ୭ ପ୍ରସ୍ତାବକୁ କ୍ୟାବିନେଟ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ମୋଟ ୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଛନ୍ତି ଯେ, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ଅଧୀନରେ ଅନ୍ୱେଷା ଯୋଜନାରେ ନିର୍ମାଣ କରାଯାଇଥିବା ଛାତ୍ରୀନିବାସ ଓ ଛାତ୍ରାବାସଗୁଡିକ ଦାୟିତ୍ୱରେ ଜଣେ ଲେଖାଏ ୱେଲଫେୟାର ଏକ୍ସଟେନଶନ ଅଫିସର(ଡବ୍ଲ୍ୟୁଇଓ) ରହିବେ। ସେହି ଅଧିକାରୀମାନେ ଛାତ୍ରୀନିବାସ ଓ ଛାତ୍ରାବାସର ସମସ୍ତ ସମସ୍ୟା ବୁଝିବେ। ଗତ ଦୁଇ ଦଶନ୍ଧି ଧରି ରାଜ୍ୟରେ ଏହି ବିଭାଗ ଅଧୀନରେ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ଏଗୁଡିକର ପରିଚାଳନା ପାଇଁ ଜଣେ ଅଧିକାରୀ ନିଯୁକ୍ତି ପାଇବେ। ଏହାଛଡା ରାଜ୍ୟସ୍ତରୀୟ ଆନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୃଷ୍ଟି କରାଯିବ। ସେହିପରି ସମନ୍ୱିତ ଜନଜାତି ଉନ୍ନୟନ ପ୍ରକଳ୍ପ(ଆଇଟିଡିଏ) ଏବଂ ଉପଖଣ୍ଡଗୁଡିକରେ ଜଣେ ଲେଖାଏ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏତଦ୍‌ବ୍ୟତୀତ ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପଦବୀଗୁଡିକ ମଧ୍ୟ ସୃଷ୍ଟି କରାଯାଇଛି। ଏଥିପାଇଁ ଏସସି/ଏସଟି ୱେଲଫେୟାର ସର୍ଭିସ କ୍ୟାଡର ପୁନର୍ଗଠନ କରାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। କ୍ୟାଡର ପୁନର୍ଗଠନ ଫଳରେ ୭୧ ଅତିରିକ୍ତ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ୯ ଜିଲା ମଙ୍ଗଳ ଅଧିକାରୀ, ୮ ଉପନିର୍ଦ୍ଦେଶକ, ୩ ଯୁଗ୍ମ ଉପନିର୍ଦ୍ଦେଶକ ଏବଂ ୧ ଅତିରିକ୍ତ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟରେ ଗ୍ରାମାଞ୍ଚଳ ଲୋକଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ମାତ୍ର ଏହି କାର୍ଯ୍ୟ ପରିଚାଳନା କରିବା ପାଇଁ ଉପଯୁକ୍ତ ବୈଜ୍ଞାନିକ ଜ୍ଞାନକୌଶଳଯୁକ୍ତ ଅଧିକାରୀଙ୍କର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପଯୁକ୍ତ ଜଳ ଉତ୍ସ ଅନୁସନ୍ଧାନ, ଆକଳନ ତଥା ପରିଚାଳନା ନିମେନ୍ତେ ପଞ୍ଚାୟତିରାଜ ବିଭାଗରେ ଭୂ ବୈଜ୍ଞାନିକ (ଜିଓଲୋଜିଷ୍ଟ) କ୍ୟାଡର ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ମେଧାବୀ ତଥା କୁଶଳୀ ଜିଓଲୋଜିଷ୍ଟମାନଙ୍କୁ ଆକୃଷ୍ଟ କରିବାକୁ ଏଣିକି ମୂଳସ୍ତରରେ ଥିବା କ୍ଲସ–୨(ଗ୍ରୁପ–ବି) ପଦବୀଗୁଡିକ ଜୁନିୟର କ୍ଲାସ–୧କୁ ଉନ୍ନୀତ କରାଯାଇଛି। କ୍ୟାଡଖର ପୁନର୍ଗଠନ ପରେ ଏହି ପଦବୀ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି। କ୍ୟାଡର ପୁନର୍ଗଠନ ପରେ ୧ ଅତିରିକ୍ତ ନିର୍ଦ୍ଦେଶକ (ଜିଓଲୋଜି) ପଦବୀ ସୃଷ୍ଟି ହୋଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ (ଜିଓଲୋଜି) ୨, ଡେପୁଟି ନିର୍ଦ୍ଦେଶକ (ଜିଓଲୋଜି) ୬ ଏବଂ ଜିଓଲୋଜିଷ୍ଟ /ଜିଓଫିଜିଷ୍ଟ ୩୦ଟି ପଦବୀ ସୃଷ୍ଟି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ଉଦ୍ୟାନ କୃଷି ସେବା(ନବ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ ୨୦୧୪ର ୫ମ ନିୟମର ଧାରା ୨(ଗ)ସଂଶୋଧନ ପ୍ରସ୍ତାବକୁ ମଧ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଉଦ୍ୟାନ କୃଷି ଉପଦର୍ଶକଙ୍କ ଯୋଗ୍ୟତା ୧୦ମ ପରିବର୍ତ୍ତେ ଯୁକ୍ତ ଦୁଇ ବିଜ୍ଞାନ ରହିବ। ଖାଲି ଥିବା ୧୪ଟି ପଦବୀରେ ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତାଧାରୀ ନିଯୁକ୍ତି ପାଇବେ। ପୂର୍ବରୁ ନିଯୁକ୍ତି ହୋଇଥିବା ଉଦ୍ୟାନ କୃଷି ଉପଦର୍ଶକ ଓ ପ୍ରଦର୍ଶନ ସହାୟକଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ବାଦ ଦେଲେ ଅନ୍ୟ କାହାର ଯୁକ୍ତ ଦୁଇ ବିଜ୍ଞାନ ଯୋଗ୍ୟତା ନାହିଁ। ଫଳରେ ସେହି କର୍ମଚାରୀମାନେ ପଦୋନ୍ନତିର ସୁଯୋଗ ପାଇବାରୁ ବଞ୍ଚିତ ହୋଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

## ସମସ୍ୟା ଯୋଗୁ ଛାତ୍ରାବାସ...


ଛାତ୍ରମାନଙ୍କୁ ଅଧାବାଟରୁ ଫେରାଇ ନିଆଯାଉଛି।

ଫେରାଇ ନେଇଥିଲେ । ଘଟଣା ସମ୍ପର୍କରେ ଜିଲାପାଳ ଜାଣିବା ପରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କୁ ଛାତ୍ରାବାସକୁ ପଠାଇଥିଲେ । ବାଲିମେଳା ପୋଲିସ ଓ ପ୍ରକଳ୍ପ ପ୍ରଶାସକ ଗଣ୍ଡ ଛାତ୍ରାବାସରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଛାତ୍ରୀଛାତ୍ରଙ୍କୁ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ବୁଝାଶୁଝା କରିଥିଲେ। ଏହି ସମୟରେ ଅନ୍ତେବାସୀ ଅଧିକାରୀମାନଙ୍କୁ ସେମାନଙ୍କ ସମସ୍ୟା ଜଣାଇ କହିଥିଲେ ଯେ, ଖରାପ ଥିବା ପାଣି ପଏଣ୍ଟ ସଜଡାଯାଉନି। ରାତିରେ ଛାତ୍ରାବାସରେ କେହି ରହୁନାହାନ୍ତି। ଛାତ୍ରାବାସ ଗୃହରେ ପାଣି ଗଳୁଥିବା, ଛାତ ମରାମତି କରାଯାଉ ନ ଥିବା ନେଇ ସେମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ତଦନ୍ତ ବେଳେ ଅଧିକାରୀମାନେ ଛାତ୍ରାବାସରେ ଅଳିଆ ଆବର୍ଜନା ଜମି ରହୁ ଥିବାରୁ ଛାତ୍ରମାନେ ଶୀତରେ ତଳେ ଶୋଉଥିବା ଦେଖିବାକୁ ପାଇଥିଲେ। ପରେ ସେମାନଙ୍କୁ ରାତ୍ରି ଭୋଜନ ଖାଇବାକୁ ଦେଇଥିଲେ । କୋମଳମତି ଅନ୍ତେବାସୀଙ୍କୁ ରାତି ଅଧରେ ଛାତ୍ରାବାସ ଛାଡ଼ିବାକୁ କିଏ ପ୍ରବର୍ତ୍ତାଇଥିଲା ନା ପ୍ରକୃତରେ ସେମାନେ ନିଜେ ଛାତ୍ରାବାସ ଛାଡ଼ିଥିଲେ ଏହାର ତଦନ୍ତ କରାଯାଉଛି । ଘଟଣା ସମ୍ପର୍କରେ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବା ପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ଯେତେ ମାଠିବୁ ମାଠ**
**ମୁଁ ସେଇ ଦରପୋଡ଼ା କାଠ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ଓ ବୋଲକୁ ସେମାନଙ୍କର ଡର କି ଭୟ ରହୁ ନ ଥିବା ବେଳେ କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ତେଣୁ ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟାକଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମର୍ତ୍ତ୍ୟ ମଣ୍ଡଳେ ଦେହ ବହି,**
**ଦେବତା ହେଲେ ବି ମରଇ ।**

ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ପୃଥିବୀକୁ ମୃତ୍ୟୁଲୋକ କୁହାଯାଇଛି। ଯଦି କିଛି ସତ୍ୟ ଥାଏ ତାହା ହିଁ ମୃତ୍ୟୁ । ବୀର, ବଳବାନ, ଶକ୍ତିମାନ ଅଥବା ସୈତାନ ସମସ୍ତେ ମୃତ୍ୟୁ ଆଗରେ ପରାଜିତ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଧରାପୃଷ୍ଠରେ ଜନ୍ମିତ ସକଳ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ହକି ବିଶ୍ୱକପ...

ଆଲୋଚନା କରିବେ ସେ ଦିଗରେ ଲେଖାମାନ ପ୍ରକାଶ ପାଇବା ଉଚିତ। କ୍ରୀଡ଼ା ସାହିତ୍ୟ ଲୋକମାନଙ୍କ ମନରେ ଖେଳପ୍ରତି ସ୍ୱତନ୍ତ୍ର ଉତ୍ସାହ ସୃଷ୍ଟି କରିବ। ଖେଳର ପ୍ରଭାବ, ଖେଳାଳିଙ୍କ ସଂଘର୍ଷର କଥା, ବିଜୟ ଏବଂ ଉତ୍ସବର ମାହୋଲ, ବିଫଳତା ଏବଂ ନୈରାଶ୍ୟ ଏଥିରେ ପ୍ରତିଫଳିତ ହେବ। ଖେଳ ଜୀବନର ଗତିପଥ ବଦଳାଇ ଦେଇପାରେ, ଜୀବନପ୍ରତି ଦୃଷ୍ଟିଭଙ୍ଗୀ ମଧ ପରିବର୍ତ୍ତନ କରିପାରେ। ଦୁଇଦିନିଆ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ପ୍ରତିଷ୍ଠିତ କ୍ରୀଡ଼ା ବ୍ୟକ୍ତିତ୍ୱ ଏବଂ ଖେଳ ପ୍ରେମୀଙ୍କୁ ଏକାଠି କରିଛି। ଆଗାମୀ ହକି ବିଶ୍ୱକପ ପାଇଁ ଏହା ଉପଯୁକ୍ତ ଭେଟି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ସଚିବ ବିଶାଳ ଦେବ, ୧୯୭୫ ହକି ବିଶ୍ୱକପ ବିଜୟୀ ଭାରତୀୟ ଦଳର ଅଧିନାୟକ ଅଜିତ ପାଲ ସିଂ, କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ ପ୍ରମୁଖ ଉପସ୍ଥିତ ଥିଲେ। ''କ୍ରୀଡ଼ା ସହିତ ଓଡ଼ିଶାର ସମ୍ପର୍କ ମଧୁର। କ୍ରୀଡ଼ାଦ୍ୱାରା ରାଜ୍ୟର ସଂସ୍କୃତି ସମୃଦ୍ଧ ହୋଇଛି, ରାଜ୍ୟ ମଧ ବିଭିନ୍ନ ବିଭାଗର କ୍ରୀଡ଼ା ଦିଗରେ ପଦକ୍ଷେପ ନେଉଛି। ଏହି ଲିଟ୍ ଫେଷ୍ଟ ଓଡ଼ିଶା ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଓଡ଼ିଶା ଏବେ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହେବା ପଥରେ ରହିଛି। ଏହି ଫେଷ୍ଟିଭାଲ ବିଶ୍ୱର କେତେକ ପ୍ରତିଷ୍ଠିତ ବକ୍ତାଙ୍କ ବକ୍ତବ୍ୟ ଶୁଣିବାର ସୁଯୋଗ ସୃଷ୍ଟି କରିଛି'' ବୋଲି କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ''ବିଭିନ୍ନ ନିଷ୍ପତ୍ତିକୁ ଦାୟିତ୍ୱର କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ କର୍ପୋରେଟ ସଂସ୍ଥାଭଳି କାମ କରୁଛି। ଓଡ଼ିଶା ଏଭଳି ଏକ ରାଜ୍ୟ ଯାହାର କି ପ୍ରତି ଲିଗ୍ ପାଇଁ ନିଜସ୍ୱ ଟିମ୍ ରହିଛି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମୀର ଦୃତ ବିକାଶ ଘଟୁଛି। ଯାହାଫଳରେ ଆମେ ଅନ୍ତର୍ଜାତୀୟ ଖେଳ ଇଭେଣ୍ଟଗୁଡ଼ିକୁ ଆୟୋଜନ ପାଇଁ ପ୍ରସ୍ତୁତ ହୋଇ ରହିପାରିବୁ'' ବୋଲି କ୍ରୀଡ଼ା ସଚିବ ବିଶାଳ ଦେବ ପ୍ରକାଶ କରିଛନ୍ତି। ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ପ୍ରଥମ ଦିବସରେ ଏକାଧିକ ସେସନ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ଅତୀତରେ ଆତଙ୍କ ସୃଷ୍ଟି କରିଥିବା ଅଷ୍ଟ୍ରେଲିଆ ଫାଷ୍ଟବୋଲର ଜେଫ୍ ଥମ୍ପସନ ' ଦି ଡେଥ୍ ଅଫ ଦି ଟେଷ୍ଟ ଫାଷ୍ଟ ବୋଲର' ଏବଂ ପୂର୍ବତନ ହକି ଖେଳାଳି ଓ କୋଚ୍ ରିକ୍ ଚାଲ୍ସୱର୍ଥ 'ସେକ୍ସପିୟର ଦି କୋଚ୍' ବିଷୟ ଉପରେ ନିଜ ମତ ରଖିଥିଲେ। ହକି କିମ୍ବଦନ୍ତୀ ଧନରାଜ ପିଲେ, ଦିଲୀପ ତିର୍କୀ, ଅଜିତପାଲ ସିଂ ଓ ଅଷ୍ଟ୍ରେଲିଆର ବ୍ରେଣ୍ଟ ଲିଭ୍‌ରମୋର ହକି ବିଶ୍ୱକପ–୨୦୧୮ ଉପରେ ପୂର୍ବାନୁମାନ କରିଥିଲେ। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଜୀବନକୁ ନେଇ ପୁସ୍ତକ ଲେଖିଥିବା ଭାରତ ସୁନ୍ଦରେସନ 'ଦି ଧୋନୀ ଟଚ୍' ଉପରେ ଆଲୋଚନା କରିଥିଲେ। 'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକାର ରଚୟିତା ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା ପରିସଂଖ୍ୟାନ କେବେ ଭୁଲ ନୁହେଁ ସମ୍ପର୍କରେ ନିଜ ମତ ରଖିଥିଲେ। ଶେଷରେ 'ହାଇପରଆଣ୍ଡ୍ରୋଜେନିଜମ୍, ଗୋଟିଏ ଶବ୍ଦ, ଅନେକ ମତ' ଆଲୋଚନାଚକ୍ର ବେଶ୍ ଭାବଗର୍ଭକ ହୋଇଥିଲା। ଏଥିରେ ଭାଗନେଇଥିଲେ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର ମେଡଲିନ ପେପ୍, ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରାଜନ ଏବଂ ଭାରତୀୟ ସମାନ ଏବଂ ସ୍ୱଦେଶୀ ଅଧିକାର କର୍ମୀ ଗୋପୀ ଶଙ୍କର ମଦୁରାଇ।

## ୩ ଜଣଙ୍କୁ ବାର୍‌ରୁ ...

ସେହିପରି ଆନ୍ଦୋଳନରୁ ଓହରିଯାଇଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ଅସିମ୍ ଅମିତାଭ ଦାସ, ଆବାହକ ମିଳନ କାନୁନ୍‌ଗୋ ଓ ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ଉପସଭାପତି ବଂଶୀଧର ଶତପଥୀଙ୍କୁ ବାର୍‌ରୁ ବହିଷ୍କାର କରାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସଂଘ ବିରୋଧୀ କାର୍ଯ୍ୟ ଓ ଓକିଲ ଏକତାକୁ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଏମାନଙ୍କୁ ବହିଷ୍କାର କରାଯାଇଥିବା ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି। ତେବେ ଆଡଭୋକେଟ ମହାନ୍ତି ପରବର୍ତ୍ତୀ ସମୟରେ ବାର୍‌କୁ ଚିଠିଲେଖି କ୍ଷମା ମାଗିଥିବାରୁ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ବହିଷ୍କାର ସମ୍ପର୍କରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଉପଦେଷ୍ଟା ତଥା ବରିଷ୍ଠ ଆଡଭୋକେଟ ଦାସ କୁହନ୍ତି, ଏନେଇ କୌଣସି ପ୍ରତିକ୍ରିୟା ଦେବାର ନାହିଁ। କ'ଣ ହୋଇଛି ସେ ସମ୍ପର୍କରେ ଆମେ ଚିନ୍ତା କରୁଛୁ। ସୂଚନାଥାଉକି, ପ୍ରାୟ ୨ ମାସ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିବା ପରେ ଗତ ଶନିବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ ଆନ୍ଦୋଳନରୁ ଓହରିଯାଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ପଦରୁ ବଂଶୀଧର ଶତପଥୀ ଇସ୍ତଫା ଦେଇଥିଲେ। ଗତ ସୋମବାର ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ସଦସ୍ୟମାନେ କାର୍ଯ୍ୟରେ ଯୋଗଦେବା ପାଇଁ ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ କରିବା ବେଳେ ତୁମୁଳକାଣ୍ଡ ଘଟିଥିଲା। ଏହାପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ ବିଚାରପତି ଜଷ୍ଟିସ ସି.ଆର୍. ଦାସଙ୍କ ତତ୍ତ୍ୱାବଧାନରେ ଜାରି ରହିଛି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚକୁ ନଭେମ୍ବର ୯ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସେ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି।

## ଗଙ୍ଗାବାଡ଼ ପଞ୍ଚାୟତ ବୁଲି ...

ପାଇଁ ପରାମର୍ଶ ଦେଇଥିଲେ। ପରେ ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ଟିମ୍ ଯୋଗଦେଇଥିଲେ। ଏଥିରେ ସାହି ଅଧ୍ୟକ୍ଷତା କରିଥିଲେ। ଟିମ୍‌ର ସଦସ୍ୟମାନେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କଠାରୁ କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଜିଲାପାଳ ଅନୁପମ ଶାହା ସେମାନଙ୍କୁ ବାତ୍ୟା ଓ ପରବର୍ତ୍ତୀ ସମୟର ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ଭିଡିଓ ଚିତ୍ର ଦେଖାଇ ସମସ୍ତ ବିଷୟ ଅବଗତ କରାଇଥିଲେ। ଗଙ୍ଗାବାଡରେ ସର୍ବାଧିକ ୧୮ଜଣଙ୍କ ସମେତ ଜିଲାରେ ମୋଟ ୪୯ଜଣଙ୍କ ମୃତ୍ୟୁ ଘଟିଛି। ୩୯ଜଣଙ୍କୁ କ୍ଷତିପୂରଣ ଦିଆଯାଇଛି। ସେହିପରି ୬୦୯୪ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବାବେଳେ ୧୦୫୨ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ୧୫୫ ଜଣଙ୍କୁ କ୍ଷତିପୂରଣ ବାବଦ ୨୯ଲକ୍ଷ ୨୦ହଜାର ଟଙ୍କା ଦିଆଯାଇଛି । ଜିଲାର ୧ଲକ୍ଷ ୪୯ ହଜାର ୪୩୧ ପରିବାର ମଧ୍ୟରୁ ସର୍ଭେ ମାଧ୍ୟମରେ ୧ଲକ୍ଷ ୩୨ହଜାର ୪୮୦ ପରିବାରକୁ ଚିହ୍ନଟ କରାଯାଇ ଡିବିଟି ଜରିଆରେ କ୍ଷତିପୂରଣ ଦିଆଯାଉଛି। ୩୩ ପ୍ରତିଶତ ଅର୍ଥାତ୍ ୩୭ହଜାର ୫୬୫.୩୪ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବାବେଳେ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ଜିଲାର ୨୮୪ ଉଠାଜଳସେଚନ ପଏଣ୍ଟ ମଧ୍ୟରୁ ୨୪୧ଟି ଅକାମୀ ହୋଇପଡିଥିଲା। ଅଦ୍ୟାବଧି ୫୦ଟି ପଏଣ୍ଟ କାର୍ଯ୍ୟକ୍ଷମ ହୋଇଛି। ସମସ୍ତ ରାସ୍ତା ଓ ପାନୀୟଜଳ ଯୋଗାଣ ପ୍ରକଳ୍ପ ମରାମତି ସରିଛି। ସେହିପରି ଅଧିକାଂଶ କ୍ଷତିଗ୍ରସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଛି ବୋଲି ଜିଲାପାଳ ଶାହା ତଥ୍ୟ ରଖିଥିଲେ। ବୈଠକ ପରେ ଯୁଗ୍ମ ସଚିବ ସାହି ଖବରଦାତାମାନଙ୍କୁ କହିଥିଲେ, ଜିଲାରେ ତିତ୍‌ଲି ଅତ୍ୟନ୍ତ ଭୟାନକ ପରିସ୍ଥିତ ସୃଷ୍ଟି କରିଛି। ସମସ୍ତ କ୍ଷୟକ୍ଷତି ବୁଲି ଦେଖିଲୁ। ଆମେ ଫେରିଯିବା ପରେ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବୁ।




## ସଂକ୍ଷେପରେ

### ଜାତିଆଣ ଆକ୍ଷେପ ଅଭିଯୋଗ

ଟିକିରି,୨।୧୧(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ଥାନାରେ ଶୁକ୍ରବାର ଜାତିଆଣ ଆକ୍ଷେପ କରିବା ନେଇ ଅଭିଯୋଗ ହୋଇଛି। ରବିନ୍ଦ୍ର ପାତ୍ରଙ୍କ ସ୍ତ୍ରୀ ସଙ୍ଗୀତା ପାତ୍ର ଏକ ଜନ୍ମଦିନ ଭୋଜିକୁ ଯାଇଥିଲେ। ସେଠାରେ ଖାଦ୍ୟ ପରଷୁଥିବା ସୁଶାନ୍ତ ନାୟକଙ୍କୁ ଜାତିଆଣ ଆକ୍ଷେପ କରି ବହୁ କଥା କହିଥିଲେ। ଏନେଇ ସୁଶାନ୍ତ ଟିକିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (କେସ୍ ନଂ ୯୮/୧୮) ରୁଜୁ କରିଛି। ପୋଲିସ୍ ଏସ୍‌ଡିପିଓ ରାଜକିଶୋର ଦାସ ଟିକିରି ଆସି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିବାକୁ ଦଳିତନେତାମାନେ ଦାବି କରିଛନ୍ତି।

### ଅଟୋ ଧକ୍କାରେ ୩ ଆହତ

ଟିକିରି,୨।୧୧(ଡ଼ି.ଏନ.ଏ): ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ଶକୁନ୍ତଳା ପେଟ୍ରୋଲ ପମ୍ପ ନିକଟରେ ଏକ ଅଟୋ ଧକ୍କାରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ସାନମାଟି କଣା ଗ୍ରାମର ଧନାରୀ ମାଝି,ଅଞ୍ଜୁ ମାଝି ଏବଂ ଅଟୋ ଡ୍ରାଇଭର ସୁଶାନ୍ତ ଦୋରା। ସେମାନଙ୍କୁ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତ କରାଯାଇଛି। ଉକ୍ତ ଦୁଇ ମହିଳା ଟିକିରି ହାଟକୁ ଆସି ଘରକୁ ଫେରୁଥିବା ବେଳେ ଅଟୋଟି ପଛ ଆଡୁ ଆସି ଧକ୍କା ଦେଇ ଡ୍ରେନକୁ ଓଲଟି ପଡ଼ିଥିଲା। ଅଟୋଟି ଟିକିରିରୁ ଦୋରାଗୁଡ଼ା ଅଭିମୁଖେ ଯାଉଥିଲେ। ପୋଲିସ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

# ଝାଡୁଦାରଙ୍କ ବିକ୍ଷୋଭ ପ୍ରଦର୍ଶନ

## ■ ୨ ଦିନ ହେଲା ସଫେଇ କାର୍ଯ୍ୟ ଠପ୍ ■ ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ

ରାୟଗଡା ଅଫିସ୍, ୨।୧୧

ରାୟଗଡା ପୌର ପରିଷଦ ଅଧିନରେ କାର୍ଯ୍ୟ କରୁଥିବା ଝାଡୁଦାରମାନେ ଶୁକ୍ରବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନୂତନ ସମୟସାରଣୀକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାଯାଇଛି। ଗତ ଗୁରୁବାର ଓ ଶୁକ୍ରବାର ୨ଦିନ ଧରି ରାୟଗଡା ସହରରେ ଅଳିଆ ଆବର୍ଜନା ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି। ଫଳରେ ସହରର ବିଭିନ୍ନ ଅଞ୍ଚଳରେ କୁଢ଼ କୁଢ଼ ଆବର୍ଜନା ଜମି ରହିବାରୁ ସହରବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଲେଣି। ପୂର୍ବରୁ ଯେଉଁ ସମୟସାରଣୀ ଧାର୍ଯ୍ୟ କରାଯାଇଥିଲା ସେହି ଅନୁଯାୟୀ କାର୍ଯ୍ୟ କରିବୁ ବୋଲି ସଫେଇ କର୍ମଚାରୀମାନେ ଜିଦ୍ ଧରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସକାଳ ୬ଟା ହୋଇଗଲେ ସହରର ବିଭିନ୍ନ ଅଞ୍ଚଳରେ ଦୋକାନ ବଜାର ଖୋଲିଯାଉଛି। ଏଥିସହିତ ଯାନବାହାନ ଚଳାଚଳ ମଧ ବୃଦ୍ଧି ପାଉଛି। ତେଣୁ ସଫେଇ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ତେଣୁ ପୂର୍ବରୁ ନିର୍ଦ୍ଧାରିତ ସମୟ ଅନୁସାରେ କାର୍ଯ୍ୟ କରିବୁ ବୋଲି କହିଛନ୍ତି।

ପ୍ରାୟ ୧ ମାସ ପୂର୍ବେ ରାୟଗଡା ଜିଲା ପ୍ରଶାସନ ଓ ରାୟଗଡା ପୌର ପରିଷଦ କର୍ତ୍ତୃପକ୍ଷ ମିଳିତ ଭାବେ ରାୟଗଡା ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ପରେ ଝାଡୁଦାରଙ୍କ ସମୟସାରଣୀରେ ପରିବର୍ତ୍ତନ କରାଯାଇଥିଲା। ପୂର୍ବରୁ ଝାଡୁଦାରମାନେ ଭୋର ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ଅଞ୍ଚଳରେ ସଫେଇ କରୁଥିଲେ। ହେଲେ ପ୍ରଶାସନ ପକ୍ଷରୁ ନଭେମ୍ବର ୧ତାରିଖରୁ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କାମ କରିବାକୁ ନୂତନ ସମୟ ଧାର୍ଯ୍ୟ କରାଯାଇଛି। ଅନ୍ୟପଟେ ପୌର ପରିଷଦର ୧୬ଟି ୱାର୍ଡର ସଫେଇ ଘରୋଇ ଠିକା ସଂସ୍ଥା ପକ୍ଷରୁ କରାଯାଉଛି। ହେଲେ ଏହାର ଅବଧି ଗତ ଅକ୍ଟୋବର ୩୧ତାରିଖରୁ ଶେଷ ହୋଇଯାଇଛି। ଏହାପରେ ରାୟଗଡା ପୌର ପରିଷଦର ଶେଷ କାଉନ୍ସିଲ ବୈଠକରେ ପାରିଷଦର ସଭ୍ୟାସଭ୍ୟମାନେ ରିଜଲ୍ୟୁସନ କରି ଠିକା ସଂସ୍ଥାକୁ ଆଉ ୬ ମାସ ସଫା କରିବା ପାଇଁ ସମୟ ବଢ଼ାଯାଇଥିଲା। ପରେ ରାୟଗଡା ପୌର ପରିଷଦ କର୍ତ୍ତୃପକ୍ଷଙ୍କ ତରଫରୁ ଉକ୍ତ ଫାଇଲ୍‌କୁ ନିୟମ ଅନୁସାରେ ଏବଂ ଠିକ୍ ଭାବେ କାର୍ଯ୍ୟକାରି ନ କରି ଦିନ ଗଡାଇନେଲେ। ଏ ସମ୍ପର୍କରେ ରାୟଗଡା ପୌର ପରିଷଦର ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପାରିଷଦ ପକ୍ଷରୁ ଅନୁମୋଦିତ ହୋଇଥିବା ଫାଇଲ୍‌ଟିକୁ ପୌର ପରିଷଦ କର୍ତ୍ତୃପକ୍ଷ ଠିକ୍ ଭାବେ କାର୍ଯ୍ୟକାରୀ ନ କରି ନିର୍ଦ୍ଧାରିତ ସମୟକୁ ଅତିବାହିତ ହୋଇଯାଇଛି। ଘରୋଇକରଣ ଠିକା ସଂସ୍ଥା ସମ୍ବନ୍ଧୀୟ ଫାଇଲ୍‌ଟିକୁ ପ୍ରାୟ ୧୫ଦିନ ପୂର୍ବେ ତାର ଅବଧି ବୃଦ୍ଧି କରିବା ନିମନ୍ତେ ପୌର କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ହେଲେ ତାହାକୁ ଜିଲାପାଳ ଅନୁମୋଦନ ନ କରି ଏକ ନୂତନ ଟେଣ୍ଡର କମିଟି ଗଠନ କରି ନିଷ୍ପତ୍ତି ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ନିର୍ବାହୀ ଅଧିକାରୀ ଜୈନ କହିଛନ୍ତି।



ପୌର କାର୍ଯ୍ୟାଳୟ ସମ୍ମୁଖରେ ଝାଡୁଦାରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ଚନ୍ଦ୍ରପୁର/ବିଷମକଟକ, ୨।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକକୁ ଶୁକ୍ରବାର ଭାଜପା ତରଫରୁ ଘେରାଉ କରାଯାଇଛି। ଭାଜପା କର୍ମୀମାନେ ଚନ୍ଦ୍ରପୁରସ୍ଥିତ ଝାଲିଆଗୁଡି ମନ୍ଦିର ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଚନ୍ଦ୍ରପୁର ବ୍ଲକ ପରିସରରେ ପହଞ୍ଚିଥିଲେ। ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। ବିଜେଡ଼ି ଶାସନର ବିଫଳତା ଓ ମୋଦି ସରକାରଙ୍କ ତରଫରୁ ଚାଲିଥିବା ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ କହିଥିଲେ। ଭାଜପା କର୍ମୀମାନେ ବିଜେଡି ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଚନ୍ଦ୍ରପୁର ବ୍ଲକରେ ରହିଥିବା ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ, ଜଙ୍ଗଲ ଜମିପଟା ପ୍ରଦାନରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ସୌଭାଗ୍ୟ ଯୋଜନାରେ ଅନିୟମିତତା ଖାଦ୍ୟ ସୁରକ୍ଷାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବା, ଲାଞ୍ଚ, ଦୁର୍ନୀତି, ଭ୍ରଷ୍ଟାଚାରରୁ ନିବୃତ୍ତ ରହିବା ଆଦି ଦାବି କରିଛନ୍ତି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତିତ୍‌ଲି ପ୍ରଭାବରେ ବିଦାପୁର ପଞ୍ଚାୟତବାସୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବା, ଜଙ୍ଗଲ ଜମିପଟ୍ଟା ପାଇଥିବା ହିତାଧିକାରୀଙ୍କୁ ଜମି ଚିହ୍ନଟ କରିବା ନେଇ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଘେରାଉରେ ଭାଜପା ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା, ପୂର୍ବତନ କୋରାପୁଟ ଏମପି ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଟିକା, ଜିଲା ଉପସଭାପତି ନବୀନ ପିସ୍ପଲୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗୀ, ଚନ୍ଦ୍ରପୁର ବ୍ଲକ ଭାଜପା ସଭାପତି ସୁନାମଣି ପ୍ରଟିଙ୍ଗା, ପ୍ରେମ ମଣ୍ଡାଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ସେହିପରି ବିଷମକଟକ ସଦର ମହକୁମାରେ ବ୍ଲକ ଭାଜପା ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲା ସଭାପତି ଶିବଶଙ୍କର ଉଲ୍ଲାକାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଆଉ ନେତା ସ୍ଥାନୀୟ ମା' ମାର୍କମା ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବିଷମକଟକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏହି ଘେରାଉରେ ପୂର୍ବତନ ବିଧାୟକ ସାରଙ୍ଗ ଧର କାଡ୍ରକା ,ପ୍ରତାପ ମହାନ୍ତି, ଦିଲୀପ ମହାରଣା, ଜିଲା ସମ୍ପାଦକ ଭାସ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



ଭାଜପା କର୍ମୀମାନେ ବିଷମକଟକ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।



ଚନ୍ଦ୍ରପୁରରେ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ବିନା ପରମିଟ୍‌ରେ ଯାଉଥିବା ୨ ବସ ଜବତ

ରାୟଗଡା ଅଫିସ୍, ୨।୧୧

ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ରାୟଗଡା ସହରସ୍ଥିତ ସାଇ ଇଣ୍ଟର ନ୍ୟାସ୍‌ନାଲ ଛକ ନିକଟରେ ବିନା ପରମିଟ୍‌ରେ ଯାତ୍ରୀଙ୍କୁ ନେଇ ଯାଉଥିବା ୨ଟି ବସ୍‌କୁ ଜବତ କରାଯାଇଛି। ଲକ୍ଷ୍ମୀପୁରରୁ ରାୟଗଡା ସହରଦେଇ କଟକ ଅଭିମୁଖେ ଯାଉଥିବା ସାରଳା ବସ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ପରେ ବିନା ପରମିଟ୍‌ରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଜଣାଯାଇଥିଲା। ସେହିପରି ରଘୁନାଥ ନାମକ ଏକ ବସ୍ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଜୟପୁରରୁ ନୟାଗଡର ବଡମ୍ବା ଯାଉଥିଲା। ଉକ୍ତ ଗାଡିର କାଗଜପତ୍ର ଯାଞ୍ଚ କରାଯିବାରୁ ପରମିଟ୍ ନ ଥିବା ଜଣାପଡିଥିଲା। ଏନେଇ ୨ଟି ମାମଲା ରୁଜୁ କରାଯାଇଛି। ଉକ୍ତ ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ପଠାଇ ଦିଆଯାଇଥିବା ଟ୍ରାଫିକ୍ ଇନ୍ସପେକ୍ଟର ଯୁଧିଷ୍ଠିର ଲେଙ୍କା ସୂଚନା ଦେଇଛନ୍ତି।

# ଘରଡିହ ପଟ୍ଟା ପ୍ରଦାନ ଦାବି

ଗୁଣପୁର,୨।୧୧(ଡି.ଏନ.ଏ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଗୁଲୁମୁଣ୍ଡା ପାକା ଅଞ୍ଚଳର ଲୋକମାନେ ଘରଡିହ ପଟ୍ଟା ପ୍ରଦାନ ନେଇ ଶୁକ୍ରବାର ଉପଜିଲାପାଳ ବିଏସ.ବଳିରାମଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ଚିହ୍ନଟ ମୁତାବକ ସେମାନେ ସେହି ସ୍ଥାନରେ ରହି ଆସୁଛନ୍ତି। ତେଣୁ ସେମାନଙ୍କୁ ସେହି ସ୍ଥାନର ପଟ୍ଟା ପ୍ରଦାନ କରାଯିବାକୁ ଦାବି କରିଥିଲେ। ଘର ଡିହ ପଟ୍ଟା ନ ଥିବାରୁ ସେମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ।

# ନିଶାମୁକ୍ତ ପଞ୍ଚାୟତ ଗଠନ ନେଇ ପଲ୍ଲିସଭା

ପଦ୍ମପୁର,୨।୧୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଖିଲାପଦର ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ ରୂପେ ଗଠନ କରିବା ପାଇଁ ସାମାଜିକ କର୍ମୀ ବଳରାମ ପଣ୍ଡା ଓ ପଞ୍ଚାୟତର ମହିଳାମାନେ ଏକ ପଲ୍ଲୀସଭା କରିଛନ୍ତି। ପରେ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଚୁକ୍ତିନାମାକୁ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତି ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଖିଲାପଦର ପଞ୍ଚାୟତରେ ଦୀର୍ଘ ୧୦ରୁ ୧୨ ଦିନ ଧରି ଗାଁ ଲୋକେ ନିଶାମୁକ୍ତ ପଞ୍ଚାୟତ ଘୋଷଣା କରିବାକୁ ବାରମ୍ବାର ଦାବି କରି ଆସୁଥିଲେ। ଏନେଇ ସରପଞ୍ଚ ପାର୍ବତୀ ଗମାଙ୍ଗଙ୍କୁ ଅବଗତ କରାଇଥିଲେ। ହେଲେ ସ୍ୱାସ୍ଥ୍ୟଗତ କାରଣରୁ ସରପଞ୍ଚ ବୈଠକକୁ ଆସୁ ନ ଥିଲେ। ଫଳରେ ଗାଁର ଶତାଧିକ ମହିଳା ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ନାଏବ ସରପଞ୍ଚ ବିଶ୍ୱନାଥ ଶବରଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ପଲ୍ଲୀସଭାର ଆୟୋଜନ କରାଯାଇଥିଲା। ନିଶାମୁକ୍ତ ପଞ୍ଚାୟତ ପାଇଁ ବିଧିବଦ୍ଧ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ଗାଁରେ ନିଶାମୁକ୍ତ ପଞ୍ଚାୟତ ଫଳକ ଲଗାଇବା ସହ ଗାଁରେ ମଦ ବିକ୍ରି ନ କରିବା, ଏମଜିଏନଆରଇଜିଏ ଯୋଜନାରେ ସମସ୍ତ ଶ୍ରମିକଙ୍କୁ କର୍ମ ନିଯୁକ୍ତି ସହ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଏଥିରେ କୃଷ୍ଣ ଶବର, ଦେବୀ ପ୍ରସାଦ ଗମାଙ୍ଗ, ପୁଷ୍ପଲତା ଶବର, ଉମାବତୀ ଶବର,ବିଦ୍ୟାଧର ଶବର ଉପସ୍ଥିତ ଥିଲେ। ଉକ୍ତ ଦାବି ତୁରନ୍ତ ପୂରଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଝୁଲିବ ବୋଲି ନିଷ୍ପତ୍ତି ହୋଇଥିବା ଗ୍ରାମବାସୀ କହିଛନ୍ତି। ପଦ୍ମପୁର ବିଡ଼ିଓ ପ୍ରଧାନଙ୍କୁ ପଚାରିବାରୁ, ଏଠାରେ ଗତ ୨୬ ତାରିଖରୁ ମଦ ବିକ୍ରି ବନ୍ଦ ହୋଇଛି। ସେମାନଙ୍କ ଦାବିକୁ ଜିଲାପାଳଙ୍କ ଦୃଷ୍ଟିକୁ ନେଇଥିବା କହିଛନ୍ତି।



ପଲ୍ଲିସଭାରେ ଆଲୋଚନା କରାଯାଉଛି।









ପୂର୍ବତନ ଅଷ୍ଟ୍ରେଲିଆ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍।




ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ପ୍ରଥମ ଦିବସରେ ହକି ବାଇଟ୍ସ ମାଗାଜିନକୁ ଉନ୍ମୋଚନ କରୁଛନ୍ତି (ବାମରୁ) ଦିଲୀପ ତିର୍କୀ, କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା,ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡା ସଚିବ ବିଶାଲ ଦେବ




ନ୍ୟୁ ସାଉଥ୍ ୱେଲ୍ସ ଦଳ।

# 'କ୍ରିକେଟ ଏବେ ବ୍ୟାଟିଂ ଫ୍ରେଣ୍ଡଲି'

**ଭୁବନେଶ୍ୱର,୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଏସିଆର ପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଶୁକ୍ରବାର ଭୁବନେଶ୍ୱରରେ ପୂରା ଉତ୍ସାହ ଓ ଉଦ୍ଦୀପନାରେ ଆରମ୍ଭ ହୋଇଛି। ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇଥିବା ବ୍ୟକ୍ତିବିଶେଷମାନେ ଏହି ହାଇପ୍ରୋଫାଇଲ ଫେଷ୍ଟିଭାଲରେ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରେ ସାମିଲ ଥିଲେ ଟେଷ୍ଟ କ୍ରିକେଟ ଇତିହାସର ଦ୍ରୁତତମ ଫାଷ୍ଟ ବୋଲର ଅଷ୍ଟ୍ରେଲିଆର ଜେଫ୍ ଥମ୍ପସନ। ଏହି ଉତ୍ସବରେ ଥମ୍ପସନ ନିଜର ଚିରାଚରିତ ମଜାଳିଆ ଢଙ୍ଗରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ କ୍ରିକେଟର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। 'ଦି ଡେଥ୍ ଅଫ୍ ଦି ଟେଷ୍ଟ ଫାଷ୍ଟ ବୋଲର' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମ ସଞ୍ଚାଳକ ନିଖିଲ ନାଜଙ୍କ ସହ ବାର୍ତ୍ତାଳାପ କରିଥିଲେ ଓ ଉପସ୍ଥିତ ପ୍ରଶଂସକଙ୍କ କେତେକ ପ୍ରଶ୍ନର ଉତ୍ତର ବେଶ୍ ଅତି ସୁନ୍ଦରଭାବେ ପ୍ରଦାନ କରିଥିଲେ।

ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଟିଂକୁ ସୁହାଇଲା ଭଳି କ୍ରିକେଟ ଖେଳାଯାଉଛି। ଅର୍ଥାତ୍ କ୍ରିକେଟ ଏବେ ବ୍ୟାଟିଂ ଫ୍ରେଣ୍ଡଲି ହୋଇଛି। କିନ୍ତୁ ଦ୍ରୁତ ବୋଲିଂକୁ ଏବେ ସେତେଟା ଧ୍ୟାନ ଦିଆଯାଉନାହିଁ, ଯଦିଓ ଏବେକାର କ୍ରିକେଟରେ ଦ୍ରୁତ ବୋଲିଂର ଦବ୍‌ଦବା ବଳବତ୍ତର ରହିଛି। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଦ୍ରୁତ ବୋଲରଭାବେ ପରିଗଣିତ ହେଉଥିବା ଥମ୍ପସନ ପରୋକ୍ଷରେ ନିଜକୁ ଦ୍ରୁତତମ ବୋଲର ବୋଲି ଅଭିହିତ କରିବାକୁ ପଛାଇ ନାହାନ୍ତି। ଏବେ ଯେଉଁ ଭଳି ବୋଲିଂ ତଥା ବଲର ଗତି ମପାଯାଉଛି, ଯଦି ଆମ ସମୟରେ ଏହି ପଦ୍ଧତିକୁ ଅନୁସରଣ କରାଯାଇଥାନ୍ତା ତାହେଲେ ମୋ ବୋଲିଂର ବେଗ ଘଣ୍ଟାପ୍ରତି ୧୧୦ ମାଇଲ ରହିଥାନ୍ତା। ଆମ ସମୟରେ ଯେଉଁଭଳି ବୋଲିଂ ଗତି ମପାଯାଉଥିଲା ତାହା ବର୍ତ୍ତମାନଠାରୁ ଭିନ୍ନ। ସେତେବେଳେ ବ୍ୟାଟ୍ ସହିତ ବୋଲର ଇମ୍ପାକ୍ଟକୁ ନେଇ ଗତି ମପାଯାଉଥିଲା। ବର୍ତ୍ତମାନ କିନ୍ତୁ ବୋଲରଙ୍କ ହାତରୁ ବଲ ଖସିବା ପରେ ବଲ୍‌ର ଗତି ମପାଯାଉଛି। ତେଣୁ ଏବେକାର ନିୟମକୁ ଅନୁସରଣ କରାଗଲେ ସେତେବେଳେ ମୋର ଗତି ନିଶ୍ଚିତ ଘଣ୍ଟାପ୍ରତି ୧୭୫ କିଲୋମିଟର ହୋଇଥାନ୍ତା। ମୁଁ ବିଶ୍ୱର ସର୍ବକାଳୀନ ଦ୍ରୁତ ବୋଲର ବୋଲି ଥମ୍ପସନ ପରୋକ୍ଷରେ କହିଥିଲେ।

ଯେତେବେଳେ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଗ୍ରାଉଣ୍ଡରେ ମୁଁ ବୋଲିଂ କରୁଥିଲି ସେତେବେଳେ ବଲ ବ୍ୟାଟ୍ସମ୍ୟାନଙ୍କ ପାଖରେ ବାଉନ୍ସ କରି ସାଇଡ ସ୍କ୍ରିନ୍‌ରେ ବାଜୁଥିଲା। ଏହି କଥା ଶୁଣି ଉପସ୍ଥିତ ପ୍ରଶଂସକ ତାଳି ମାରୁଥିଲେ।

ଏକଦା ଥମ୍ପସନଙ୍କ ବଲ୍ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ ଦୁଲୀପ ମେଣ୍ଡିସ୍‌ଙ୍କ ଦେହରେ ବାଜିଥିଲା। ଫଳରେ ସେ ଥମ୍ପସନଙ୍କ ନାଁରେ ପୋଲିସରେ ଅଭିଯୋଗ କରିଥିଲେ ବୋଲି ତାଙ୍କୁ ଏହି ଉତ୍ସବରେ ପ୍ରଶ୍ନ କରାଯାଇଥିଲା। ତେବେ ସେ ଏ ବିଷୟରେ ବିଶେଷ କିଛି ଜାଣିନାହାନ୍ତି ବୋଲି କହିଥିଲେ। କିନ୍ତୁ ମୁଁ ଅବସର ନେବା ପର୍ଯ୍ୟନ୍ତ କୌଣସି ବ୍ୟାଟ୍ସମ୍ୟାନ ମୋ ବଲରେ ଗୁରୁତର ଭାବେ ଆହତ ହୋଇ ନ ଥିଲେ ବୋଲି ସେ ସ୍ପଷ୍ଟ କରିଥିଲେ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେତେବେଳେ ହେଲମେଟ୍ ପିନ୍ଧା ଯାଉ ନ ଥିଲା। ପୁଣି ବାଉନ୍ସର ପକାଇବାରେ କୌଣସି ସୀମା ମଧ୍ୟ ନ ଥିଲା। ତେବେ ଏହା ସତ୍ତ୍ୱେ ସେତେବେଳେ ମୋ ବଲ୍‌ରେ କୌଣସି ବ୍ୟାଟ୍ସମ୍ୟାନ ଗୁରୁତର ଭାବେ ଆହତ ହୋଇ ନ ଥିଲେ। ଅବଶ୍ୟ ଏହା ଖୁସି କଥା ବୋଲି ସେ ମଜାରେ କହିଥିଲେ।

ଏବେ ଅବଶ୍ୟ କଥା ଅଲଗା ହୋଇଛି। ବ୍ୟାଟ୍ସମ୍ୟାନଙ୍କୁ ସୁହାଇବା ଭଳି ପିଚ୍ ତଥା ଉଇକେଟ ପ୍ରସ୍ତୁତ କରାଯାଇଛି। କାରଣ ଏହା ଦର୍ଶକ ତଥା ପ୍ରଶଂସକଙ୍କୁ ଆନନ୍ଦ ଦେବା ସହ ମନୋରଞ୍ଜନର ଖୋରାକ ଯୋଗାଉଛି। ପିଚ୍ ଗୁଡିକ ଏବେ ଫ୍ଲାଟ ହୋଇଗଲାଣି। ପୁଣି ବଲ୍‌ରେ ମଧ୍ୟ ପରିବର୍ତ୍ତନ ହୋଇଛି। ପଡିଆର ସୀମା ତଥା ବାଉଣ୍ଡାରୀକୁ ଏବେ ଛୋଟ କରିଦିଆ ଗଲାଣି। ବ୍ୟାଟଗୁଡିକୁ ଆହୁରି ଓଜନିଆ କରିଦିଆ ଗଲାଣି। ପୁଣି ଭୁଲରେ ବଲ ଯଦି ବ୍ୟାଟରେ ବାଜିଗଲା ତାହା ସହଜରେ ଛକାରେ ପରିଣତ ହେଉଛି। ତେଣୁ କ୍ରିକେଟରେ ବହୁତ ପରିବର୍ତ୍ତନ ହୋଇଛି। ଦ୍ରୁତ ବୋଲରମାନେ ଏବେ କ୍ରିକେଟରେ ଦ୍ୱିତୀୟ ଶ୍ରେଣୀର ନାଗରିକ ବନିଗଲେଣି ବୋଲି ଥମ୍ପସନ୍ କହିଛନ୍ତି।

ବିଶ୍ୱର ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ବୋଲିଂ କରିଥିବାର ଅଭିଜ୍ଞତା ସମ୍ପର୍କରେ ସେ ନିଜର ମତ ରଖିଥିଲେ। ମୋ କ୍ୟାରିୟରରେ ବୋଲିଂ କରିଥିବା ସମୟରେ ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନ ହେଲେ ବ୍ରାଏନ ଲାରା, ଭିଭିଆନ ରିଚାର୍ଡ୍ସ, ସୁନୀଲ ଗାଭାସ୍କର, ଗ୍ରେଗ ଚାପେଲ ଓ ବେରି ରିଚାର୍ଡ୍ସ ବୋଲି ସେ କହିଥିଲେ। ଯଦିଓ ମୁଁ ଅବସର ନେବା ପରେ ଲାରା ଖେଳିବା ଆରମ୍ଭ କରିଥିଲେ, ତାଙ୍କୁ ବୋଲିଂ କରିବା ଏକ ପ୍ରକାର ଚ୍ୟାଲେଞ୍ଜ୍ ଥିଲା। କିନ୍ତୁ ଡନ୍ ବ୍ରାଡମ୍ୟାନ ଓ ଗ୍ୟାରୀ ସୋବର୍ସଙ୍କ ବିପକ୍ଷରେ ମୁଁ ବୋଲିଂ କରି ନ ଥିଲି। ତେଣୁ ଏହି ଦୁଇ ବ୍ୟାଟ୍ସମ୍ୟାନ ମୋ ପସନ୍ଦର ତାଲିକାରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଥିଲେ।

ଭାରତର ଅଗାମୀ ଅଷ୍ଟ୍ରେଲିଆ ଗସ୍ତ ସମ୍ପର୍କରେ ସେ ମତ ରଖିଥିଲେ। ଏହି ଗସ୍ତରେ ଭାରତ ଏକ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଆଡିଲେଡ୍‌ରେ ଡିସେମ୍ବର ୬ ତାରିଖରେ ପ୍ରଥମ ଟେଷ୍ଟମ୍ୟାଚ୍ ଆରମ୍ଭ ହେବ। ଆଗାମୀ ଟେଷ୍ଟ ସିରିଜରେ ଭାରତ ଫେଭରାଇଟ୍ ବୋଲି ଥମ୍ପସନ କହିଛନ୍ତି। ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତି ଭ୍ରମଣକାରୀ ଭାରତୀୟ ଦଳ ପାଇଁ ସୁଯୋଗ ସୃଷ୍ଟି କରିବ ଓ ଏହା ଦ୍ୱାରା ଅଷ୍ଟ୍ରେଲିଆ ପ୍ରଦର୍ଶନ ପ୍ରଭାବିତ ହେବ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କ ବିନା ଅଷ୍ଟ୍ରେଲିଆ ବ୍ୟାଟିଂ ନିହାତି ସାଧାରଣ ମନେ ହେଉଛି। ଉଲ୍ଲେଖଥାଉ କି, ବହୁ ଚର୍ଚ୍ଚିତ କେପ୍‌ଟାଉନ୍ ବଲ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ୱାର୍ନର ଦୋଷୀ ସାବ୍ୟସ୍ତ ହୋଇ କ୍ରିକେଟରୁ ୧୨ ମାସ ବାସନ୍ଦ ହୋଇଥିଲେ।

ଅପରପକ୍ଷରେ ଭାରତ ଏକ ସଲିଡ ଟମ୍ ବୋଲି ଥମ୍ପସନ କହିଛନ୍ତି। ଭାରତର ବୋଲିଂ ବିଭାଗ ବେଶ୍ ଦୃଢ଼ ମନେହେଉଛି। ଆଗାମୀ ସିରିଜରେ ଯଦି ଖେଳାଳିମାନେ ପରିଶ୍ରମ କରନ୍ତି, ତେବେ ଭାରତ ବିଜୟୀ ହେବ ବୋଲି ଥମ୍ପସନ ପୂର୍ବାନୁମାନ କରିଛନ୍ତି। ତେଣୁ ଅଷ୍ଟ୍ରେଲିଆକୁ ଭାରତ କାହିଁକି ହରାଇପାରିବ ନି ତାର କିଛି କାରଣ ନାହିଁ ବୋଲି ସେ କହିଥିଲେ। ସ୍ମିଥ୍ ଓ ୱର୍ନରଙ୍କ ଅନୁପସ୍ଥିତିରୁ ଭାରତ ଫାଇଦା ଉଠାଇ ପାରିବ ବୋଲି ୬୮ ବର୍ଷୀୟ ଥମ୍ପସନ କହିଛନ୍ତି।

ଏହି କ୍ରମରେ ସେ ଏକ ଉଦାହରଣ ଦେଇଥିଲେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଗତ ଟେଷ୍ଟ ସିରିଜରେ ପାକିସ୍ତାନଠାରୁ ଅଷ୍ଟ୍ରେଲିଆ ୦-୧ରେ ପରାସ୍ତ ହୋଇଥିଲା। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳ ଫୁଟୱାର୍କ ଓ ଟେକ୍‌ନିକ୍‌ର ଅଭାବ ପରାଜୟର ମୁଖ୍ୟ କାରଣ ଥିଲା ବୋଲି ଥମ୍ପସନ କହିଥିଲେ। ଲମ୍ବା ଶଟ୍ ମାରି ପଡିଆ ତଥା ପାର୍କ ବାହାରକୁ ବଲ ପଠାଇବାକୁ ପ୍ରୟାସ କରି ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲେ। ଅବଶ୍ୟ ଅତ୍ୟଧିକ ଟି୨୦ ଓ ଦିନିକିଆ ଖେଳିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଥିଲେ। ନିଜର ୧୨ ବର୍ଷର ଉଜ୍ଜ୍ୱଳମୟ କ୍ୟାରିୟରରେ ଥମ୍ପସନ ୫୧ଟି ଟେଷ୍ଟ ଖେଳି ୨୦୦ଟି ଉଇକେଟ ହାସଲ କରିଥିଲେ। ସେ ଆନ୍ତର୍ଜାତିକ କ୍ରିକେଟରେ ୧୯୭୩ରୁ ୧୯୮୫ ପର୍ଯ୍ୟନ୍ତ ସକ୍ରିୟ ଥିଲେ।

କେପ୍‌ଟାଉନ ବଲ ଟ୍ୟାମ୍ପରିଂ ମାମଲା ଅଷ୍ଟ୍ରେଲିଆ କ୍ରୀଡ଼ାକୁ ଦୋହଲାଇ ଦେଇଛି। ତେବେ ସ୍ମିଥ୍ ଓ ୱାର୍ନରଙ୍କୁ ୧୨ ମାସ ବାସନ୍ଦ କରାଯିବାର ନିଷ୍ପତ୍ତି ଅଧିକ ହୋଇଗଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ଏହି ଦୁଇ ତାରକା କ୍ରିକେଟରଙ୍କ ପ୍ରତି ଅନ୍ୟାୟ ହୋଇଛି। ଏହି ଦଣ୍ଡାଦେଶ ହାସ୍ୟସ୍ପଦ। ତେବେ କ୍ରିକେଟର ଧାରଧାରୁ ନ ଥିବା ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ବଲ୍ ଟ୍ୟାମ୍ପରିଂ ବାବଦରେ ଅଯଥାରେ ମୁଣ୍ଡ ଖେଳାଇଥିଲେ। ଫଳରେ ଦୁଇ କ୍ରିକେଟରଙ୍କୁ ୧୨ମାସ ବାସନ୍ଦ ହେବାକୁ ପଡିଛି ବୋଲି ଥମ୍ପସନ କହିଛନ୍ତି।

ତେବେ ଭାରତୀୟ ଅଧିନାୟକ ବିରାଟ କୋହଲି ନୂଆ ସଚିନ ତେନ୍ଦୁଲକର କି ବୋଲି ପଚରାଯାଇଥିବା ପ୍ରଶ୍ନକୁ ସେ ଏଡାଇ ଯାଇଥିଲେ। ଏ ସଂକ୍ରାନ୍ତରେ ସେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇ ନ ଥିଲେ। କୋହଲି ଏବେ ଏକ ଶ୍ରେଷ୍ଠ ଖେଳାଳିଭାବେ ଉଭା ହେଉଛନ୍ତି। ତେବେ ପୂର୍ବରୁ ଖେଳିଥିଲେ ତାଙ୍କ ଖେଳ ଭିନ୍ନ ପ୍ରକାର ହୋଇଥାନ୍ତା। ଏବେକାର ବ୍ୟାଟ୍ସମ୍ୟାନ ଦୁଇ ଓଭର ଖେଳି ସ୍କୋର କରିବାକୁ ଚେଷ୍ଟା କରୁନାହାନ୍ତି। କିନ୍ତୁ ଏହାପରେ ବୁଦ୍ଧୁଙ୍କ ଭଳି ବାଉଣ୍ଡାରୀମାରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ପୂର୍ବରୁ ଆଉଟ ନ ହେବାକୁ ବ୍ୟାଟ୍ସମ୍ୟାନ ଚେଷ୍ଟା କରୁଥିଲେ ଓ ଏ ନେଇ ପଣ କରିନେଉଥିଲେ। ତେବେ କୋହଲିଙ୍କ ଭଳି ଭାରତର ଅନ୍ୟ କ୍ରିକେଟରମାନେ ଖେଳିବା ଉଚିତ୍। କୋହଲି ଆଉଟ୍ ହେବା ପରେ ଦଳର ଅନ୍ୟ ଖେଳାଳିମାନେ ଲଢେଇ ଜାରି ରଖିବା ଉଚିତ୍। ଅଷ୍ଟ୍ରେଲିଆରେ ଅତିକମ୍‌ରେ ୩୦୦- ୩୫୦ରନ ସ୍କୋର କରିପାରିଲେ ବିଜୟୀ ହେବା ସମ୍ଭବ ହେବ ବୋଲି ଥମ୍ପସନ୍ କହିଥିଲେ। ଫିଟନେସ ଉପରେ ମଧ୍ୟ ନିଜର ମତ ରଖିଥିଲେ। ୬୮ ବର୍ଷ ବୟସରେ ମଧ୍ୟ ମୁଁ ଏବେ ବି ଫିଟ୍ ଅଛି। ଦ୍ରୁତଗତିରେ ବୋଲିଂ କଲାବେଳେ ମଧ୍ୟ କ୍ୟାରିୟରରେ ମୁଁ କେବେବି ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇନାହିଁ ବୋଲି ଥମ୍ପସନ ସ୍ପଷ୍ଟ କରିଥିଲେ। ଶେଷରେ ଥମ୍ପସନ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଓ ଏହାର ଆୟୋଜକ ସମେତ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିବାକୁ ପଛାଇ ନ ଥିଲେ। ଭୁବନେଶ୍ୱର ଓ ଏହାର କ୍ରୀଡ଼ା ପ୍ରଶଂସକଙ୍କୁ ସେ ଭୂୟସୀ ପ୍ରଶଂସା କରିଥିଲେ। କେବଳ କ୍ରିକେଟ ନୁହେଁ ଅନ୍ୟ କ୍ରୀଡ଼ାରେ ମଧ୍ୟ ଭାରତର ଭବିଷ୍ୟତ ଉଜ୍ଜ୍ୱଳ। ତେବେ ଏଥିପାଇଁ ବହୁତ କିଛି କରିବାକୁ ପଡିବ।




ଜେଫ୍ ଥମ୍ପସନ

# ଦେଶୀମଦ ସହ ଟେକୋର ମାଛିର ଚାଖଣା ହେଲା କାଳ

ଦଶମନ୍ତପୁର, (ଡି.ଏନ.ଏ.)୨।୧୧

ଦିନକୁ ଦିନ ଦେଶୀମଦ କାରବାର ବଢିବା ସାଙ୍ଗକୁ ଚାଖଣାର ଚାହିଦା ମଧ୍ୟ ବଢିବାରେ ଲାଗିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡାପଦର ଗ୍ରାମପଞ୍ଚାୟତରେ ଥିବା ସେମ୍ଭି ଗ୍ରାମରେ । ଏହି ଗ୍ରାମର ଚିଙ୍ଗୁଡୁ ଜାନିଙ୍କ ପୁଅ ଅନନ୍ତ ଜାନି (୧୯)। ଅନନ୍ତ ଏବଂ ୬ଜଣ ସାଙ୍ଗ ଜଡୁ ମୁଦୁଲି, ବସନ୍ତ ଜାନି, ପିତ ଜାନି, ପ୍ରଦୀପ ବେନ୍ୟା ଓ ପ୍ରେମ ଜାନି ଦେଶୀମଦ ସହିତ ଚାଖଣାରେ ଟେକୋର ମାଛି ଆଣିବା ପାଇଁ ନିଷ୍ପତ୍ତି ନେଲେ । ଗାଁଠାରୁ ୨କିମି ଦୂର ଢେପଗୁଡା ଗ୍ରାମ ନିକଟସ୍ଥ ମିଡିକା ମଶାଣି ଖୋଲାର ଏକ ବଟଗଛରେ ଟେକର ମାଛିଙ୍କ ବସା ବାନ୍ଧିଥିବାର ଦେଖିବାକୁ ପାଇଥିଲେ । ମାଛିମାନଙ୍କୁ ନିଆଁରେ ପୋଡିବା ପାଇଁ ଅନନ୍ତ ବଟଗଛରେ ଚଢ଼ିଥିଲେ। ନିଆଁ ଲଗାଇବା ମାତ୍ରେ ୫୦୦ ଟେକର ମାଛି ଅନନ୍ତକୁ ଆକ୍ରମଣ କରିଥିଲେ। ଗଛରୁ ୫୦ଫୁଟ ତଳକୁ ଅନନ୍ତ ପଡିଯାଇଥିଲା। ୫ଜଣ ସାଙ୍ଗ ଅନନ୍ତକୁ ଛାଡି ଘଟଣାସ୍ଥଳରୁ ଚାଲି ଯାଇ ଗାଁ ଲୋକଙ୍କୁ ଜଣାଇଥିଲେ । ଗାଁ ଲୋକେ ଉଦ୍ଧାର କରିବା ବେଳକୁ ଅନନ୍ତଙ୍କ ମୁଣ୍ଡରୁ ଜଂଘ ପର୍ଯ୍ୟନ୍ତ ଫୁଲିଯାଇଥିଲା। ଅନନ୍ତଙ୍କ ଏଭଳି ଅବସ୍ଥା ଦେଖି ଗ୍ରାମର ବୁଦ୍ଧିଜୀବୀ ଅର୍ଜୁନ ପାତ୍ର ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଦଶମନ୍ତପୁର ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଗୁରୁତର ଥିବାରୁ କୋରାପୁଟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ମରଣ ସହ ଲଢୁଥିବା ଅନନ୍ତଙ୍କୁ ନିଜ ଗ୍ରାମକୁ ନେଇ ଆସିଥିଲେ । ବର୍ତ୍ତମାନ ଦିଶାରୀ,


ପରିବାର ସହ ଅସୁସ୍ଥ ଅନନ୍ତ ।

**ମରଣ ସହ ଲଢୁଛନ୍ତି ଅନନ୍ତ**

ଗୁଣିଆଙ୍କ ସାହାଯ୍ୟରେ ଚେରମୂଳି ଔଷଧ ସହ ଝଡାଫୁଙ୍କା ଚାଲିଥିବା ମା' ସୁଆଇ ଜାନି ଏବଂ ସ୍ତ୍ରୀ ଅମ୍ବିତା ପ୍ରକାଶ କରିଛନ୍ତି । ବର୍ତ୍ତମାନ ଅନନ୍ତଙ୍କ ବାମ ପଟବେକ ଏବଂ କାନରୁ ପୂଜ ବାହାରୁଥିବା ଦେଖିବାକୁ ମିଳିଛି । କାହା ସହ କଥାବାର୍ତ୍ତା ମଧ୍ୟ ହେବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ । ଘର ବାରଣ୍ଡାରେ ଶୋଇ ରହୁଥିବା ନଜରକୁ ଆସୁଛି। ପୋଡୁଚାଷ ଏବଂ ଦିନ ମଜୁରି କରି ୫ଜଣଙ୍କ ପେଟକୁ ଦାନା ଯୋଗାଉଥିବା ଅନନ୍ତ ପାଇଁ ପରିବାରଙ୍କ ମୁଣ୍ଡରେ ଏବେ ଚିନ୍ତା ଘାରିଛି । ତେବେ ଅନନ୍ତଙ୍କ ଜୀବନ ବଞ୍ଚାଇବାକୁ ହେଲେ ସରକାରୀ ସହାୟତା ଅତି ଜରୁରୀ ବୋଲି ଗ୍ରାମବାସୀ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କି ରେଡକ୍ରସ ପକ୍ଷରୁ ଜରୁରୀ ସହାୟତା ଯୋଗାଇ ଦେବି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ

ସୁନାବେଡ଼ା,୨।୧୧- କଳାବଜାରୀ ଓ ଜୁଆଡିମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଚାଲିଛି । ରାତିରେ ସୁନାବେଡ଼ା ଆରକ୍ଷୀ ବିଭାଗର ଏସ୍‌ଆଇ ବଙ୍କିମ ବାୱାଲି, ଏଏସ୍‌ଆଇ ସନ୍ତୋଷ କୁମାର ପାତ୍ର, ଏସ୍‌ଆଇ ଇଗ୍ନେଶ ବାର୍ଲା ଓ ଏଏସ୍‌ଆଇ ପ୍ରଫୁଲ୍ଲ ଚନ୍ଦ୍ର ପାତ୍ରଙ୍କୁ ନେଇ ଆଇଆଇସି ମମତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ଜାରି ରହିଛି। ଏହି ଟିମ୍ ଡିପି କ୍ୟା. ଅଞ୍ଚଳରେ ଚାଲୁଥିବା ଜୁଆ ଆଡ୍ଡାରେ ଅଚାନକ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ନଗଦ ୭ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ୫ ଜଣଙ୍କୁ ଗିରଫ କରାଯାଇଛି।

### ବିନୋଦ କୁମାରଙ୍କୁ ସମ୍ବର୍ଦ୍ଧନା



ସେମିଳିଗୁଡ଼ା,୨।୧୧(ସ୍ୱ.ପ୍ର.)- କୋରାପୁଟ୍ ଜିଲା ସୁନାବେଡ଼ା ମିଗ୍ ନଗରୀସ୍ଥିତ ଭି.ଏସ୍ ବିଦ୍ୟାଳୟର ଶିକ୍ଷକ ତଥା ଏନ୍‌ସିସି ଅଧିକାରୀ ବିନୋଦ କୁମାରଙ୍କୁ ଏନ୍‌ସିସି କ୍ୟାଡେଟ୍ ଏବଂ ଉକ୍ତ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିପାଇଁ ଉକ୍ତ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଅଧକ୍ଷ ହେମନ୍ତ କୁମାର ସେଠ୍ , ଉପାଧକ୍ଷ ପି.କେ ମିଶ୍ର, ବାବାଜୀ ଚରଣ ଦଳାଇ, ଏନ୍‌ସିସି ଉପଦେଷ୍ଟା ସନ୍ଦୀପ ପଟ୍ଟନାୟକ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇ ଥିଲେ।

### ଇଚ୍ଛାପୁରରେ କୃଷକ ସମ୍ମିଳନୀ



ତେନ୍ତୁଳିଖୁଣ୍ଟି, ୨।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଦିଗି ପଞ୍ଚାୟତ ଇଚ୍ଛାପୁରରେ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିଗି, ଉଦୟପୁର, ଗୌଡଗୁଡା, କାର୍ଲିଚୁଆଁ ଅଞ୍ଚଳର ଚାଷୀମାନେ ଏଥିରେ ଉପସ୍ଥିତ ଥିଲେ। ଆଡଭାଣ୍ଟାର ଟିମ୍ ମ୍ୟାନେଜର ଦେବାଶିଷ କଣ୍ଟ ପିଏସି ୮୩୭ ଧାନର ଉପକାରିତା ତଥା ଅମଳ କ୍ଷମତା ଉପରେ ବୁଝାଇଥିଲେ। ଏହି ଅବସରରେ ପ୍ରଶାନ୍ତ ପତି, ସନ୍ତୋଷ ପାତ୍ର ଓ ମୃତ୍ୟୁଞ୍ଜୟ ସିଂଙ୍କୁ ପୁରସ୍କୃତ କରାଯାଇଛି।

### ପରବ ପ୍ରସ୍ତୁତି ବୈଠକ

ପଟ୍ଟାଙ୍ଗି, ୨।୧୧ (ଡି.ଏନ.ଏ)-ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସରରେ ଏଫଆଇସି ସଭା ଗୃହରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନଙ୍କ ଆହ୍ୱାନ କ୍ରମେ ବ୍ଲକ୍ ଓ ପଞ୍ଚାୟତସ୍ତରରେ ପରବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏବିଡିଓ ପଦ୍ମନାଭ ତ୍ରିପାଠୀ , ବିଧାୟକଙ୍କ ପ୍ରତିନିଧି ନଗେଶ ଚୌଧୁରୀ , ଭାଜପା ବ୍ଲକ ସଭାପତି ଚିକୁଡୁ ହରି , କଂଗ୍ରେସ ଜୋନ -୨ ସଭାପତି ଶୁକ୍ରା ଖରା, ବିଏସ୍‌ଏସ୍ ସୌଦାମିନୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।



# ପରିଣୟ ପୂର୍ବରୁ ଉତ୍ସବ ପାଳିଲେ ଦୀପିକା

ବେଙ୍ଗାଲୁରୁ, ୨।୧୧



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଅଭିନେତା ରଣବୀର ସିଂଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ଏଠାରେ ତାଙ୍କର ପ୍ରାକ୍-ପରିଣୟ ଉତ୍ସବ ପାଳିତ ହୋଇଛି। ପାରମ୍ପରିକ ରୀତିରେ ଏହି ଉତ୍ସବ ପାଳନ କରାଯାଇଥିଲା। କମଳାରଙ୍ଗର ବସ୍ତ୍ର ପରିଧାନ କରିବା ସହିତ ସ୍ୱର୍ଣ୍ଣ କୁଣ୍ଡଳ ପିନ୍ଧି ବେଶ୍ ହସହସ ମୁହଁରେ ଶୋଭାମୟ ଦେଖାଯାଉଥିଲେ ଦୀପିକା। ତାଙ୍କ ଶାଢ଼ିର ଡିଜାଇନ୍ ପ୍ରସ୍ତୁତ କରିଥିଲେ ଡିଜାଇନର ସବ୍ୟସାଚୀ ମୁଖାର୍ଜୀ। ଦୀପିକା ଉକ୍ତ ଶାଢ଼ି ପିନ୍ଧି ଏକ ନୂଆ ଜୀବନ ଆରମ୍ଭ କରିଥିବା ପ୍ରକାଶ କରିଛନ୍ତି ସବ୍ୟସାଚୀ। 'ଆପଣଙ୍କର ଏକ ନୂତନ ଏବଂ ଉଚ୍ଛ୍ୱାସଭରା ଜୀବନଯାତ୍ରା ଏହି ମାତ୍ର ଆରମ୍ଭ ହୋଇଛି। ଆମେ ସମସ୍ତେ ଆପଣଙ୍କ ଶୁଭ କାମନା କରୁଛୁ' ବୋଲି ମୁଖାର୍ଜୀ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଦୀପିକା ଦୀର୍ଘ ୬ବର୍ଷ ହେଲା ଅଭିନେତା ରଣବୀରଙ୍କ ସହିତ ଡେଟିଂ କରି ଆସୁଛନ୍ତି। ସେ ପୂଜାସ୍ଥଳରୁ ଷ୍ଟାଇଲ୍‌ଯୁକ୍ତ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ଏହି ପ୍ରେମୀଯୁଗଳଙ୍କ ବିବାହ ନଭେମ୍ବର ୧୪-୧୫ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି କିଛିଦିନ ତଳେ ସେମାନେ ଘୋଷଣା କରିଥିଲେ। ଏହା ପୂର୍ବରୁ ସେମାନଙ୍କ ବିବାହ ନେଇ ଦର୍ଶକ ଓ ପ୍ରଶଂସକଙ୍କ ମହଲରେ ନାନାଦି କଳ୍ପନା ଜଳ୍ପନା ଲାଗି ରହିଥିଲା। ଦୀପିକା ଏବଂ ରଣବୀର 'ଗୋଲିଓଁ କି ରାସଲୀଲା: ରାମ-ଲୀଲା', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍' ଭଳି ଫିଲ୍ମରେ ଅଭିନୟ କରି ଖୁବ୍ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଛନ୍ତି।



ଶିବିରରେ ଜଣେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ଚକ୍ଷୁ ସମସ୍ୟା ନିରୂପଣ ଶିବିର

ଚନ୍ଦାହାଣ୍ଡି, ୨।୧୧(ଡି.ଏନ୍.ଏ.)- ବିଶ୍ୱ ଦୃଷ୍ଟି ଦିବସ ଉପଲକ୍ଷେ ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥିତ ସଭାଗୃହରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଜୟଲକ୍ଷ୍ମୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଚକ୍ଷୁ ସମସ୍ୟା ନିରୁପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ବସନ୍ତ କୁମାର ଷଡଙ୍ଗୀ, ସୁଶୀଲ କୁମାର ମହାପାତ୍ର ଶିବିର ପରିଚାଳନା କରିଥିଲେ। ଉମରକୋଟ ଜୋନାଲ ହସ୍‌ପିଟାଲ ଚକ୍ଷୁ ସହାୟକ ରାମଚନ୍ଦ୍ର ରାମ ଶିବିରକୁ ଆସିଥିବା ଲୋକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୫ଜଣ ବରିଷ୍ଠ ନାଗରିକଙ୍କୁ ଚଷମା ଦିଆ ଯିବା ସହ ୨୬ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। କମ୍ ଦୃଷ୍ଟି ସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ। ଫାର୍ମାଶିଷ୍ଟ ଅମରେଶ ଖମାରୀ, ଶିବାନୀ ଖମାରୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଗୋମତି ଜଗତ, ପ୍ରିୟଙ୍କା ସାହୁ ଉପସ୍ଥିତ ଥିଲେ। ଜିପିଓ ସୁଦିପ୍ତ ରାଉତ, ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକ୍ଷକ ପ୍ରଦୀପ ପତି, ଶାନ୍ତନୁ ମହାପାତ୍ର କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ମୋ ବୁଥ, ମୋ ଗୌରବ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନେ ।

ନବରଙ୍ଗପୁର,୨।୧୧(ବି.ପ୍ର.)- କଂଗ୍ରେସ ପକ୍ଷରୁ ମୋ ବୁଥ ମୋ ଗୌରବ ହ୍ୱାଟସଆପ୍ ଗ୍ରୁପ କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି । ସ୍ଥାନୀୟ କଂଗ୍ରେସ ଭବନ ଠାରେ ବୁଥ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୁଥ ସ୍ତରୀୟ କର୍ମକର୍ତ୍ତାଙ୍କୁ ତାଲିମ ଦିଆଯିବା ସହ ଗ୍ରୁପରେ କେଉଁ ମାନଙ୍କୁ ସାମିଲ କରାଯିବ, କିଭଳି ପରିଚାଳନା କରାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା । ଜିଲା ସଭାପତି ମୁନା ତ୍ରିପାଠୀଙ୍କ ସମେତ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମର ଓଡିଶା ମୁଖ୍ୟ ବିସ୍ମୟ ମହାପାତ୍ର, ପିସିସି ସମ୍ପାଦକ ଟୁନା ମହାପାତ୍ର, ସୋସିଆଲ ମିଡିଆ ତାଲିମ ଦାତା ପବନ ଶର୍ମା ପ୍ରମୁଖ କର୍ମକର୍ତ୍ତା ମାନଙ୍କୁ କାର୍ଯ୍ୟକ୍ରମ ଉପରେ ବିଭିନ୍ନ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ମୁନା ତ୍ରିପାଠୀ, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ଦ୍ୱାରିକା ମହାପାତ୍ର, ଜିଲା ସମ୍ପାଦକ ପ୍ରଦୀପ ସାହୁ, ଅମୁଲ୍ୟ ମିଶ୍ର, ଭବାନୀ ସାହୁ, ପ୍ରଣତି ତ୍ରିପାଠୀ, ପ୍ରଭାତି ତ୍ରିପାଠୀ, ଉର ମାନୋ, ମିନତି ପଟ୍ଟନାୟକ, ଆଇସା ବାନୋ, ମମତା ହରିଜନ, ବିନିତା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ପୌର ଉପାଧକ୍ଷଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ମାମଲା

# ୫ ଜଣିଆ ଶୃଙ୍ଖଳାଗତ କମିଟି ଗଠିତ

ଜୟପୁର,୨।୧୧(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ଉପାଧ୍ୟକ୍ଷଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ନେଇ ୨୪ଜଣ କାଉନସିଲର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। । ଅଭିଯୋଗକାରୀ ୨୪ଜଣ କାଉନସିଲରଙ୍କ ମଧ୍ୟରେ ୨୧ଜଣ ବିଜେଡିର କାଉନସିଲର ହୋଇଥିବା ବେଳେ ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ ବିଜେଡିର। ଏହାର ଦୁଇଦିନ ପରେ ଉପାଧ୍ୟକ୍ଷ ରଥ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ ଦଳର କିଛି ବରିଷ୍ଠ ନେତା ଷଡ଼ଯନ୍ତ୍ର କରିଥିବା ନେଇ ଅଭିଯୋଗ କରିଥିଲେ । ସେହିପରି ଦଳୀୟ କାଉନସିଲରମାନେ ଦଳୀୟ ଫୋରମରେ ଆଲୋଚନା କରିବା କିମ୍ବା ଦଳର ଜିଲା ଓ ରାଜ୍ୟ ସଭାପତିଙ୍କୁ ନ ଜଣାଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ଦଳୀୟ ଶୃଙ୍ଖଳା ଭଙ୍ଗ କରିଛନ୍ତି ବୋଲି ପାଲଟା ଅଭିଯୋଗ କରିଥିଲେ । ଏଥିନେଇ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନନ୍ଦ ଏବଂ ଦଳର ଅନ୍ୟ ବରିଷ୍ଠ ନେତାଙ୍କୁ ନେଇ ଏକ ଶୃଙ୍ଖଳାଗତ କମିଟି ଗଠନ ହେବା ସହିତ ଏହାର ତଦନ୍ତ ପାଇଁ ୫ ଜଣିଆ କମିଟି ଗଠନ ହୋଇଛି। ଏଥିରେ ଆବାହକ ଭାବେ ମାଧବ ମହାକୁଡ଼, ସଦସ୍ୟ ଭାବେ କିଶୋର ଚନ୍ଦ୍ର ହୋତା, ବିଷ୍ଣୁ ପ୍ରସାଦ ପାତ୍ର, ରାମନାଥ ମିଶ୍ର, ବାଲା ରାୟ ପ୍ରମୁଖ ରହିଛନ୍ତି। ଏହି କମିଟି ଆସନ୍ତା ଦୁଇଦିନ ମଧ୍ୟରେ ଏହାର ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଚକ୍ଷୁ ପରୀକ୍ଷା ଶିବିର

ବୈପାରୀଗୁଡା,୨।୧୧(ଡି.ଏନ୍.ଏ)

ବୈପାରୀଗୁଡା ବ୍ଲକ ତେନ୍ତୁଳିଗୁମ୍ମା ଠାରେ ଜୟପୁର ରୋଟରୀ କ୍ଲବ ପକ୍ଷରୁ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୩ ଜଣଙ୍କର ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଡାକ୍ତର କୈଳାସ କୁମାର ଚକ୍ଷୁ ପରୀକ୍ଷା କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ବୁଦ୍ରା ନାୟକ ଓ ସ୍ଥାନୀୟ ଶହୀଦ୍ ଲକ୍ଷ୍ମଣ ନାୟକ ଯୁବକ ସଂଘର ସଭାପତି ଅର୍ଜୁନ ନାୟକ ସହାୟତା କରିଥିଲେ ।

# ଗୌଡ଼ ସମ୍ପ୍ରଦାୟର ନୂଆଖାଇ ଭେଟଘାଟ୍


ଅତିଥିମାନଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଉଛି ।

ରାଇଘର, ୨।୧୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ କଳସୀ ପଡିଆଠାରେ ଗୌଡ (ଯାଦବ) ସମାଜ ପକ୍ଷରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ୧୨ହଜାରରୁ ଊର୍ଦ୍ଧ୍ୱ ଗୌଡ (ଯାଦବ) ସଂପ୍ରଦାୟର ବ୍ୟକ୍ତି ବସବାସ କରନ୍ତି। କଳସୀ ପଡିଆଠାରେ ସମସ୍ତ ଗ୍ରାମପଞ୍ଚାୟତରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର ଓ ନାଚଗୀତ ଦ୍ୱାରା ଅତିଥିମାନଙ୍କୁ ସ୍ଥାନୀୟ ଡିଏନକେ ଛକଠାରୁ ସଭାସ୍ଥଳକୁ ନିଆଯାଇଥିଲା । ଭାରତୀୟ ଯାଦବ ମହାସଭାର ରାଜ୍ୟ ଉପସଭାପତି ଦେବଦାସ ମହାକୁଡ, ଜିଲା ମହିଳା ମୋର୍ଚ୍ଚାର ସଭାପତି ପ୍ରତିମା ଯାଦବ, ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବାଘ, ସମ୍ପାଦକ ପର୍ଶୁରାମ ନାୟକ, ଉମରକୋଟର ଯାଦବ ସଂଘର ସଭାପତି ଶତ୍ରୁଘ୍ନ ଗୌଡ, ଝରିଗାଁ ସଭାପତି ଗୋବିନ୍ଦ ଯାଦବ ଓ ସମ୍ପାଦକ ନନ୍ଦ ଗୌଡ, କୋଷାଗୁମୁଡା, ଡାବୁଗାଁ, ପାପଡାହାଣ୍ଡିର ଗୌଡ ସମାଜର ବହୁ କର୍ମକର୍ତ୍ତା ଯୋଗଦେଇ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ରାଇଘର ଯାଦବ ସଂଘର ସଭାପତି ଲଖିନାଥ ଗୌଡ ଓ ସମ୍ପାଦକ ମାନସିଂ ଗୌଡଙ୍କ ତତ୍ତ୍ୱାବଧାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ କାଳିଆ ରାଉତ, ଜୟସିଂହ ରାଉତ, ଧନୁର୍ଜୟ ଗୌଡ, ରାମଚନ୍ଦ୍ର ଗୌଡ ପ୍ରମୁଖ ପରିଚାଳନା କରିଥିଲେ। ସଂଘ ସଭାପତି ଗତ ୧୯୯୫ ମସିହାଠାରୁ ବ୍ଲକର ପରିଚିପାରା ଗ୍ରାମଠାରେ ପୌଷ ପୂର୍ଣ୍ଣମୀ ଅବସରରେ ଗିରି ଗୋବର୍ଦ୍ଧନ ପୂଜା ମହାଆଡମ୍ବର ସହକାରେ ପାଳନ କରାଯାଉଥିବା କହିଥିଲେ। ଚଳିତବର୍ଷ ଏହି ପୂଜାକୁ ମହାଆଡମ୍ବରରେ ହିଁ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତ ହେବାକୁ କହିଥିଲେ।

# ପରବର ମୁଖ୍ୟ ଭେନ୍ୟୁରେ ପ୍ରସ୍ତୁତି ଜୋର୍‌ଦାର୍

**ପଡ଼ିବ ୩୫୦ ଷ୍ଟଲ, ଲକ୍ଷାଧିକ ଲୋକଙ୍କ ସମାଗମ ପାଇଁ ବ୍ୟବସ୍ଥା**



କୋରାପୁଟ,୨।୧୧(ସ୍ୱ.ପ୍ର)

ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୧୮ର ମୁଖ୍ୟ ସମାରୋହ ନିମନ୍ତେ ଲାଣ୍ଡିଗୁଡ଼ାସ୍ଥିତ କୋରାପୁଟ ସରକାରୀ ମହାବିଦ୍ୟାଳୟର ପଡ଼ିଆରେ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ପଡ଼ିଆରେ ପରବ ମୁଖ୍ୟ ସମାରୋହ ମଣ୍ଡପ କାର୍ଯ୍ୟ ଯୁଦ୍ଧକାଳିନ ଭିତିରେ ଚାଲିଥିବାବେଳେ ଏହି ପଡ଼ିଆକୁ ସମତୁଲ କରାଯାଉଛି। ଏଠାରେ ପଲ୍ଲିଶ୍ରୀ ମେଳା, ହସ୍ତକଳା ପ୍ରଦର୍ଶନୀ ସହ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି। ୩୫୦ଟି ଷ୍ଟଲ ନିର୍ମାଣ ଲକ୍ଷ୍ୟ ରଖାଯାଇ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ପରବ ସମାରୋହରେ ରାଜ୍ୟ ରାଜ୍ୟ ବାହାରର ଲକ୍ଷାଧିକ ଜନସମାଗମ ହେବ ବୋଲି ଲକ୍ଷ୍ୟ ରଖାଯାଇ ପଡିଆକୁ ପ୍ରସ୍ତୁତ କରାଯାଉଛି । ସେହିପରି ଗାଡି ପାର୍କିଂ ନେଇ ନବୋଦୟ ବିଦ୍ୟାଳୟ ଛକ ଓ ଓଏମପିଠାରେ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ରାଜ୍ୟସ୍ତରୀୟ ପରବ ନେଇ କୋରାପୁଟ ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ କଡର ବିଭିନ୍ନ ସ୍ଥାନରେ ପରବର ବୋର୍ଡ ସହ ସହରରେ ଚୁନ ମରାଯିବା ସହିତ ରଙ୍ଗାରଙ୍ଗ କରାଯାଉଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଦିନ ବହୁ ଜିଲାସ୍ତରୀୟ ଅଧିକାରୀ ଏଠାରେ ରହି ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି। ଏପରିକି ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକ ନିଜେ ଅଧିକାଂଶ ସମୟରେ ଏହି ସ୍ଥାନ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଥିବା ଜଣାପଡ଼ିଛି। ସୂଚନାଥାଉ କି, ଚଳିତ ବର୍ଷ 'ପରବ'ର ରାଜ୍ୟସ୍ତରୀୟ ମହୋତ୍ସବର ମୁଖ୍ୟ ସମାରୋହ ସ୍ଥଳ କେଉଁଠାରେ ହେବ ସେ ନେଇ ବହୁ ବାଦବିବାଦ ପରେ ଶେଷରେ କୋରାପୁଟ ସରକାରୀ ମହାବିଦ୍ୟାଳୟର ପଡ଼ିଆ ଚୟନ କରାଯାଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

କୁନ୍ଦୁରା,୨।୧୧(ଡି.ଏନ.ଏ.)

କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀ କଲ୍ୟାଣ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ଯୋଗଦେଇଥିଲେ। ଏହି କେନ୍ଦ୍ର ଦ୍ୱାରା କୁନ୍ଦୁରା ବ୍ଲକ ଅଧୀନସ୍ଥ ୧୨ଟି ପୁରୁଣା ଏବଂ ୪ଟି ନବଗଠିତ ଗ୍ରାମପଞ୍ଚାୟତରେ ବାସ କରୁଥିବା ୮୦ ହଜାର ଲୋକ ଉପକୃତ ହେବେ ବୋଲି ବିଧାୟକ କହିଛନ୍ତି। ଏହାସହିତ ନିର୍ମାଣ ଚାଲିଥିବା ୩ ମହଲା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟ ଆସନ୍ତା ଡିସେମ୍ବର ୩୦ରେ ଶେଷ ହେବାକୁ ଥିବାବେଳେ ସ୍ୱଚ୍ଛ ରଖିବା ନିମନ୍ତେ ବିଧାୟକ ପରାମର୍ଶ ଦେଇଛନ୍ତି। ଅନେକ ଦିନ ହେବ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆମ୍ବୁଲାନ୍ସ ମରାମତି ଶୀଘ୍ର କରିବା ନେଇ ବୈଠକରେ ଗୃହୀତ ହୋଇଛି। ସେହିଭଳି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ପୁରୁଣା କୋଠାଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସହ ରଙ୍ଗ ଦେବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି। ସେହିଭଳି କୁନ୍ଦ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମାମା ସାନିଆ ପ୍ରଧାନ ଷ୍ଟାଫ ନର୍ସଙ୍କୁ ଏବଂ ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଜୟପୁର ଜିଲା ଚିକିତ୍ସାଳୟକୁ ଦୀର୍ଘଦିନ ହେଲା (ସ୍ୱଳ୍ପକାଳୀନ ସ୍ଥାନାନ୍ତର) ଡେପୁଟେସନ କରି ଜିଲା ମୁଖ୍ୟଚିକିତ୍ସାଧିକାରୀ ଚୁପ୍ ବସିଥିବା ଯୋଗୁ ରୋଗୀ କଲ୍ୟାଣସମିତି କମିଟି ଦୃଢ ନିନ୍ଦା କରିଥିବା ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମୃତ୍ୟୁଞ୍ଜୟ ସାମଲ, ସଦସ୍ୟ ଦୈତାରୀ ମଲ୍ଲିକ, ବିଇଓ ବିନୋଦ ଚନ୍ଦ୍ର ପଟ୍ଟନାୟକ, ସିଡିପିଓ କୁସୁମ ବେହେରା, ଏବିଇଓ ବନମାଳୀ ନାୟକ, ତ୍ରିପତି ଗୁରୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ ।


ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ ।

### ପୂଜାରୀଗୁଡ଼ା, ଗୌଡ଼ଦେଓପାଲିରେ କେନ୍ଦ୍ରୀୟ ଟିମ୍

# ବିଭିନ୍ନ ଯୋଜନାର ସମୀକ୍ଷା

ତେନ୍ତୁଳିଖୁଣ୍ଟି, ୨।୧୧(ଡି.ଏନ୍.ଏ.)

କେନ୍ଦ୍ରୀୟ ଗ୍ରାମ୍ୟ ଉନ୍ନୟନ ବିଭାଗର ମନିଟରିଂ କମିଟି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ଓ ଗୌଡଦେଓପାଲି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମମତା, ଆବାସ ଓ ସିଏଫ୍‌ସି ଯୋଜନାରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ। ମନିଟରିଂ କମିଟିର ତାପସ ଦଳପତି ଓ ମନୀଷ ଜ୍ଞାନୀଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ୍, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ କାଉର, ଅରବିନ୍ଦ ବେହେରା, ସୁଶାନ୍ତ ଛତ୍ରିଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏଥିରେ ବିଡିଓ ଅକ୍ଷମିତା କାର୍ତ୍ତିକ, ଏପିଡି ରାଜେଶ ପଟ୍ଟନାୟକ ଓ ଏସ୍‌ଇଓ ବଳରାମ ସୁନା ପ୍ରମୁଖ ସମୀକ୍ଷାବେଳେ ଉପସ୍ଥିତ ଥିଲେ। ମନିଟରିଂ କମିଟି ସଦସ୍ୟମାନେ ପାତ୍ରପୁଟ, ଝରିଗୁମ୍ମା, ଅଁଳାଭଟ୍ଟା ଭଳି ବିକାଶଠାରୁ ଦୂରରେ ଥିବା ଗାଁ କୁ ସମୀକ୍ଷା ପାଇଁ ଯାଉ ନ ଥିବା ନେଇ ସାମାଜିକ କର୍ମୀ ଅଖିଳ ଭଦ୍ରା ଓ ରମେଶ ପାତ୍ର ଅଭିଯୋଗ କରିଛନ୍ତି। ମମତା ଯୋଜନାରେ ଗୌଡ ଦେଓପାଲିର ମହିଳା ଅର୍ଥ ପାଇ ନ ଥିବା ବେଳେ ହରିଗୁଡାରେ ଅଙ୍ଗନୱାଡି ସେବା ଲୋକଙ୍କୁ ଠିକ୍ ଭାବେ ମିଳିପାରୁନି ବୋଲି ଅଭିଯୋଗ ହୋଇଛି। କେନ୍ଦ୍ରୀୟ ଟିମ୍ କ'ଣ ସମୀକ୍ଷା କରୁଛନ୍ତି ତା ଉପରେ ସେମାନେ ପ୍ରଶ୍ନ କରିଛନ୍ତି।


ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତରେ ଆସିଥିବା କେନ୍ଦ୍ରୀୟ ମନିଟରିଂ ଟିମ୍ ।



ଗୁମ୍ମା ବ୍ଲକସ୍ତରୀୟ ସୁରଭିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।



ଗୋଷାଣି ବ୍ଲକସ୍ତରୀୟ ସୁରଭିରେ ମଞ୍ଚାସୀନ ଅତିଥି।



କାଶୀନଗର ବ୍ଲକସ୍ତରୀୟ ସୁରଭିରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ବ୍ଲକସ୍ତରୀୟ 'ସୁରଭି'ରେ ମହକିଲା ଛାତ୍ରୀଛାତ୍ରଙ୍କ ପ୍ରତିଭା

**ଗୁମ୍ମା/ଗୋଷାଣି/କାଶୀନଗର, ୨।୧୧(ଡି.ଏନ.ଏ)**

ଗଜପତି ଜିଲାର ବିଭିନ୍ନ ବ୍ଲକରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗୁମ୍ମା ବ୍ଲକ ସଦରସ୍ଥ ମଧ୍ୟଇଂରାଜୀ ବିଦ୍ୟାଳୟରେ ଆୟୋଜିତ ବ୍ଲକସ୍ତରୀୟ ସୁରଭିରେ ମୁଖ୍ୟ ଅତିଥି ଭାବେ ବିଡିଓ ନଟବର ଗରଡା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ୧୧ଟି କ୍ଲଷ୍ଟରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୭ଟି ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ବ୍ଲକ ଶିକ୍ଷାଧିକାରୀ ସତ୍ୟ ନାରାୟଣ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ. ସୂରିୟା ରାଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ଗୁମ୍ମା ସରପଞ୍ଚ ଜୀଖନୀୟ ରଇତ, ସମିତି ସଭ୍ୟ ନିହାର ରଞ୍ଜନ ଷଡଙ୍ଗୀ, ଜିଲା ପରିଷଦ ସଭ୍ୟା ପ୍ରେମିକା ରଇତ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାବାଜୀ ପ୍ରଧାନ ଓ ହରିହର ମଲ୍ଲିକ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଭାଗ ବକ୍ତୃତାରେ ନିର ପ୍ରଧାନ, ପ୍ରବନ୍ଧରେ ଜେସମିନ କୁମାରୀ ବେବର୍ତ୍ତା, କୁଇଜରେ ରାଉଳ ବାସୁଦେବ ପ୍ରଥମ ସ୍ଥାନ ହାସଲ କରିଛନ୍ତି। କନିଷ୍ଠ ବିଭାଗରେ ପରମେଶ୍ୱରୀ ସାମଲ, ଚିତ୍ରାଙ୍କନ (ବରିଷ୍ଠ)ରେ ସବୁଲୋନ ନାଇକ, କନିଷ୍ଠରେ ବେନେ ଭୂୟାଁ, ଅଜୟ ନାଇକା, ସୃଜନଶୀଳ ଲିଖନ (ବରିଷ୍ଠ)ରେ ଲିଟଲ ବେବର୍ତ୍ତା, କନିଷ୍ଠରେ କୁନା କୌଶଲିକା, ହସ୍ତାକ୍ଷର (କନିଷ୍ଠ)ରେ ଅଞ୍ଜଳି ଭୂୟାଁ, ବକ୍ତୃତା (ବରିଷ୍ଠ)ରେ ମୁରଲୀ ପ୍ରଧାନ, କନିଷ୍ଠରେ ଜିମିଏଲ ନାଇକା, ସଙ୍ଗୀତ (ବରିଷ୍ଠ)ରେ ପ୍ରିୟଲତା ମଣ୍ଡଳ, କନିଷ୍ଠରେ ଦିନେଶ୍ୱର ଶବର, ସଙ୍ଗୀତରେ ମିଶାଲା ଶୈଲଜା, ହସ୍ତକଳା ଓ କାରୁକାର୍ଯ୍ୟରେ ମୀନାକ୍ଷୀ ଶବର ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୀବା ୟୁଜିଏଚଏସ୍ ସ୍କୁଲ ସଫଳତା ପାଇ ପୁରସ୍କୃତ ହୋଇଥିଲେ। ଏମାନେ ସମସ୍ତେ ଜିଲାସ୍ତରୀୟ ସୁରଭିକୁ ଚୟନ ହୋଇଛନ୍ତି। ରମାକାନ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ୟାମ ସୁନ୍ଦର ଗନ୍ତାୟତ ଧନ୍ୟବାଦ ଦେଇଥିଲେ। ଗୋଷାଣି ବ୍ଲକସ୍ତରୀୟ ସୁରଭି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସି.ଏସ୍. ତରାକେଶ୍ୱରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଠାକୁର ପ୍ରସାଦ ସିଂ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆଦିକନ୍ଦ ଗମାଙ୍ଗ ଓ ଶିବାଜୀ କହଁର ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାଶୀନଗର ବ୍ଲକସ୍ତରୀୟ ସୁରଭି ବାରାଣସୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜେ. କାରେୟା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ସୁଧୀର କୁମାର ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାରାଣସୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁ, ଏଡିଇଓ ମନୋରଞ୍ଜନ ଦଳାଇ, ଏବିଇଓ ଟି. କିଶୋର କୁମାର ଓ ମୀନା କୁମାରୀ ବେହେରା ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି ବି. ଗୋପାଳ ରାଓ, ସୁଦର୍ଶନ ନାୟକ, ଆର୍. ମଧୁ କୁମାର, ବିକାଶ କୁମାର ସାହୁ, କାଳି ପ୍ରସାଦ ବିହାରୀ, ଦେବରାଜ ଜେନା, ବସନ୍ତ କୁମାର ମିଶ୍ର, ଏମ୍. ଶ୍ରୀନିବାସ ରାଓ, ବି. ମୃତ୍ୟୁଞ୍ଜୟ, ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଡ଼ିଆ ଭଣ୍ଡାରୀ ସାହିରେ ଗଜଲକ୍ଷ୍ମୀ ଭସାଣି



**ପାରଳାଖେମୁଣ୍ଡି, ୨।୧୧(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହି ପୂଜା କମିଟି ପକ୍ଷରୁ ଗତ ୯ଦିନ ଧରି ଚାଲିଥିବା ଗଜଲକ୍ଷ୍ମୀ ପୂଜା ଉତ୍ସବ ଶୁକ୍ରବାର ଶେଷ ହୋଇଛି। ସନ୍ଧ୍ୟାରେ ମା'ଙ୍କୁ ଏକ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି। ପୂଜା ଅବସରରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ତଥା ନବମ ଦିନରେ ଅନ୍ନ ପ୍ରସାଦ ବଣ୍ଟାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ୧୦୦୮ ଦୀପଦାନ କରାଯାଇଥିଲା। ସେହିପରି ଚୁଡ଼ିଦାନ ଉତ୍ସବ ପାଳିତ ହୋଇଥିଲା। ସହରର ଶହ ଶହ ମହିଳା ଅଂଶଗ୍ରହଣ କରି ମା'ଙ୍କ ନିକଟରେ ପୂଜା ହୋଇଥିବା ଚୁଡ଼ି ନେଇଥିଲେ। ଶେଷ ସନ୍ଧ୍ୟାରେ ନୃତ୍ୟ ବାଦ୍ୟର ତାଳେ ତାଳେ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା।

# ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଗୁମ୍ମା ଗସ୍ତ

**ଗୁମ୍ମା, ୨।୧୧(ଡି.ଏନ.ଏ)**

ଗଜପତି ଜିଲା ପରିଷଦ ଅଧ୍ୟକ୍ଷା ଅନିତାରାଣୀ ବେହେରା ଶୁକ୍ରବାର ଗୁମ୍ମା ବ୍ଲକ ଗସ୍ତରେ ଆସି ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବାତ୍ୟା ବେଳେ ଆହତ ହୋଇଥିବା ସେରଙ୍ଗ ଗ୍ରାମର ତୁଲସା ବିନ୍ଧାଣୀଙ୍କୁ ଆଣି ଚିକିତ୍ସା ପାଇଁ ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ଆଜିପର୍ଯ୍ୟନ୍ତ ପ୍ରଶାସନ ଉକ୍ତ ବୃଦ୍ଧାଙ୍କ ପାଖରେ ପହଞ୍ଚି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ତାଙ୍କୁ ସହାୟତା ପାଇଁ ପ୍ରଶାସନକୁ ଜଣାଇବି ବୋଲି ସେ କହିଛନ୍ତି। ସେହିପରି ସମସ୍ତ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଓ ରିଲିଫ ଯୋଗାଇଦେବାକୁ ସେ ଦାବି କରିଛନ୍ତି।



ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି ଜିଲା ପରିଷଦ ଅଧ୍ୟକ୍ଷା।

# କାର୍ଯ୍ୟକ୍ଷମ ହେଲା ୧୭୧ ଜଳ ଯୋଗାଣ ପ୍ରକଳ୍ପ

## ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା

**ପାରଳାଖେମୁଣ୍ଡି, ୨।୧୧(ସ୍ୱ.ପ୍ର.)**

ଗଜପତି ଜିଲାରେ ୬୨୫ଟି ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ଥିଲାବେଳେ ତନ୍ମଧ୍ୟରୁ ୪୭୩ଟି ଝରଣାରୁ ଜଳ ଯୋଗାଯାଉଛି। ବାତ୍ୟାରେ ୧୭୧ଟି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିଲା। ଆଜି ସୁଦ୍ଧା ଏହିସବୁ ଗୁଡିକର ମରାମତି ସରି କାର୍ଯ୍ୟକ୍ଷମ ହୋଇଛି। ଭୁବନେଶ୍ୱରରୁ ଆସିଥିବା ୫୨ଟି ଜେନେରେଟର ଦ୍ୱାରା ପ୍ରକଳ୍ପଗୁଡ଼ିକୁ ନିୟମିତ ଭାବେ ଚାଲୁ ରଖାଯାଇ ଜଳ ଯୋଗାଇ ଦିଆଯାଉଛି। ସେହିପରି କ୍ଷତିଗ୍ରସ୍ତ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ଦୁଇଟି ମେଶିନ ସରକାର ଯୋଗାଇ ଦେଇଥିଲେ। ଯେଉଁଥିରୁ ଏକ ଘଣ୍ଟାରେ ୪ହଜାର ଲିଟର ଜଳ ମିଳି ପାରୁଥିଲା। ବିଶୁଦ୍ଧ ଜଳକୁ ୧୭ଟି ଟ୍ୟାଙ୍କର ଯୋଗେ ଗ୍ରାମାଞ୍ଚଳରେ ପହଞ୍ଚାଯାଉଛି। ଏହି ଟ୍ୟାଙ୍କରଗୁଡ଼ିକ ମଧ୍ୟରୁ ୭ଟି ଗଜପତି ଜିଲାର ହୋଇଥିବାବେଳେ ଅନ୍ୟ ୧୦ଟି ଅନୁଗୁଳ, ରାୟଗଡା ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ଜିଲାରେ ଥିବା ୭୨୩୦ଟି ନଳକୂପକୁ ସଂକ୍ରମିତରୁ ଦୂରେଇ ରଖିବାପାଇଁ ୧୦୦ରୁ ଅଧିକ ଟିମ୍ ଗଠନ କରାଯାଇଥିଲା। ଏହି ସବୁ କାର୍ଯ୍ୟରେ ସହଯୋଗ ତଥା ଅନୁଧ୍ୟାନ କରିବା ପାଇଁ ୩ଜଣ କନିଷ୍ଠ ଯନ୍ତ୍ରୀ ଖୋର୍ଦ୍ଧା ଜିଲାରୁ ଆସିଛନ୍ତି। ଗଜପତି ଜିଲାର ସମ୍ପୂର୍ଣ୍ଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶିକା ରୂପା ମିଶ୍ରଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ ଜନ୍ମେଜୟ ସେଠୀ, ଭୁବନେଶ୍ୱରର ଅଧିକ୍ଷଣ ଯନ୍ତ୍ରୀ ଅଭୟ କୁମାର ବିଶ୍ୱାଳ, କଟକର ଅଧିକ୍ଷଣ ଯନ୍ତ୍ରୀ ସୁମନ୍ତ କୁମାର ହରିଚନ୍ଦନ, ଯୁଗ୍ମସଚିବ ସୁବାସ ଦାସ ଏବଂ ବ୍ରହ୍ମପୁର ଅଧିକ୍ଷଣ ଯନ୍ତ୍ରୀ ଲିଙ୍ଗରାଜ ଗୁଡ୍ଡୁ ପ୍ରମୁଖ ଜିଲାକୁ ଆସିଥିବା ସୂଚନା ମିଳିଛି। ଗ୍ରାମାଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ଜଳ ଓ ପରିମଳ ରୋଗରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ରାଜ୍ୟ ପ୍ରତିନିଧି ଦେବାଶିଷ ବିଶ୍ୱାଳଙ୍କ ନେତୃତ୍ୱରେ ଏବଂ ଦେଓଗଡ ଜିଲାରୁ ଆସିଥିବା ୨୨ଜଣ ପ୍ରବର୍ତ୍ତକଙ୍କ ସହଯୋଗରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା କରୁଥିବାବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଚାଲୁରହିଛି।

# ୬ ଜୁଆଡି ଗିରଫ

■ ୩ ବାଇକ୍, ୬ ମୋବାଇଲ, ଟଙ୍କା ଜବତ

**ରାୟଗଡା ଅଫିସ୍, ୨।୧୧**

ଗୁରୁବାର ବିଳମ୍ବିତ ରାତିରେ ରାୟଗଡା ସହରସ୍ଥିତ ରାମକୃଷ୍ଣ ନଗରରେ ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୬ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାରାପ୍ରସାଦ ପଟ୍ଟନାୟକ, ଜ୍ୟୋତି ନନ୍ଦ, ମୁନା ସୁନା, ପି.ସୁନ୍ଦର ରାଓ, ବିଜୟ ଖୋଡିଆ ଓ ବି.ନାଗରାଜୁ। ସେମାନଙ୍କ ନିକଟରୁ ୧୭ହଜାର ୩୧୦ଟଙ୍କା ଏବଂ ୬ଟି ମୋବାଇଲ୍ ଓ ୩ଟି ବାଇକ୍ ପୋଲିସ ଜବତ କରିଛି। ଏନେଇ ପୋଲିସ ଏକ ମାମଲା(ନଂ ୨୩୪/୧୮) ରୁଜୁ କରିଛି। ରାମକୃଷ୍ଣନଗରଠାରେ ଜୁଆ ଆଡ୍ଡା ଚାଲିଥିବା ନେଇ ବିଶେଷସୂତ୍ରରୁ ପୋଲିସ ଖବର ପାଇଥିଲା। ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଜୁଆଡିମାନଙ୍କୁ ଗିରଫ କରିଥିଲେ।

# ଖୋ-ଖୋ ଖେଳାଳି ସମ୍ବର୍ଦ୍ଧିତ

**ଗୁଣପୁର, ୨।୧୧(ଡି.ଏନ.ଏ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃରାଜ୍ୟ କ୍ଲଷ୍ଟର ୨ ଖୋ ଖୋ ପ୍ରତିଯୋଗିତାରେ ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ପିଲାମାନେ ଭାଗ ନେଇ ରନର୍ସ ଅପ ହୋଇଥିଲେ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାନ୍ତୀୟ ଅଧିକାରୀଙ୍କଠାରୁ ସେମାନେ ଟ୍ରଫି ପାଇଥିଲେ। ଏଥିଲାଗି ଏଥିରେ ଭାଗ ନେଇଥିବା ଖେଳାଳିମାନଙ୍କୁ ଗୁରୁବାର ବିଦ୍ୟାଳୟଠାରେ ଏକ ସଭା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗାନ୍ଧୀଗ୍ରୁପର ଉପାଧ୍ୟକ୍ଷ ଡ.ଜଗଦିଶ ପଣ୍ଡା ଉପସ୍ଥିତ ରହି ଖେଳାଳି ପ୍ରତୀକ ମହାପାତ୍ର, ଶ୍ରିତିଜ ଆୟୁଷ ମିଶ୍ର, ସିଦ୍ଧାର୍ଥ ଖାଡାଙ୍ଗା, ବିଶ୍ୱ ପ୍ରକାଶ ପ୍ରଧାନ, ଓମକାର ପଣ୍ଡା, ରାହୁଲ ପଟେଲ, ଚନ୍ଦନ ପଟ୍ଟନାୟକ, ଦେବାନନ୍ଦ ଶବର, ସୁନିଲ ପଡିଆରି, ଅଙ୍କିତ ନାୟକ, ଜି.ଅନନ୍ତ ରାଓ, ସାହିଲ ରଥ ଓ ପ୍ରଶିକ୍ଷକ ଦେବେନ୍ଦ୍ର ନାୟକ, ପରିଚାଳକ ଅନନ୍ତ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ସେହିପରି ସ୍କୁଲ ତରଫରୁ ଅଶୋକ କୁମାର ବେହେରା, ବୁଇଲୋଚନ ସ୍ୱାଇଁ ଏବଂ ପ୍ରମୋଦ କୁମାର ପଣ୍ଡାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉକ୍ତ ଆନ୍ତଃରାଜ୍ୟ ପ୍ରତିଯୋଗିତାରେ ଛତିଶଗଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୯ ଗୋଟି ବିଦ୍ୟାଳୟର ସମୁହ ୧୭ ବର୍ଷରୁ କମ ବାଳକ ବିଭାଗରେ ଘସିପୁରାର ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ ଅଂଶ ଗ୍ରହଣ କରିଥିଲା।




ସମ୍ବର୍ଦ୍ଧିତ ହୋଇଥିବା ଖେଳାଳିମାନେ।

**MNC JOB VACANCY**
Female - 12Nos & Male - 8Nos
Qualification-10th to Graduation
Age : 18-28Yrs
MONTHLY SALARY :
Rs.7500/- To 17000/- + Free Hostel
9937172198, 9937042198

Required The Following Personnel
1) ACCOUNTANT - 1 Nos
2) MARKETING - 2 Nos
PERSONS WITH EXPERIENCE
ONLY CONTACT WITH DETAILS
**AURO ENTERPRISERS**
28A, Kharvela Nagar, Unit 3, Near Hotel Nandan, Bhubaneswar. Mail your CV at :
auro.akc@gmail.com

HDFC BANK We understand your world
OM FINANCE Authorized DSA of HDFC Bank Ltd.
We are the leading DSA of **HDFC BANK Ltd** requires following staffs in odisha for PERSONAL LOANS AND BUSINESS LOANS
Locations - Bhubaneswar,Cuttack,Puri,Khordha,Jatni,Paradip,Jagatsinghpur,Berhampur, Jajpur,Balasore,Bhadrak,Rourkela,Jharsuguda,Sambalpur,Bolangir,Sonepur.
1. **Team Manager - Male /Female** - Minimum Graduate - Salary up to 15000 pm
2. **Sales Officer - Male / Female** - Minimum Graduate - Salary up to 12000 pm
3. **Office assistant - Female** - Commerce Graduate - Salary up to 12000 - 15000
4. **Office Co ordinator - Female** - Any Graduate - Salary up to 10000 - 12000
Post No 3 & 4 only for Bhubaneswar and Cuttack Location.
**We are also providing attractive incentive and bonus for all posts with salary**
For Assistant Phone/Call ..
**Bolangir/Sambalpur/Sonepur - 8457853731,7381003731**
**Jajpur/Balasore/Bhadrak - 7788900434,9658987215**
**Others - 9238326748,9348117069,9853428171**
Come with Resume and one colour passport size photo for
**walk in interview dated 2nd, 3rd, 4th November 2018 between 11am to 2 pm**
**OM FINANCE, PLOT NO - 270, KHARVEL NAGAR, BHUBANESWAR**
Web site-www.omfinance.co.in, Email - omfn@rediffmail.com

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**TEACHERS REQUIRED**
Teachers Required Male/Female for Odia Medium & English Medium School at Bhubaneswar.
Contact:
9337119851
9658118866

**WALK-IN-INTERVIEW**
Required **DTP Designer** (knows Photoshop & Coreldraw) & **Accountant** having one year experience.
At: A/68, Industrial Area, Unit-3, Bhubaneswar.
Mobile: 9090963364

**URGENTLY REQUIRED**
One **Laboratory Attendant.**
Apply with Bio-Data to the Principal before Dt. 17.11.2018.
**Principal, B.J.B. (Jr.) College, Gadarodang, Brahmagiri, Puri**

**MÖBEL FURNITURE**
Eastern India's most Admired Furniture Brand
BHUBANESWAR
REQUIRES
- SHOWROOM MANAGER
- INTERIOR CUM KITCHEN DESIGNER
- CORPORATE SALES EXECUTIVE
- CUSTOMER CARE EXECUTIVE
- ACCOUNTANT
- SALES GIRLS
- FITTERS
90739 87973
www.MobelHomeStore.com
jobs@mobelindia.com

**Required**
MARKETING EXECUTIVE experience or fresher
TELECALLER : Must have computer knowledge
Fresher Also Contact
Mob.: 9439778365, 8327747035
Bhubaneswar

URGENTLY REQUIRED
ADINATH TECHNO SERVICES BHUBANESWAR
**Sales / Marketing Exe.**
For - CCTV, BIOMETRIC & IT
Fresher / Experience
Basic Salary + Allowance + Incentive
Mob : 7205071008 / 7205041008
Email : adinathtech.bbsr@gmail.com

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**ଏକ SNACKS ଦୋକାନରେ DATA ENTRY OPERATOR**
ଆବଶ୍ୟକ। କମ୍ପ୍ୟୁଟର ସମ୍ପୂର୍ଣ୍ଣ ଜ୍ଞାନଥିବା ପୁଅ/ଝିଅ ଯୋଗାଯୋଗ କରନ୍ତୁ।
SHIVASHAKTI DRY FOODS
P.D MARKET, CRP SQUARE
BHUBANESWAR
Mob : 9040036116

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**ALL INDIA NETWORK PROGRAMME ON 'GASTRO-INTESTINAL PARASITISM', ICAR-IVRI**
**DEPARTMENT OF VETERINARY PARASITOLOGY**
**COLLEGE OF VETERNIARY SCIENCE & ANIMAL HUSBANDRY**
**O.U.A.T., BHUBANESWAR - 03**
Tel No. : 9437011510 Email : vetpara2013@gmail.com

**WALK IN INTERVIEW**

Candidates interested in contractual engagement in the "All India Network Programme on Gastro Intestinal Parasitism" (AINP-GIP) operating in the Department of Veterinary Parasitology, College of Veterinary Science & Animal Husbandry, Odisha University of Agriculture and Technology, Bhubaneswar for a period upto March 2020 may avail of the opportunity through walk-in-interview. The activities of the post relate to various field works as well as laboratory analysis of the samples. The essential educational qualification, remuneration and time of interview are specified below. This post is purely temporary and co-terminus with completion of the project period i.e. March, 2020. The candidates having experience and exposure to laboratories and / or field activities on parasitic disease of animals would be added advantages. No T.A. and D.A. will be provided for appearing the interview.
Candidates appearing interview are to produce a set of attested photocopies of the original certificates indicating educational qualification and experience at the time of interview which will be held in the committee room of the Dean of Research, Odisha University of Agriculture & Technology, Bhubaneswar - 751003 as detailed below. Authority reserves the right to cancel the interview without assigning any reason thereof.

| Sl. No. | Name of Post (Number) | Essential Educational Qualification | Remuneration (per month) | Date and Time of Interview |
|---|---|---|---|---|
| 1 | Senior Research Fellow (1) | Post Graduate Degree in Veterinary Parasitology / Veterinary Pathology / Veterinary Microbiology | Rs. 25,000/- | 19.11.2018 10.30AM |

N.B. : These contents will be published on University Website and two Local News Papers (Dharitri & Samaj).
**Sd./- Principal Investigator AINP-GIP**

**J.K. Trust, Bombay**
**WANTED RURAL DEVELOPMENT OFFICERS**
J.K. Trust, Bombay a renowned NGO is carrying out "Cattle Breed Improvement Programme" through establishment of "Integrated Livestock Development (ILD) Centers" across various states of India. For the monitoring of this programme, we are looking for Rural Development officers in Odisha state.

Candidates with graduation/post-graduation in Agriculture, Social Science, Sociology & Rural Development with at least 3 years of relevant or similar experience should apply.

The candidate should mention his mobile no. so that they can be informed about date of interview telephonically.

The last date for receiving application at our office will be 15th November, 2018.

Please forward your resume by post or e-mail to following address.
**J. K. Trust**
Padmalaya, Ground Floor, Plot No: 166/2152/3368,
Near Udaygiri Vihar, Patrapada,Bhubaneswar
Dist: Khurda, Pin: 751019, Odisha. E-mail : odisha@jktrust.org
www.jktrust.org
www.jkbovagenix.org
JK BovaGenix Improving Bovine Genetics

**A Play and Pre-School in Tankapani Road area of Bhubaneswar Requires**
**Teacher for Nursery:** Graduate, trained, Strong English speaking ability (Rs.5000-10000 per month).
**Teachers for CBSE school level Science, Social Studies, Mathematics, English** (payment negotiable).
**Arts and Crafts Teacher:** Experience in teaching arts, painting, crafts (salary negotiable).
**Song Teachers:** Odissi and Hindustani classical singing teachers (salary negotiable).
Please apply with bio-data to
**ngorecruitment@gmail.com**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 100 / 72.45 | 579.68 / 35,011.65 | 172.55 / 10,553.00 | ₹150 / 32,630.00 | ₹310 / 39,500.00 |

"ଦେଶର ସମୁଦାୟ ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ଜିଡିପିରେ ଅତିରିକ୍ତ ୭୦୦ ବିଲିୟନ ଡଲାର ସଂଯୋଗ କରିବା।

– ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



"ଏମ୍ଏସ୍ଏମ୍ଇଗୁଡିକୁ ସହଜ ଋଣ ପ୍ରଦାନ ଲାଗି ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂସ୍ଥାଗୁଡିକ ଲାଗି ଲାଭକାରୀ ହେବ।

– ଉଦୟ କୁମାର ବର୍ମା, ମହାସଚିବ,ଆସୋଚାମ



## ସଂକ୍ଷେପରେ

### ୫ବର୍ଷରେ ଟଙ୍କାର ସର୍ବାଧିକ ମୂଲ୍ୟ ବୃଦ୍ଧି

ଦିନକରେ ୧୦୦ ପଇସା ବଢ଼ିଲା

**ମୁମ୍ବାଇ,୨-୧୧:** କିଛି ମାସ ହେବ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇଚାଲିଥିଲା। କାଁଭାଁ କେତେବେଳେ ଟଙ୍କାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଉଥିଲା। ତାହା ଥିଲା ଅତ୍ୟନ୍ତ ନଗଣ୍ୟ। କିନ୍ତୁ ଶୁକ୍ରବାର ବୃଦ୍ଧି ପାଇବାରେ ଟଙ୍କା ୫ ବର୍ଷର ରେକର୍ଡ ଭାଙ୍ଗିଛି। ଏଥିରେ ୧୦୦ ପଇସା ବୃଦ୍ଧି ପାଇବାରୁ କାରବାର ବନ୍ଦ ବେଳକୁ ଟଙ୍କାର ମୂଲ୍ୟ ୭୨.୪୫ଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଭାରତକୁ ଇରାନ ତେଲ କିଣିବା ଲାଗି ଆମେରିକା କଟକଣା କୋହଳ କରିବ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିବାରୁ ଟଙ୍କାର ମୂଲ୍ୟ ବୃଦ୍ଧି ହୋଇଛି ବୋଲି କୁହାଯାଉଛି। ଏହାଛଡା ଷ୍ଟକ ମାର୍କେଟରେ ବୃଦ୍ଧି ସାଙ୍ଗକୁ ବିଦେଶୀ ନିବେଶକ ପୁନର୍ବାର ଦେଶକୁ ଫେରୁଥିବାରୁ ଟଙ୍କା ପ୍ରତି ଲୋକଙ୍କ ଆସ୍ଥା ଫେରୁଛି ବୋଲି କୁହାଯାଉଛି। ଶୁକ୍ରବାର ମୂଲ୍ୟ ବୃଦ୍ଧି ସହ ଟଙ୍କା ୭୩.୧୪ରେ କାରବାର ଆରମ୍ଭ କରିଥିଲା। ଦିନ ଭିତରେ ଏକ ସମୟରେ ଏହା ୭୨.୪୩ରେ ପହଞ୍ଚିଯାଇଥିଲା। ତେବେ ୭୨.୪୫ରେ ଏହାର କାରବାର ବନ୍ଦ ହୋଇଥିଲା। ଫଳରେ ଦିନକ ମଧ୍ୟରେ ଟଙ୍କାର ମୂଲ୍ୟ ୧୦୦ ପଇସା ବଢ଼ିଥିଲା। ଯାହାକି ୨୦୧୩ ସେପ୍ଟେମ୍ବର ପରେ ଦେଖାଯାଇଛି।

## ଏମ୍ଏସ୍ଏମ୍ଇଙ୍କୁ ଦୀପାବଳି ଉପହାର

# ୫୯ ମିନିଟରେ ୧ କୋଟି ଋଣ

ନୂଆଦିଲ୍ଲୀ,୨-୧୧

### ପୋର୍ଟାଲ ଉନ୍ମୋଚନ କଲେ ମୋଦି

- ୧୨ ନୀତି ଗୃହୀତ
- ପାଇଲଟ ଭିତ୍ତିରେ ୭୨,୬୮୦ ଏମ୍ଏସ୍ଏମ୍ଇ ସାମିଲ ହୋଇଥିଲେ
- ଜିଏସ୍ଟିରେ ପଞ୍ଜୀକୃତଙ୍କୁ ମିଳିବ ୨% ସୁଧ ରିହାତି




ଦେଶରେ ଏବେ ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ପ୍ରବଳ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏକ ଋଣ ପୋର୍ଟାଲ ଉନ୍ମୋଚନ କରିଛନ୍ତି। ଏହା ଜରିଆରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କା ଋଣ ପାଇପାରିବେ।

ଦିଲ୍ଲୀର ବିଜ୍ଞାନ ଭବନରେ ଏମ୍ଏସ୍ଏମ୍ଇଙ୍କ ଲାଗି ସରକାରଙ୍କ ସପୋର୍ଟ ଆଣ୍ଡ ଆଉଟରିଚ୍ ଇନିସିଏଟିଭ୍ର ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇ କହିଛନ୍ତି ଯେ, କେନ୍ଦ୍ର ସରକାର ଏମ୍ଏସ୍ଏମ୍ଇକୁ ଶକ୍ତିଶାଳୀ କରିବା ଲାଗି ୧୨ଟି ନୀତି ଗ୍ରହଣ କରିଛନ୍ତି। ଏହାକୁ ଦୀପାବଳି ଉପହାର ବୋଲି ସେ ଉଲ୍ଲେଖ କରି କହିଛନ୍ତି ଯେ, ଏହି ନୀତିଗୁଡିକ ଯୋଗୁ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ପୁଞ୍ଜି ପହଞ୍ଚିବ। ଏହି ନୀତିଗୁଡିକ ଯୋଗୁ ଏହି ଉଦ୍ୟୋଗକୁ ପ୍ରୋତ୍ସାହନ ମିଳିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅଦ୍ୟାବଧି ସରକାର ୭୨୦୦୦ ଏମ୍ଏସ୍ଏମ୍ଇଙ୍କୁ ପାଇଲଟ ଭିତ୍ତିରେ ଋଣ ପ୍ରଦାନ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଆଜି ସୁଦ୍ଧା ୭୨,୬୮୦ ଉଦ୍ୟୋଗକୁ ଋଣ ପ୍ରଦାନ କରାଯାଇପାରିଛି ବୋଲି ସେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଜିଏସ୍ଟି ଅଧୀନରେ ପଞ୍ଜୀକୃତ ଉଦ୍ୟୋଗଗୁଡିକୁ ସିଧାସଳଖ ଜିଏସ୍ଟି ପୋର୍ଟାଲରୁ ଋଣ ମିଳିବ। ଜିଏସ୍ଟି ରିଟର୍ନ ଦାଖଲ କଲା ବେଳେ ଋଣ ଆବଶ୍ୟକ କି ବୋଲି ଟିକସଦାତାଙ୍କୁ ପୋର୍ଟାଲ ଜରିଆରେ ପ୍ରଶ୍ନ କରାଯିବ। ଜିଏସଟିରେ ପଞ୍ଜୀକୃତ କମ୍ପାନୀମାନେ ଋଣର ସୁଧ ଉପରେ ୨% ଛାଡ଼ ପାଇବେ। ସେହିପରି ରପ୍ତାନିକାରୀଙ୍କ ଲାଗି ରପ୍ତାନି କରିବା ପୂର୍ବରୁ ଏବଂ ମାଲ୍ ପଠାଇବା ପରେ ପାଇବାକୁ ଥିବା ରିବେଟ୍କୁ ୩ରୁ ୫%କୁ ବୃଦ୍ଧି କରାଯାଇଛି। ବାର୍ଷିକ ୫୦୦ କୋଟି ଟଙ୍କାର କାରବାର କରୁଥିବା କମ୍ପାନୀମାନେ ବାଧ୍ୟତାମୂଳକ ଭାବେ ଟିଆର୍ଇଡିଏସ୍ରେ ସାମିଲ ହେବେ। ଉଲ୍ଲେଖଥାଉ କି, ଦେଶରେ ଏବେ ୬.୩ କୋଟିରୁ ଅଧିକ ଏମ୍ଏସ୍ଏମ୍ଇ ୟୁନିଟ ରହିଛି ଏବଂ ଏଥିରେ ପ୍ରାୟ ୧୧.୧ କୋଟି ଲୋକେ ନିଯୁକ୍ତି ପାଇଛନ୍ତି। ଦେଶର ଜିଡିପିରେ ଏମ୍ଏସ୍ଏମ୍ଇର ଯୋଗଦାନ ପ୍ରାୟ ୩୦%। ଦେଶର ମୋଟ୍ ରପ୍ତାନିର ୪୦ ପ୍ରତିଶତ ଏହି ସେକ୍ଟରରୁ ହୋଇଥାଏ। ସେହିପରି ମାନୁଫାକ୍ଚରିଂ ସେକ୍ଟରରେ ଏମ୍ଏସ୍ଏମ୍ଇର ଯୋଗଦାନ ୪୫% ରହିଛି।

## ଏଲ୍ଜି ୱାଟର ପ୍ୟୁରିଫାୟରକୁ ହାର୍ଟ କେୟାର ଫାଉଣ୍ଡେଶନ ପ୍ରମାଣପତ୍ର

ଭୁବନେଶ୍ୱର,୨-୧୧

ପ୍ରମୁଖ କମ୍ପାନୀ ଏଲ୍ଜି ପକ୍ଷରୁ ପ୍ରସ୍ତୁତ ଏହାର ୱାଟର ପ୍ୟୁରିଫାୟର ରେଞ୍ଜ ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ପ୍ରମାଣପତ୍ର ଲାଭ କରିଛି। ସ୍ୱାସ୍ଥ୍ୟପ୍ରଦ ପାନୀୟ ଜଳ ଯୋଗାଣର ସମସ୍ତ ମାନକକୁ କମ୍ପାନୀର ଏହି ପ୍ରଡକ୍ଟଗୁଡିକ ପୂରଣ କରୁଥିବାରୁ ଏଭଳି ମାନ୍ୟତା ପ୍ରଦାନ କରାଯାଇଛି। କମ୍ପାନୀର ପ୍ରଡକ୍ଟ ଜଳର ଶୁଦ୍ଧତା, ସଂରକ୍ଷଣ ଏବଂ ଉନ୍ନତ ପରିଚାଳନା ବୈଶିଷ୍ଟ୍ୟ ସହ ଆସୁଛି। ଏ ନେଇ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏଲ୍ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଳ ସକ୍ସେନା ଏହି ସୂଚନା ଦେଇଛନ୍ତି। ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଧ୍ୟାନରେ ରଖି କମ୍ପାନୀ ଏହାର ୱାଟର ପ୍ୟୁରିଫାୟର ଶୃଙ୍ଖଳା ଏଲ୍ଜି ପ୍ୟୁରିକେୟାରକୁ ସମ୍ପ୍ରସାରଣ କରିଛି। ଏଥିରେ ନୂତନ, ସ୍ୱଚ୍ଛତା ବର୍ଦ୍ଧକ ବୈଶିଷ୍ଟ୍ୟ, ଡୁଆଲ ପ୍ରୋଟେକ୍ସନ ଷ୍ଟେନଲେସ ଷ୍ଟିଲ ଟ୍ୟାଙ୍କ, ଡିଜିଟାଲ ଷ୍ଟେରଲାଇଜିଂ କେୟାର, ସଦ୍ୟତମ ପ୍ୟୁରିଫିକେଶନ ସଲ୍ୟୁଶନ, ୫ ଷ୍ଟେଜ୍ ଧାରାରେ ଆର୍ଓ ଫିଲଟ୍ରେଶନ ଭଳି ସୁବିଧା ରହିଛି। ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ପ୍ରଡକ୍ଟଗୁଡିକ ବଜାରକୁ ଆସିଥିବା କମ୍ପାନୀ ପ୍ରକାଶ କରିଛି।




## ଏନ୍ବିଏଫ୍ସିଙ୍କୁ ମିଳିବ ଋଣ

### ବ୍ୟାଙ୍କଗୁଡ଼ିକୁ ଆର୍ବିଆଇର ଅନୁମତି

ମୁମ୍ବାଇ,୨-୧୧

ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍ବିଏଫ୍ସି)ଗୁଡିକ ଗଭୀର ଆର୍ଥିକ ସଙ୍କଟର ସାମ୍ନା କରୁଥିବା ସ୍ୱୀକାର କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ବ୍ୟାଙ୍କଗୁଡିକୁ ଋଣ ପ୍ରଦାନ ଲାଗି ଅନୁମତି ଦେଇଛନ୍ତି। ଏନ୍ବିଏଫସିମାନେ ବଣ୍ଡ୍ ଜରିଆରେ ଋଣ ନେଲେ ବ୍ୟାଙ୍କଗୁଡିକ ଆଂଶିକ ଭାବେ ଗ୍ୟାରେଣ୍ଟର ହୋଇପାରିବେ ବୋଲି ଆର୍ବିଆଇ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଦ୍ୱାରା ଏନ୍ବିଏଫସିଗୁଡିକ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ଅନେକାଂଶରେ ଦୂର ହୋଇଯିବ। ବଜାରରେ ପୁଞ୍ଜି ପ୍ରବାହ ବଢ଼ିବ। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଗତ କିଛି ଦିନ ହେଲା ସୃଷ୍ଟି ହୋଇଥିବା ବିବାଦର ଏହା ଅନ୍ୟତମ କାରଣ ଥିଲା। ଏନ୍ବିଏଫ୍ସିଙ୍କୁ ଋଣ ନ ଦେବା ଲାଗି ଆର୍ବିଆଇ ଜିଦ୍ ଧରିଥିଲା ବେଳେ କେନ୍ଦ୍ର ସରକାର ବାଧ୍ୟ ହୋଇ ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭ ଲାଗୁ କରିଥିଲେ।

## ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଧନତେରସ ଅଫର

ନୂଆଦିଲ୍ଲୀ,୨-୧୧

Reliance Jewels
BE THE MOMENT

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଧନତେରସ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଗ୍ରାହକଙ୍କୁ ୭୫,୦୦୦ ଟଙ୍କାରୁ ଅଧିକ ସୁନା ଗହଣା କ୍ରୟରେ ଗଢା ମୂଲ୍ୟରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ୭୫,୦୦୦ ଟଙ୍କାର ହୀରା ଗହଣା ଇନ୍ଭଏସ ଉପରେ ୦% ମେକିଂ ଚାର୍ଜ ରହିଛି। ୫୦ ଗ୍ରାମ ଏବଂ ଏହାଠାରୁ ଅଧିକ ଗୋଲ୍ଡ କଏନ ପ୍ରସ୍ତୁତିରେ ଫ୍ଲାଟ ୭୫% ରିହାତି ସୁବିଧା ମିଳୁଛି। ପୁରୁଣା ଗହଣା ଏକ୍ସଚେଞ୍ଜ ଉପରେ ଫୁଲ୍ ଭାଲ୍ୟୁ, ମାଗଣା ଗହଣା ବୀମା ସୁବିଧା କମ୍ପାନୀ ପ୍ରଦାନ କରୁଛି। ଉକ୍ତ ଅଫର ୧୧ ନଭେମ୍ବର ଯାଏ ରହିଛି। ପାରମ୍ପରିକ ଏବଂ ସଦ୍ୟତମ ଗହଣା ଶୋ'ରୁମରେ ଉପଲବ୍ଧ ହେଉଛି। ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଦ୍ୱାରା ଗ୍ରାହକଙ୍କୁ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ ବୋଲି ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ ସୂଚନା ଦେଇଛନ୍ତି।

## ଏଚ୍-୧ବି ଭିଜା ନିୟମ କଡ଼ାକଡ଼ି କଲେ ଟ୍ରମ୍ପ

**ୱାଶିଂଟନ,୨-୧୧:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିଜା ନିୟମକୁ ଆହୁରି କଡ଼ାକଡ଼ି କରିଛନ୍ତି। ଏଥିରେ ଆହୁରି କିଛି ନିୟମ ଯୋଡ଼ା ଯାଇଛି। ଏଣିକି ଆମେରିକାର ସମସ୍ତ କମ୍ପାନୀ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମସ୍ତ ବିଦେଶୀଙ୍କ ସମ୍ପର୍କରେ ସରକାରଙ୍କୁ ତଥ୍ୟ ଦେବେ। ଏହାଦ୍ୱାରା ବିଦେଶୀଙ୍କ ନୂଆ ନିଯୁକ୍ତି ପ୍ରଭାବିତ ହେବ ବୋଲି କୁହାଯାଉଛି। ଟ୍ରମ୍ପ ପ୍ରଶାସନର ଉକ୍ତ ନିଷ୍ପତ୍ତି ଯୋଗୁ ଭାରତୀୟ ପେସାଦାରମାନେ ଅଧିକ ସଂଖ୍ୟାରେ ପ୍ରଭାବିତ ହେବେ। କାରଣ ଆମେରିକାରେ କାମ କରିବା ପାଇଁ ସେମାନେ ଏହି ଭିଜାର ପ୍ରୟୋଗ କରିଥାନ୍ତି। ଉଲ୍ଲେଖଥାଉ କି, ଏଚ୍-୧ବି ଭିଜା ପାଇବା ଲାଗି କମ୍ପାନୀଙ୍କୁ ଶ୍ରମ ବିଭାଗରେ ଆବେଦନ କରିବାକୁ ପଡିଥାଏ। ତଥ୍ୟ ପ୍ରଦାନ ପରେ ନୂଆ ଭିଜା ପାଇବା କଷ୍ଟକର ହେବ।

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH
BURLA (SAMBALPUR), ODISHA - 768017
E-mail: superintendent.vssmch@gmail.com
Telephone No.: 0663-2430738, Fax: 0663-2430435
No.: 14292/VIMSAR Dated, Burla, the 02nd November, 2018

QUOTATION CALL NOTICE

No.: 543-E: Quotations are hereby invited by the undersigned from the intending firms having GST holders for **Comprehensive Annual Maintenance Contract** of 70 (Seventy) Nos. of Water Purifier System (Aquaguard) of this hospital so as to reach this office on or before **Dtd.15.11.2018 upto 5.00 P.M.** which will be opened on **Dtd.16.11.2018 at 03.30 P.M**. The quotation should be enclosed with the following documents mentioned below.
1. GST Registration Certificate
2. A Certificate to the effect that the rates quoted do not exceed the prevailing market price.
3. Photostat copy of PAN Card.
4. Experience of maintaining such type of water purifier system in public sector Institution.
5. An undertaking regarding availability of spares during the maintenance period at hand.
6. Rs.5000/- in shape of Bank Draft pledged in favour of Superintendent, VSS, IMSAR, Burla as EMD. The EMD will be refunded.

**Terms & Conditions:**
1. The quotation must be in a sealed cover and should be superscribed as **"QUOTATION FOR MAINTENANCE OF WATER PURIFIER SYSTEM AND DUE DATE IS DT.15.11.2018.**
2. The CAMC amount should be clearly mentioned along with GST.
3. Number of attending times should also be mentioned.
4. If the system can not be repaired during the CAMC period than that should be with proper certification of user authority.
5. The repair of the effective items should be done in the hospital premises only. If required outside repair than that should be taken with proper permission from head of the Unit/Authorized representative.
6. The periodical service with proper signature of the concerned departments should be furnished for record centrally.

The undersigned reserves the full right to accept or reject any or all quotations assigning any reason therefore.

Sd./- Dean & Principal
VIMSAR, Burla
10012/11/0049/1819

DISTRICT RURAL DEVELOPMENT AGENCY, DEOGARH
(E-mail: ori-ddeogarh@nic.in, Phone No.: 06641-226330)
ADVERTISEMENT
No.: 3512/DRDA/Estt. Date: 01.11.2018

Applications in prescribed format are invited from the eligible candidates along with attested copies of all relevant certificates and mark sheets for engagement of 1 (One) Post of **Asst. Project Director (Livelihood)-cum-Project Executive (Micro Finance)** in DRDA, Deogarh of Deogarh district on **Contractual Basis**. The district website **"www.deogarh.nic.in"** may be visited about the details of Age, Qualification, Selection Process, Remuneration & other criterion.
The last date of receipt of application is by **22.11.2018 by 5.00 P.M. by Speed Post/Regd. Post** only.

| Sl. No. | Name of the District | Name of the Post | No. of Post | Category | Monthly Consolidated Remuneration |
|---|---|---|---|---|---|
| 01 | Deogarh | Asst. Project Director (Livelihood)-cum-Project Executive (Micro Finance) in DRDA, Deogarh | 01 (One) | Open | Rs.25,000.00 |

Sd./- Collector-cum-CEO
DRDA, Deogarh

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR
Tender Call Notice for purchase of New Mahindra Bolero Ambulance (Full Fitted)

No. 542-E:-Tender call notices are invited from authorized dealers of Mahindra & Mahindra Ltd. for sale/supply of new Mahindra Bolero Ambulance under Critical Gap funds and MP LADS Funs for use in different health institutions of Sambalpur district as per following specification.

| Sl. No. | Type of vehicle | Make & Model | No of vehicle |
|---|---|---|---|
| 1. | Mahindra Bolero Ambulance<br>a) Foldable stretcher cum trolley<br>b) 2 seats for relatives/attendants<br>c) Stainless steel wash basin<br>d) One oxygen cylinder stand | BS-4 | 03 nos. |

The vehicle should be supplied after completion of Regd. Fees, Road tax & insurance Policy etc. the cost of the same will be included in the Ambulance cost.

The sealed tender papers should be submitted in closed envelopes through Speed Post. / Regd. Post only on or before 15.11.2018 to the office of the CDM & PHO, Sambalpur. The date of opening of tender will be intimated to the concerned dealer later on. The tender committee has been formed and the committee headed by the CDM & PHO, Sambalpur, RTO, Sambalpur & APD (finance), DRDA, Sambalpur. The authority has reserved the right to cancel all the whole process without any notice.

10049/11/0055/1819 Sd/- Chief District Medical & Public Health Officer, Sambalpur

TENDER CALL NOTICE

No.95-MM: Sealed tenders are invited from the intending bidders for disposal of the following confiscated vehicles, seized in commission of forest offence cases in this division as is where is basis, superscribed as Tender for Auction Sale of Vehicles, as furnished below.

List of vehicles to be auctioned

| Sl. No. | O.R. Case No. | Vehicle No. | Make/ Model. | Location where the vehicle is now available for inspection. |
|---|---|---|---|---|
| 1 | OR No.213 (A ) of 2013-14 | OR23A-4971 | Tractor fitted with compressor & Power tiller | Hemgir Range Office Campus at Kanika |
| 2 | OR No.189 of 2013-14 | OR16D-9884 | Tata Magic | Hemgir Range Office Campus at Kanika |
| 3 | OR No.202 of 2015-16 | TR NO. MH-12TR-BSY- 772 Ch No.MAT524001GRE034 73 | TATA Pick Up | Hemgir Range Office Campus at Kanika |
| 4 | OR No.351 of 2015-16 | OD16-1664/1667 | Tractor & Trolley | Hemgir Range Office Campus at Kanika |
| 5 | OR No.331 of 2015-16 UDC 73 of 2015-16 | CG-13A-6176 | 207 DI ex Pick up | Hemgir Range Office Campus at Kanika |
| 6 | OR No.73 of 2011-12 | RJ-06RA-2940 | Tractor fitted with compressor & Drilling Machine etc. | Hemgir Range Office Campus at Kanika |
| 7 | OR No.180 of 2005-06 | OR23-2909 | Mahindra Maxx Pick up | Hemgir Range Office Campus at Kanika |

The tender will be received up to 12.00 Noon of dt. 20.11.2018 by Regd. Post or speed post in the office of the undersigned with EMD of Rs. 5,000/- (Rupees five thousand) only for each vehicle in shape of Demand Draft drawn on any Nationalized Bank payable at Sundargarh in favour of the Divisional Forest Officer, Sundargarh Forest Division. Tenders shall be opened on 20.11.2018 in the office of the undersigned at 03.00 P.M. in the presence of tenderers or their authorized representatives. Tenders without E.M.D. and beyond the stipulated time shall be rejected. The vehicles can be inspected at the places as mentioned above against each vehicle on any working day from 11.00 A.M.to 4.00 P.M.

Successful bidder has to deposit 25% of the bid amount then and there and balance amount within 7 (seven) days failing which the deposit including EMD shall be forfeited. EMD can be adjusted with the total bid amount at the time of final payment of bid amount. The bidder must remove the vehicle from the site within 7 (seven) days from the date of final deposit of the full bid amount failing which ground rent @1% of the bid amount shall be charged for each day or part till removal of the vehicle from the site. The custody and safeguard of the vehicle beyond the date of deposit of full bid amount shall be the responsibility of the bidder and no claim or complaint on that account shall be entertained. In case the ground rent so charged exceeds the sale price deposited the bidder shall cease to have any right on the vehicle. The amount deposited by him towards the sale price shall be adjusted towards the ground rent and the vehicle shall become absolute property of Orissa Forest Department free from encumbrances. The authority reserves the right to reject any or all the tenders without assigning any reason thereof. The bidders are requested to mention clearly on the sealed envelope **"Tender for Auction Sale of Confiscated Vehicles"** as per the proforma mentioned below.

**Proforma**

| Name and address of bidder | Sl No. of the vehicle | Vehicle No. | Place in which vehicle is available | Bid Amount (in Rs.) | Details of EMD (D.D. No./ Date/ Amount) |
|---|---|---|---|---|---|
| 1 | 2 | 3 | 4 | 5 | 6 |

08034/11/0003/1819
Divisional Forest Officer,
Sundargarh Forest Division

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553
TENDER NOTICE NO. SRGMS - 15/2018-19
For and on behalf of Odisha Power Transmission Corporation Ltd., Sr. G.M. (S&S), OPTCL, BBSR invites sealed Tenders from reputed Manufacturers / Authorised Dealers for supply of various types of LED light fittings (Philips/CG/Havells/PAC) to OPTCL Headqrs office duly superscribed on the cover as : **"Tender for Supply of different types of LED light fitting to OPTCL Headqrs office, Bhubaneswar".** Tender papers can be downloaded from the OPTCL website from dt.**02.11.2018** to dt.**24.11.2018**. The tender will be opened on dt.**24.11.2018** at **4:00 PM**. Interested firms may visit OPTCL's official website **www.optcl.co.in** for detail specifications.
Sd/-
Sr. General Manager (S&S)
Please connect us: optcl.odisha optcl_odisha energyodisha

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ବିଜ୍ଞାପନ ସଂଖ୍ୟା: 11995 ତାରିଖ: 15.10.18
H-119/2018
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍: www.oshb.org
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫(ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ଅଞ୍ଜନା ଆଚର୍ଯ୍ୟ, ସ୍ୱାମୀ: ବ୍ରହ୍ମାନନ୍ଦ ପତି, ସା: ତମରପା, ପୋ: ବିରିବାଟି, ଥାନା: କଟକ ସଦର, ଜିଲ୍ଲା: କଟକ | ଜି.ଏଲ୍.-୪୬, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର | ୧. ବ୍ରହ୍ମାନନ୍ଦ ପତି (ସ୍ୱାମୀ)<br>୨. ସାରସ୍ୱତ ପତି (ପୁଅ) |
| | | | ସ୍ୱା./- ସହ ପ୍ରଶାସନିକ ଅଧିକାରୀ<br>ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା |

ADVERTISEMENT
ODISHA CONSTRUCTION CORPORATION LTD.
(A Government of Odisha Undertaking)
REGD. OFFICE: UNIT – VIII, GOPABANDHUNAGAR
BHUBANESWAR – 751 012 (ODISHA)
E-mail: theoccltd@odishaconstruction.com
Web: www.odishaconstruction.com
DESIGNED TO EXCEL

REQUIRES
1) Manager, Human Resources - 1 No.
2) Manager, Legal - 1 No.

Odisha Construction Corporation Limited, a state PSU invites applications from eligible applicants for filling up the above vacancies in the regular establishment of the Corporation.
1) **Scale of Pay :** Level-11 in the Pay Matrix of the ORSP Rules, 2017 shall be applicable to both the posts.
2) **Eligibility :**
a) **Qualification :**
For the post of Manager, Human Resources, the applicant should be an MBA/PGDM in Personnel or HR or Industrial Relation from recognized institute approved by AICTE or Masters / Post Graduation in Social welfare or Industrial Relation or Personnel Management from recognized Institute approved by AICTE.
For the post of Manager, Legal, the applicant should be a Degree in Law from any recognized University in India.
b) **Experience :**
For the post of Manager, Human Resources, the applicant should have 10 years, post qualification experience in relevant field.
For the post of Manager, Legal, the applicant should have 10 years Practice / experience as a member in Bar Association out of which 3 (three) years should be in the High Court.
c) **Age limit :** Not exceeding 42 years as on 31.10.2018 for both the posts.
3) **General Conditions :**
a) Age limit is relaxable as per ORV Act and Rules.
b) Applicants belonging to SC, ST & SEBC should submit caste certificates issued by the competent authority along with their applications.
c) Applicant employed in Government / Semi Government / PSU should route his application through proper channel and also produce "No Objection Certificate" at the time of interview.
d) Application along with detailed C.V. with full contact address / permanent address, telephone number , attested copies of qualification and experience certificate & recent passport size photograph etc. should be submitted within 15 days of the date of publication of the advertisement (the date of advertisement inclusive) to the Managing Director, Odisha Construction Corporation Ltd., Unit-VIII, Gopabandhunagar, Bhubaneswar-751012.
e) The Management reserves the right to reject any or all applications without assigning any reason thereof.
Sd/-
MANAGING DIRECTOR




# 'ଭାରତୀୟ ହକିରେ ପରିବର୍ତ୍ତନ ଆସିଛି'

ଭୁବନେଶ୍ୱର, ୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଗତ କେତେବର୍ଷ ମଧ୍ୟରେ ଭାରତୀୟ ହକିରେ ବହୁ ପରିବର୍ତ୍ତନ ହୋଇଛି। ଏକଦା ଭାରତୀୟ ହକିର କଡ଼ା ସମାଲୋଚକ ଭାବେ ଜଣାଶୁଣା ଥିବା ପୂର୍ବତନ ହକି ଖେଳାଳି, କୋଚ୍, ରାଜନେତା ତଥା ଲେଖକ ରିଚାର୍ଡ ଚାର୍ଲ୍ସୱର୍ଥ ଏହି କଥା କହିଛନ୍ତି। ଅଷ୍ଟ୍ରେଲିଆର ଏହି କିମ୍ବଦନ୍ତୀ ହକି ବ୍ୟକ୍ତିତ୍ୱ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରେ ଆରମ୍ଭ ହେବାକୁଥିବା ହକି ବିଶ୍ୱକପ୍ ନେଇ ପୂର୍ବାନୁମାନ କରିଛନ୍ତି। ଘରୋଇ ପରିବେଶରେ ଭାରତ ଏହି ମେଗା ଇଭେଣ୍ଟରେ ଅତିକମ୍‌ରେ ସେମିଫାଇନାଲ ଖେଳିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଗତ ୩-୪ ବର୍ଷ ମଧ୍ୟରେ ଭାରତୀୟ ହକିରେ ବିଭିନ୍ନ ଦୃଷ୍ଟିକୋଣରୁ ସକାରାତ୍ମକ ପରିବର୍ତ୍ତନ ହୋଇଛି। ହକି ବିଶ୍ୱକପ୍ ନେଇ ପୂର୍ବାନୁମାନ କରିବା ନିହାତି କଷ୍ଟକର। କିନ୍ତୁ ଭାରତ ସେମିଫାଇନାଲ ପର୍ଯ୍ୟନ୍ତ ଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଶ୍ୱକପ୍‌ରେ ସବୁଦଳ ପାଇଁ ସୁଯୋଗ ରହିଛି। ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ତେଣୁ ମ୍ୟାଚ୍ ଦିନ ଓ ସମୟରେ ଯେଉଁ ଦଳ ଭଲ ଖେଳିବ ସେହି ଦଳ ବିଜୟୀ ହେବ। ପୂର୍ବରୁ ଭାରତୀୟ ହକି ଦଳ ବିଶ୍ୱ ର୍‍ୟାଙ୍କିଙ୍ଗର ୧୨ କିମ୍ବା ୧୩ତମ ସ୍ଥାନରେ ରହୁଥିଲା। କିନ୍ତୁ ଏବେ ଭାରତ ଶ୍ରେଷ୍ଠ ୫ଟି ଦଳ ମଧ୍ୟରେ ସ୍ଥାନୀତ ହୋଇଛି। ଶୁକ୍ରବାର ଏଠାରେ ଆରମ୍ଭ ହୋଇଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗଦେଇ ନିଜର ବକ୍ତବ୍ୟ ରଖିବା ଅବସରରେ ସେ ଏହି କଥା କହିଛନ୍ତି।

ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ହକିରେ ଗଠନମୂଳକ ପରିବର୍ତ୍ତନ ଆସିଛି। ଏହି ସମୟ ଅବଧିରେ ଏକାଧିକ କୋଚ୍ ଦାୟିତ୍ୱରେ ରହିଛନ୍ତି। ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ କୋଚ୍‌ମାନଙ୍କର ମଧ୍ୟ ଅବଦାନ ରହିଛି। ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଯୋଗୁ ଭାରତୀୟ ହକିରେ ଏହି ପରିବର୍ତ୍ତନ ହୋଇଛି ବୋଲି ସେ



ରିଚାର୍ଡ ଚାର୍ଲ୍ସୱର୍ଥ

କହିଛନ୍ତି। ଏଚ୍‌ଆଇଏଲ୍ ଯୋଗୁ ବହୁ ସଂଖ୍ୟାରେ ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ଏହି ଲିଗ୍ ପ୍ରତିଭା ଚିହ୍ନଟ ଓ ବିକାଶରେ ବେଶ୍ ସହାୟକ ହୋଇଛି। ଭାରତୀୟ ଯୁବ ଖେଳାଳିଙ୍କଠାରେ ଏବେ ଆତ୍ମବିଶ୍ୱାସ ଦେଖିବାକୁ ମିଳୁଛି। ଏହା ଏକ ଉଜ୍ଜ୍ୱଳ ଭବିଷ୍ୟତର ସୂଚାନ ଦେଉଛି ବୋଲି କେତେକ ପ୍ରଶ୍ନର ଉତ୍ତର ଦେଇ ଚାର୍ଲ୍ସୱର୍ଥ୍ ଏହି କଥା କହିଛନ୍ତି। ଭାରତୀୟ ପୁରୁଷ ଓ ମହିଳା ହକି ଦଳ ପାଇଁ ସେ ଏକଦା ବୈଷୟିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ବିଶ୍ୱର ବିଭିନ୍ନ ଦଳ ପାଇଁ କୋଚ୍ ଦାୟିତ୍ୱ ତୁଲାଇ ସେ ବେଶ୍ ସଫଳତା ହାସଲ କରିଥିଲେ।




ଖେଳାଳିମାନଙ୍କୁ ଗଢ଼ି ତୋଳିବାରେ କୋଚ୍‌ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଏହି କଥା ନୂଆ ହୋଇ ନ ଥିଲେ ମଧ୍ୟ ସବୁ ସମୟରେ ଏହାର ମହତ୍ତ୍ୱ ରହିଛି। ଖେଳାଳିଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ ଆଦାୟ କରିବା କୋଚ୍‌ଙ୍କର ମୁଖ୍ୟ କାର୍ଯ୍ୟ। ଅଭିଜ୍ଞ ଖେଳାଳି ସର୍ଦ୍ଦାର ସିଂ ଏତେ ଶୀଘ୍ର ଅବସର ଘୋଷଣା କରିବାର ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ସର୍ଦ୍ଦାର ଜଣେ ଅଭିଜ୍ଞ ମିଡ୍‌ଫିଲ୍ଡର। ତାଙ୍କ ଅଭିଜ୍ଞତା, ସ୍କିଲ୍‌ରୁ ଭାରତ ବିଶ୍ୱକପ୍‌ରେ ଫାଇଦା ଉଠାଇପାରିଥାନ୍ତା। ତାଙ୍କ ଟେକ୍‌ନିକ୍ ବେଶ୍ ଉଚ୍ଚକୋଟୀର ଓ ବଳିଷ୍ଠ। ଦଳରେ ଥିଲେ ଭାରତ ନିଶ୍ଚିତ ଭାବେ ଫାଇଦା ହାସଲ କରିଥାନ୍ତା। ଦଳ ଚୟନରେ କୋଚ୍‌ଙ୍କର ନିର୍ଣ୍ଣାୟକ ଭୂମିକା ରହିଛି ଓ ଏହା ରହିବା ଉଚିତ୍ ମଧ୍ୟ ବୋଲି ସେ କହିଛନ୍ତି। ଚୟନକର୍ତ୍ତାମାନେ କୋଚ୍‌ଙ୍କ ପରାମର୍ଶ ନେବା ନିହାତି ଦରକାର। ତେବେ ବେଳେବେଳେ ଦୁର୍ଭାଗ୍ୟଜନକ ଭାବେ ଏ ନେଇ ଅଯଥା ବିବାଦ ସୃଷ୍ଟି ହୋଇଥାଏ। ତେଣୁ ଦଳୀୟ ମ୍ୟାନେଜମେଣ୍ଟ ଏଥିରୁ ଦୂରେଇ ରହିବା ଉଚିତ ବୋଲି ସେ ମତ ଦେଇଛନ୍ତି।

୩ଟି ପୁସ୍ତକ ରଚନା କରିଥିବା ଚାର୍ଲ୍ସୱର୍ଥ ଜଣେ ବହୁବିଧ ବ୍ୟକ୍ତିତ୍ୱ ମଧ୍ୟ। ସେ ଯୁବାବସ୍ଥାରେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ପାଇଁ କ୍ରିକେଟ ଖେଳି ସଫଳତା ମଧ୍ୟ ହାସଲ କରିଥିଲେ। ୧୯୬୯ରେ ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଥିଲେ। ୧୯୭୨ରୁ ୧୯୭୯ ମଧ୍ୟରେ ସେ ୪୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ତେବେ କ୍ରିକେଟ ଛାଡିବା ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ଜେଫ୍ ଥମ୍ପସନ୍‌ଙ୍କ ବୋଲିଂର ସମ୍ମୁଖୀନ ହେବା କଷ୍ଟକର ଥିଲା। ପ୍ରଥମେ କୋଚ୍ ହେବାକୁ ତାଙ୍କର ଇଚ୍ଛା ନ ଥିଲା। ତେବେ ବିଭିନ୍ନ ଘଟଣାକ୍ରମରେ ସେ କୋଚିଂକୁ ଆପଣେଇଥିଲେ। କୋଚିଂ ଅଭିଜ୍ଞତାକୁ ନେଇ ମୁଁ ୩ଟି ବହି ଲେଖିଥିଲି। କୋଚିଂ ଦୃଷ୍ଟିକୋଣରୁ ଏହି ବହିଗୁଡିକ ବେଶ୍ ଲୋକପ୍ରିୟ ହୋଇପାରିଛି। ଗୋଟିଏ ଦଳରେ ଏକାଧିକ କୋଚ୍ ନିଯୁକ୍ତି ନେଇ କୌଣସି ସମସ୍ୟା ନାହିଁ। ଅବଶ୍ୟ ଏକାଧିକ କୋଚ୍ ନିଯୁକ୍ତି ଦେବା ଏବେ ଏକ ପ୍ରଥାରେ ପରିଣତ ହୋଇଛି। ଆଧୁନିକ ହକି ଓ କ୍ରୀଡ଼ାରେ ଏବେ ସ୍କିଲ, ଫିଟ୍‌ନେସ, ମେଡିକାଲ ଓ ବାୟୋ ଟେକ୍‌ନିକ୍‌କୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟ କୋଚ ଏ ସମ୍ବନ୍ଧରେ ଅଧିକ କିଛି ଜାଣି ନ ଥିଲେ ଆସିଷ୍ଟାଣ୍ଟ କୋଚ୍‌ଙ୍କ ସହାୟତା ନେଇପାରିବେ। ହକି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ, ନେଦରଲାଣ୍ଡ ଓ ଆର୍ଜେଣ୍ଟିନା ଭଲ ପ୍ରଦର୍ଶନ କରିବେ ବୋଲି ଚାର୍ଲ୍ସୱର୍ଥ ପୂର୍ବାନୁମାନ କରିଛନ୍ତି।

'ଦି ଧୋନୀ ଟଚ୍' ପୁସ୍ତକ ଉପରେ ନିଜ ମତ ରଖୁଛନ୍ତି ଏହାର ଲେଖକ ଭାରତ ସୁନ୍ଦରେସନ।




୨୦୧୮ ହକି ବିଶ୍ୱକପ୍ ସମ୍ପର୍କରେ ପୂର୍ବାନୁମାନ ଆଲୋଚନା ଅବସରରେ ବାମରୁ ଦିଲୀପ ତିର୍କୀ, ସଂଯୋଜକ ଜିତେନ୍ଦ୍ର କୁମାର ସିଂ, ଅଜିତ ପାଲ ସିଂ, ବ୍ରେଣ୍ଟ ଲିଭରମୋର ଓ ଧନରାଜ ପିଲେ।




# ଭାରତରେ ସନ୍ତରଣ ଏକାଡେମୀ ପ୍ରତିଷ୍ଠା କରିବାକୁ ଚାହାନ୍ତି ରାଇସ୍

ଭୁବନେଶ୍ୱର, ୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେଇଛନ୍ତି ମହାନ ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍। ଏହି କ୍ରୀଡ଼ା ସାହିତ୍ୟ ଉତ୍ସବର ପ୍ରଥମ ଦିନରେ ଶୁକ୍ରବାର ରାଇସ୍ ଯୋଗଦେଇ ସନ୍ତରଣ ନେଇ ନିଜର ମତ ରଖିଥିଲେ। ଭାରତରେ ଏକ ସୁଇମିଂ ଏକାଡେମୀ ପ୍ରତିଷ୍ଠା କରିବାର ଯୋଜନା ରଖିଛି ବୋଲି ରାଇସ୍ କହିଛନ୍ତି। ଏହା ହୋଇପାରିଲେ ଭାରତ ଭବିଷ୍ୟତରେ ସନ୍ତରଣରେ ଅଲିମ୍ପିକ୍ସ ପଦକ ହାସଲ କରିପାରିବ। ମାତ୍ର ୨୦ ବର୍ଷ ବୟସରେ ରାଇସ୍ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ପ୍ରତିଷ୍ଠ କରିଥିଲେ। ତେବେ ଏହାର ୬ ବର୍ଷ ପରେ ସେ ଆଶ୍ଚର୍ଯ୍ୟଜନକ ଭାବେ କ୍ରୀଡ଼ାରୁ ଅବସର ନେଇଥିଲେ।

ନିଜର ଟେଲିଭିଜନ ଓ ପ୍ରମୋଶନାଲ କାର୍ଯ୍ୟକୁ ସମ୍ପାଦିତ କରିବା ପରେ ଭାରତରେ ସୁଇମିଂ ଏକାଡେମୀ ପ୍ରତିଷ୍ଠା କରିବାକୁ ତାଙ୍କର ମୁଖ୍ୟ ଅଭିଳାଷ ରହିଛି। ଏ ନେଇ ମୁଁ କାର୍ଯ୍ୟ କରିବା ଆରମ୍ଭ କରିଦେଇଛି ବୋଲି ସେ କହିଛନ୍ତି। ଏ ନେଇ ଏକାଧିକ ସୁଯୋଗ ରହିଛି। ତେବେ ଉପଯୁକ୍ତ ଭିତ୍ତିଭୂମି ଓ ସମୟର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭାରତ ଭଳି ଦେଶକୁ ନେଇ ମୁଁ ବେଶ୍ ଉତ୍ସାହିତ। ସୁଇମିଂ ଏକାଡେମୀ ଆରମ୍ଭ କରିବାକୁ ମୁଁ ମଧ୍ୟ କେତେଜଣ ବ୍ୟକ୍ତିଙ୍କ ସହ ଆଲୋଚନା କରିଛି ବୋଲି ରାଇସ୍ କହିଛନ୍ତି।

ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଭାରତକୁ ସନ୍ତରଣରେ ପଦକ ଜିତିବାକୁ ହେବ। ଭାରତରେ କ୍ରୀଡ଼ା ସଂସ୍କୃତିର ଅଭାବ ରହିଛି ବୋଲି ପଚରାଯାଇଥିବା ପ୍ରଶ୍ନକୁ ସେ ଏଡାଇଯାଇଥିଲେ। ଭାରତରେ କ୍ରିକେଟ ଓ ହକି ଭଳି କ୍ରୀଡ଼ା ସଫଳତାର ଶୀର୍ଷକୁ ଛୁଇଁଛି। ତେଣୁ ଭାରତରେ କ୍ରୀଡ଼ାର ମାନ ଉଚ୍ଚକୋଟୀର ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତରେ ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ରହିଛି ଓ ଏହି ଦେଶରେ ପ୍ରତିଭାର ଅଭାବ ମଧ୍ୟ ନାହିଁ ବୋଲି ରାଇସ୍ କହିଛନ୍ତି। ତେବେ ଯେଉଁମାନେ କ୍ରୀଡ଼ା ପରିଚାଳନାର ଦାୟିତ୍ୱରେ ରହିଛନ୍ତି ସେମାନେ ଶୀର୍ଷ ସ୍ତରରେ କ'ଣ ହେଉଛି ତାହା ହୃଦୟଙ୍ଗମ କରିବା ଉଚିତ୍ ସେ ମତ ଦେଇଛନ୍ତି। ପୂର୍ବରୁ କ୍ରୀଡ଼ାରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍, ଶ୍ରେଷ୍ଠ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ମାନଙ୍କୁ ଅତିକମ୍‌ରେ ୪ ବର୍ଷ ଦାୟିତ୍ୱ ଦିଆଯିବା ଉଚିତ୍।



'ନମ୍ବର୍ସ ଡୋଣ୍ଟ ଲାଇ' ପୁସ୍ତକ ଉପରେ ଆଲୋଚନା କରୁଛନ୍ତି ଆକାଶ ଚୋପ୍ରା (ବାମ)।


ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ପ୍ରଥମ ଦିବସରେ ଉପସ୍ଥିତ ସ୍କୁଲ ଛାତ୍ରୀଛାତ୍ରମାନେ।

# 'ବ୍ୟକ୍ତିଗତ ଜୀବନରେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲି'



'ହାଇପର୍‌ଆଣ୍ଡ୍ରୋଜେନିଜମ: ଗୋଟିଏ ଶବ୍ଦ, ଅନେକ ମତ' ଶୀର୍ଷକ ଆଲୋଚନା ଅବସରରେ (ବାମରୁ) ସଂଯୋଜକ ସୁପ୍ରିତା ଦାସ, ଗୋପୀ ଶଙ୍କର ଏମ୍., ଶାନ୍ତି ସୁନ୍ଦରାଜନ, ଓ ମେଡଲିନ ପେପ।

ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରୀ ଫେଷ୍ଟିଭାଲର ଶୁକ୍ରବାର ଥିଲା ପ୍ରଥମ ଦିବସ। ବିଭିନ୍ନ କ୍ରୀଡ଼ାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରଥମ ଦିନରେ ଦେଶ ବିଦେଶର ନାମୀ କ୍ରୀଡ଼ାବିତ୍‌ମାନେ ସେମାନଙ୍କ ମତ ପ୍ରକାଶ କରିଥିଲେ। ତେବେ ଦିବସର ଶେଷ ବିଷୟ 'ହାଇପର୍‌ଆଣ୍ଡ୍ରୋଜେନିଜମ: ଗୋଟିଏ ଶବ୍ଦ, ଅନେକ ମତ' ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମହିଳା କ୍ରୀଡ଼ାବିତ୍‌ଙ୍କଠାରେ ଅଧିକ ମାତ୍ରାରେ ପୁରୁଷ ହରମୋନ୍ (ଟେଷ୍ଟୋଥେରନ) ଦେଖାଦେବାକୁ ହାଇପର୍‌ଆଣ୍ଡ୍ରୋଜେନିଜମ କୁହାଯାଇଥାଏ। ଫଳରେ ସେହି ମହିଳା ଆଥ୍‌ଲେଟ୍‌ଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଅନୁମତି ଦିଆଯାଇ ନ ଥାଏ। ଚର୍ଚ୍ଚିତ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍ ଶାନ୍ତି ସୁନ୍ଦରାଜନ ଓ ଅଷ୍ଟ୍ରେଲିଆର ମିଡିଲ ଡିଷ୍ଟାନ୍ସ ରନର୍ ମେଡ୍‌ଲିନ୍ ପେପ୍ ଯୋଗଦେଇ ଏହି ବିଷୟ ଉପରେ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ମତ ରଖିଥିଲେ। ସୁପ୍ରିତା ଦାସ ଏହି ବିଷୟକୁ ସଂଯୋଜନା କରିଥିଲେ।

ତାମିଲନାଡୁ ଜନ୍ମିତ ଆଥ୍‌ଲେଟ୍ ଶାନ୍ତି ଦୋହାରେ ଅନୁଷ୍ଠିତ ୨୦୦୬ ଏସିଆନ ଗେମ୍ସର ୮୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନରେ ରହି ଦେଶ ପାଇଁ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ପରେ ତାଙ୍କ ଦେହରେ ପୁରୁଷ ହରମୋନ ଅଧିକ ଥିବା ଅଭିଯୋଗରେ ରୌପ୍ୟ ପଦକ ଫେରାଇ ନିଆଯାଇଥିଲା। 'ଏହି ବିବାଦ ପରେ ମୋ କ୍ୟାରିୟରର ଏକପ୍ରକାର ଅବସାନ ଘଟିଥିଲା। ଦୈନନ୍ଦିନ ଜୀବନରେ ମୋତେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲି। ଲୋକମାନେ ଭିନ୍ନ ଦୃଷ୍ଟିରେ ଦେଖିବାକୁ ଲାଗିଲେ। ଏପରିକି ଦିନରେ ମୁଁ ବାହାରକୁ ବାହାରିପାରି ନ ଥିଲି। ସନ୍ଧ୍ୟା ଓ ରାତି ସମୟରେ ମୁଣ୍ଡରେ କପଡ଼ା ଗୁଡ଼ାଇ ଯିବାକୁ ପଡୁଥିଲା। ସେହିଭଳି ବସ୍‌ରେ ଯାତ୍ରା କରିବା ସମୟରେ ନିଜକୁ ମହିଳା ପରିଚୟ ଦେଇ ଯାତାୟତ କରିବାରେ ମଧ୍ୟ ଅସୁବିଧା ହୋଇଥିଲା' ବୋଲି ଶାନ୍ତି କହିଛନ୍ତି। ସେହିଭଳି ଏହି ସମୟରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ସିଧାସଳଖ ମୁଁ ମହିଳା ନୁହେଁ ବୋଲି ଖବର ପ୍ରକାଶ କରିଥିଲା, ଯାହା ମୋତେ ମାନସିକସ୍ତରରେ ଭାଙ୍ଗି ଦେଇଥିଲା ବୋଲି ସେ କହିଛନ୍ତି। 'ଗଣମାଧ୍ୟମ ହେଉଛି ବିଶ୍ୱର ସର୍ବବୃହତ ସଂସ୍ଥା। ଯଦି ସେମାନେ ଏହି ନିୟମ ବିରୋଧରେ ଲଢ଼େଇ କରି ମୋତେ ପଦକ ଫେରାଇବାରେ ସହାୟକ ହୁଅନ୍ତି ତେବେ ଏହା ମୋ ପ୍ରତି ଶ୍ରେଷ୍ଠ ନ୍ୟାୟ' ହେବ ବୋଲି ତାମିଲନାଡୁର ଏହି ଆଥ୍‌ଲେଟ୍ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ବିଷୟରେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିବା ଅଷ୍ଟ୍ରେଲିଆର ମେଡ୍‌ଲିନ ପେପ୍ ଆଇଏଏଏଫ୍'ର ଏହି ନିୟମକୁ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି। '୨୦୦ ଓ ୪୦୦ ମିଟର ରେସରେ ଯେଉଁଭଳି ଏହି ହାଇପର୍‌ଆଣ୍ଡ୍ରୋଜେନିଜମ ନିୟମକୁ କୋହଳ କରାଯାଇଛି, ସେହିଭଳି ୮୦୦ ଓ ୧୫୦୦ ମିଟରରୁ ଏହାକୁ ଉଠାଇ ଦିଆଯାଉ' ବୋଲି ପୋପ୍ ଏହି ଅବସରରେ କହିଥିଲେ।

# ଓଡ଼ିଶା ୩୨୪: ହରିୟାଣା ୨୩୯/୩

**ଭୁବନେଶ୍ୱର, ୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ରଣ୍‌ଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୩୨୪ ରନ କରିଛି। ଜବାବରେ ହରିୟାଣା ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୨୩୯ ରନ କରିଛି। ଦଳ ପକ୍ଷରୁ ହିମାଂଶୁ ରାଣା ୧୧୩ ଏବଂ ପ୍ରମୋଦ ଚାଣ୍ଡିଲା ୩୪ ରନ କରି ଅପରାଜିତ ରହିଛନ୍ତି। ଦଳ ପକ୍ଷରୁ ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ଭାବେ ଚୈତନ୍ୟ ବିଶ୍ନୋଇ ୭୫ ରନ କରିଛନ୍ତି। ଘରୋଇ ଦଳ ପକ୍ଷରୁ ରାଜେଶ ମହାନ୍ତି ୨ ଏବଂ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ହରିୟାଣା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୮୫ ରନ ପଛରେ ରହିଛି। ଶୁକ୍ରବାର ଓଡ଼ିଶା ପୂର୍ବଦିନର ଅସମାପ୍ତ ସ୍କୋର ୨୩୨/୬ରୁ ଖେଳ ଆରମ୍ଭ କରିଥିଲା। ଦଳ ଆଉ ୯୨ରନ ଯୋଗ କରି ଅବଶିଷ୍ଟ ୪ଉଇକେଟ ହରାଇଥିଲା। ଗୁରୁବାର ପ୍ରଥମ ଦିବସ ଖେଳରେ ଯଥାକ୍ରମେ ୩୦ ଓ ୭ ରନ କରି ଅପରାଜିତ ରହିଥିବା ଶାନ୍ତନୁ ମିଶ୍ର ଓ ଦେବବ୍ରତ ପ୍ରଧାନ ଯଥାକ୍ରମେ ୭୧ ଓ ୩୬ ରନ କରି ଆଉଟ ହୋଇଯାଇଥିଲେ। ଉଭୟେ ୭ମ ଉଇକେଟରେ ୬୦ ରନ ଯୋଗ କରିପାରିଥିଲେ। ଦେବବ୍ରତ ଟିନୁ କୁଣ୍ଡୁଙ୍କ ଦ୍ୱାରା


ହିମାଂଶୁ ରାଣା

ବୋଲ୍ଡ ହେବା ପରେ ସୂର୍ଯ୍ୟକାନ୍ତ ପ୍ରଧାନ ବ୍ୟାଟିଂ କରିବାକୁ ଆସିଥିଲେ। ମାତ୍ର ସେ ୧ରନ କରି ଜୟନ୍ତ ଯାଦବଙ୍କ ବଲ୍‌ରେ ହର୍ଶଲ ପଟେଲଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିବା ଶାନ୍ତନୁ ୯ମ ଉଇକେଟରେ ରାଜେଶ ମହାନ୍ତି (୧୬) ଙ୍କ ସହ ୪୨ ଏବଂ ପପୁ ରୟ (୧*)ଙ୍କ ସହ ୧୦ ଉଇକେଟରେ ୩ ରନ ଯୋଗ କରିଥିଲେ। ହରିୟାଣା ତରଫରୁ ଟିନୁ କୁଣ୍ଡୁ ସବୁଠାରୁ ସଫଳ ବୋଲର ଭାବେ ୫୧ ରନ ବିନିମୟରେ ୪ଟି ଉଇକେଟ ନେଇଥିବାବେଳେ ମୋହିତ ଶର୍ମା ଓ ହର୍ଶଲ ପଟେଲ ୨ଟି ଲେଖାଏଁ ଏବଂ ଅଜିତ ଚହଲ ଓ ଜୟନ୍ତ ଯାଦବ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ:** ୧୧୨.୨ ଓଭରରେ ୩୨୪/ଅଲଆଉଟ ( ଅନୁରାଗ ଷଡ଼ଙ୍ଗୀ–୧୧୪, ଶାନ୍ତନୁ ମିଶ୍ର–୭୧, ଦେବବ୍ରତ ପ୍ରଧାନ–୩୬ ; ଟିନୁ କୁଣ୍ଡୁ–୪/୫୧, ମୋହିତ ଶର୍ମା–୨/୬୩, ହର୍ଶଲ ପଟେଲ–୨/୭୨)।

**ହରିୟାଣା ପ୍ରଥମ ଇନିଂସ:** ୬୫ ଓଭରରେ ୨୩୯/୩ (ହିମାଂଶୁ ରାଣା–୧୧୩*, ଚୈତନ୍ୟ ବିଶ୍ନୋଇ–୭୫, ପ୍ରମୋଦ ଚାଣ୍ଡିଲା–୩୪* ; ରାଜେଶ ମହାନ୍ତି–୨/୩୬, ଦେବବ୍ରତ ପ୍ରଧାନ–୧/୪୯)।

# ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ

**ପାଣ୍ଡ୍ରିପାଣି, ୨।୧୧**

ମାଲକାନଗିରି ବ୍ଲକ ସେରପାଲ୍ଲୀ ସଦର ପଞ୍ଚାୟତର ସରକାରୀ ବୀରଲକ୍ଷ୍ମଣ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ୨ଦିନିଆ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ସେରପାଲି ସରପଞ୍ଚ ଦଶରଥ ଡୁରୁକା ଓ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା ମଞ୍ଚାସୀନ ହୋଇଥିଲେ। କ୍ରୀଡା ମହୋତ୍ସବରେ ମାଲକାନଗିରି ବ୍ଲକର ୯ଟି ପଞ୍ଚାୟତର ୧୩ଟି ଉଚ୍ଚ ବିଦ୍ୟାଳୟର ୧୨୮ ଜଣ ଛାତ୍ରୀଛାତ୍ର ୨୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। କ୍ରୀଡା ମହୋତ୍ସବର ଉଦ୍ ଯାପନ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ସମ୍ମାନିତ ଅତିଥି ଭାବେ ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ଏବିଓ ସୁଧାରାମ ଦାସ, ଏବିଓ ଶୁଭ ରଞ୍ଜନ ମାଲି ଉପସ୍ଥିତ ରହି କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ପରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କୃତ ଛାତ୍ରୀଛାତ୍ରମାନେ ଜିଲ୍ଲା ସ୍ତରରେ ଖେଳିବେ। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସୁବୁଦ୍ଧି ପରିଚାଳନା କରଥିଲେ।












ଯେ କୌଣସି ବ୍ୟକ୍ତି ବା ଜାତି ଅନ୍ୟକୁ ଘୃଣାକରି ତିଷ୍ଠି ରହି ନ ପାରେ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଆର୍‌ଟିଓଙ୍କ ସହ ଆଇନଜୀବୀ ସଂଘର ଆଲୋଚନା

ନବରଙ୍ଗପୁର,୨।୧୧( ବି.ପ୍ର.): ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିଦର୍ଶନ କରି ପରିବହନ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ସମ୍ପର୍କରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ସହରରେ ବିନା ଡ୍ରାଇଭିଂ ଲାଇସେନ୍ସରେ ଅଟୋ ଚାଳକ ମାନେ ଅଟୋ ଚଲାଇବା ସହ ଯାତ୍ରୀ ମାନଙ୍କ ପାଇଁ ଅଟୋ ଭଡା ନିର୍ଦ୍ଧାରଣ ନକରି ଇଚ୍ଛା ମୁତାବକ ଭଡା ଆଦାୟ କରୁଛନ୍ତି । ଏହାର ତୁରନ୍ତ ପ୍ରତିକାର କରିବା ସହ ଅଟୋ ଚାଳକ ମାନେ ୟୁନିଫର୍ମ ପିନ୍ଧିବା ସହ ଅଟୋରେ ମୋବାଇଲ ନମ୍ବର ଲେଖିବା ପାଇଁ ନିର୍ଦ୍ଦେଶ ଦେବାକୁ ଆଲୋଚନା ହୋଇଥିଲା । ଟ୍ରାକ୍ଟର ଡ୍ରାଇଭର ଦ୍ରୁତ ଗତିରେ ଗାଡି ଚଳାଇବା ଦ୍ୱାରା ପଥଚାରୀ ମାନଙ୍କ ପାଇଁ ଦୁର୍ଘଟଣାର ଭୟ ରହୁଛି । ସହରରେ ୧୮ ବର୍ଷରୁ କମ ବୟସ୍କ ବାଳିକା ବାଳକ ମାନେ ସ୍କୁଟି ଚାଳନ କରୁଥିବା ଯୋଗୁଁ ଏହାର ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ଆଲୋଚନା ହୋଇଥିଲା । ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ରାମ ପ୍ରସାଦ ପାତ୍ର, ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧକ୍ଷ ସିମାଞ୍ଚଳ ପାତ୍ର, ଆଇନଜୀବୀ ଉମାଶଙ୍କର ତ୍ରିପାଠୀ, ସମରେଶ ଗନ୍ତାୟତ, ପ୍ରଶାନ୍ତ ପଟ୍ଟନାୟକ, ଅନିଲ ଦିନବନ୍ଧୁ, ଗୋପାଳ ଶତପଥି, କିଶୋର ପଟ୍ଟନାୟକ, ଏ. ଶତିଶ, ଶ୍ରିନିବାସ ପାତ୍ର, ପ୍ରଫୁଲ୍ଲ ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

### ସାମୂହିକ ସଫେଇ କାର୍ଯ୍ୟକ୍ରମ



ନବରଙ୍ଗପୁର,୨।୧୧(ଡି.ଏନ.ଏ.): ନବରଙ୍ଗପୁର ପୌରାଞ୍ଚଳର ୧୦ ନମ୍ବର ୱାର୍ଡ (କେଉଟ ସାହି)ରେ ଶୁକ୍ରବାର ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ. ଏସ୍‌ଆଇ ଅଶୋକ ନାୟକ, ପରିବର୍ତ୍ତନ ଫାଉଣ୍ଡେସନ ସଭାପତି ନିନିବାବୁ ତ୍ରିପାଠୀ, ରାଜଶ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଲଲି ଗୌଡ, ଚୈତନ୍ୟ ନାୟକଙ୍କ ସମେତ ମା'ଭଣ୍ଡର ଘରଣୀ ଆରୋଗ୍ୟ ସମିତି ସମେତ ୱାର୍ଡବାସୀ ସାମିଲ ହୋଇଥିଲେ। ନିଜ ଘର ସମ୍ମୁଖ ଓ ନିକଟସ୍ଥ ଡ୍ରେନଗୁଡିକ ସଫା ରଖିବାକୁ ଅତିଥି ପରାମର୍ଶ ଦେଇଥିଲେ।

ପୌରସଂସ୍ଥାରେ ଅନିୟମିତତା

### ଏଚ୍‌ୟୁଡି ବିଭାଗକୁ କାର୍ଯ୍ୟାନୁଷ୍ଠାନ ନେଇ ଭିଜିଲାନ୍ସର ସୁପାରିସ୍

ଜୟପୁର,୨।୧୧(ଡି.ଏନ.ଏ): ଜୟପୁର ପୌରସଂସ୍ଥାରେ ବ୍ୟାପକ ଦୁର୍ନୀତି ଅଭିଯୋଗର ଜୟପୁର ଭିଜିଲାନ୍ସ ବିଭାଗ ତଦନ୍ତ କରି ୭୦ ଫାଇ—ଲ ଜବତ କରିଛି। ଯାଞ୍ଚ ବେଳେ କେତେକ ଫାଇଲରେ ସାମଗ୍ରୀ କିଣା, ଉନ୍ନୟନମୂଳକ କାର୍ଯ୍ୟ ପ୍ରଭୃତିରେ ଅନିୟମିତତା ହୋଇଥିବା ଭିଜିଲାନ୍ସ ବିଭାଗ ଜାଣିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ରାଜ୍ୟ ସରକାର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ୍ କରିଛି। ଜୟପୁର ପୌରସଂସ୍ଥାରେ ୨୦୦୩ ମସିହାଠାରୁ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଦୁର୍ନୀତି ନିରୋଧ ସଂସ୍ଥା ନର୍ଭୟ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ,ତଦନ୍ତ ଦାବି ହୋଇଥିଲା ।

### ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

ନବରଙ୍ଗପୁର,୨।୧୧( ଡି.ଏନ୍.ଏ.): ନବରଙ୍ଗପୁରରେ ଶୁକ୍ରବାର ପୃଥକ ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଛନ୍ତି। କୁଲୁଘାଟିରୁ ପାତ୍ରପୁଟ ଯାଉଥିବା ସମୟରେ ବିଜ୍ରାଗୁଡା ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପୂର୍ଣ୍ଣ ଜାନୀ(୨୧) ଓ ତୁଳାରାମ ଜାନୀ (୨୫) ଓ ତିମାଇ ଜାନୀ (୬୫)। ତୁରନ୍ତ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିଭଳି ଯୁକ୍ତ ତିନି ଛାତ୍ରୀ ସୁରୁଚି ମହାପାତ୍ର ନବରଙ୍ଗପୁର ମହାବିଦ୍ୟାଳୟକୁ ଏକ ଅଟୋରେ ପରୀକ୍ଷା ଦେବାକୁ ଆସୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଛାତ୍ରୀଙ୍କ ଗୋଡ ଭାଙ୍ଗି ଯାଇଛି। ତାଙ୍କୁ ମଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଯୋଗ, ଆଧ୍ୟାତ୍ମିକତାରେ ବନ୍ଧା କେରାପୁଟ ଗ୍ରାମବାସୀ

ବୈପାରୀଗୁଡ଼ା,୨।୧୧ (ଡି.ଏନ୍.ଏ)



ଗ୍ରାମବାସୀ ସତ୍‌ସଙ୍ଗ କରୁଛନ୍ତି ।

- ଆମିଷ ଖାଆନ୍ତି ନାହିଁ , ମଦ ବି ପିଅନ୍ତି ନାହିଁ
- ପ୍ରତିଦିନ ସନ୍ଧ୍ୟାରେ ସତ୍‌ସଙ୍ଗରେ ସମବେତ ହୁଅନ୍ତି ମହିଳା ପୁରୁଷ

ଯୋଗ ଓ ଆଧ୍ୟାତ୍ମିକ ଚେତନା ଏକ ସୁସ୍ଥ ଶୃଙ୍ଖଳିତ ସମାଜ ଗଢ଼ିବାରେ ସହାୟତା କରେ । ଏ କଥା ଭଲ ଭାବେ ହୃଦୟଙ୍ଗମ କରିଛନ୍ତି କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍ କେରାପୁଟ ଗ୍ରାମବାସୀ। ଆଦିବାସୀ ବହୁଳ କୋରାପୁଟ ଜିଲା ଗ୍ରାମଗୁଡ଼ିକରେ ଶିକ୍ଷା ଓ ସଚେତନତା ଅଭାବ କାରଣରୁ ଅନେକ ସମୟରେ ସାମାଜିକ ବିଶୃଙ୍ଖଳା ଦେଖାଦିଏ । ମଦ ନିଶାରେ ଅନେକ ପରିବାର ଉଜୁଡ଼ିଯାଏ । କିନ୍ତୁ କେରାପୁଟ ଗ୍ରାମର ଲୋକେ ଏକ ନିଆରା ପରମ୍ପରା ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ମାର୍ଗ ପ୍ରଦର୍ଶକ ହୋଇଛନ୍ତି। କେରାପୁଟ ଗ୍ରାମରେ ପ୍ରାୟ ୮ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏଠାରେ ପ୍ରମୁଖ ରଣା ସମ୍ପ୍ରଦାୟ ଲୋକେ ବାସ କରନ୍ତି। ଶିକ୍ଷା ପ୍ରତି ସମସ୍ତେ ଆଗ୍ରହୀ। ପାଠପଢ଼ି ଅନେକେ ବାହାରେ ମଧ୍ୟ ଚାକିରି କରିଛନ୍ତି। ଗାଁରେ ସମସ୍ତେ ଆଧ୍ୟାତ୍ମିକ ଚେତନାରେ ବିଶ୍ୱାସ କରନ୍ତି। ଗାଁରେ ତ୍ରିନାଥ ମନ୍ଦିର ଓ ଭାଗବତ ଟୁଙ୍ଗି ରହିଛି। ପ୍ରତି ଦିନ ସନ୍ଧ୍ୟାରେ ଗାଁର ସମସ୍ତ ପୁରୁଷ ମହିଳା ଘରକାମ ସାରି ମନ୍ଦିର ନିକଟରେ ଥିବା ଭାଗବତ ଟୁଙ୍ଗିରେ ସମବେତ ହୋଇଥାନ୍ତି। ସନ୍ଧ୍ୟା ୭ ଟାରୁ ୯ ଟା ପର୍ଯ୍ୟନ୍ତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଭାଗବତ ପଢ଼ାଯିବା ସହ ଗ୍ରାମର ଶିକ୍ଷିତ ଯୁବକ ତଥା ପୂର୍ବତନ ସମିତି ସଭ୍ୟ ଦୈତାରି ଦିଶାରି ଗୀତା ଶ୍ଳୋକ ଓ ବେଦ ପଢ଼ି ଅନ୍ୟମାନଙ୍କୁ ସରଳଭାଷାରେ ବୁଝାଇଥାନ୍ତି। ନାମ ସଂକୀର୍ତ୍ତନ ମଧ୍ୟ କରାଯାଏ । ପ୍ରତି ମଙ୍ଗଳବାର ସନ୍ଧ୍ୟାରେ ଯୁବକ ରବୀନ୍ଦ୍ର ନାୟକ ହନୁମାନ ଚାଳିଶା ପାଠ କରନ୍ତି। ଏହାକୁ ଉପସ୍ଥିତ ଲୋକେ ମନଦେଇ ଶୁଣନ୍ତି।

ଗାଁରେ ଥିବା ତ୍ରିନାଥ ଠାକୁରଙ୍କ ବର୍ଷକୁ ଥରେ ଚନ୍ଦନ ଯାତ୍ରା ହୋଇଥାଏ । ବୈଶାଖ ମାସ ତ୍ରୟୋଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ହୋମ ଯଜ୍ଞ ହୋଇଥାଏ । ସେହିପରି ପ୍ରତିଦିନ ସକାଳେ ଗାଁର ମହିଳା ପୁରୁଷ ଯୋଗ ଅଭ୍ୟାସ ମଧ କରିଥାନ୍ତି। ୫ଟାରୁ ସାଢ଼େ ୬ଟା ପର୍ଯ୍ୟନ୍ତ ଯୋଗ ଶିକ୍ଷା ଦିଆଯାଏ । ଯୋଗ ଗୁରୁ ବିପିନ ପାତ୍ର ଯୋଗ କୌଶଳ ଓ ଉପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥାନ୍ତି । ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ , ଗାଁର ପ୍ରାୟ ସମସ୍ତେ ଶାକାହାରୀ। କୌଣସି ସାମାଜିକ ଅଥବା ପାରିବାରିକ ଉତ୍ସବରେ ଭୋଜି ଭାତ ହେଲେ ଆମିଷ ରାନ୍ଧିବାକୁ ବାରଣ ଥାଏ ।କୌଣସି ଲୋକ ନିଶା ଦ୍ରବ୍ୟ ସେବନ କରନ୍ତି ନାହିଁ। ଶାନ୍ତିପ୍ରିୟ ହେତୁ କେବେ କୌଣସି ଗଣ୍ଡଗୋଳ ନେଇ ଥାନା କଚେରି ଲୋକେ ମାଡ଼ି ନାହାନ୍ତି । ଏ ସମ୍ପର୍କରେ ସତ୍‌ସଙ୍ଗର ଜଣେ ଉଦ୍ୟୋକ୍ତା ରବୀନ୍ଦ୍ର ନାୟକ କୁହନ୍ତି, ୯ ବର୍ଷ ତଳୁ ଏହି ପରମ୍ପରା ଚାଲି ଆସିଛି । ସେତେବେଳେ ଗ୍ରାମର କେତେ ଯୁବକ ସାମାଜିକ ସଂସ୍କାର ଓ ଆଧ୍ୟାତ୍ମିକ ଚେତନା ଉଦ୍ଦେଶ୍ୟରେ ଜୟପୁରଠାରୁ ପ୍ରବଚକ ଗୁପ୍ତେଶ୍ୱର ପାଢୀଙ୍କୁ ଆମନ୍ତ୍ରଣ କରି ଆଣିଥିଲେ ।ତାଙ୍କ ପାଖରୁ ଅନେକ କିଛି ଶିକ୍ଷା ଲାଭ କରିବା ପରେ ଏବେ ସେମାନେ ନିଜେ ସତ୍‌ସଙ୍ଗ ଚଳାଉନ୍ତି । ସେହିପରି ଯୋଗଗୁରୁଙ୍କଠାରୁ ଯୋଗ ଶିକ୍ଷା ସମ୍ପୂର୍ଣ୍ଣ ହେବା ପରେ ଏଥିରେ ଯେଉଁ ବ୍ୟକ୍ତି ପାରଦର୍ଶିତା ହାସଲ କରିବେ, ପରବର୍ତ୍ତୀ ସମୟରେ ସେ ଲୋକଙ୍କୁ ଯୋଗ ଶିକ୍ଷା ଦେବାର ଲକ୍ଷ୍ୟ ରଖାଯାଇଛି । ବାସ୍ତବିକ ଆଜିର ମଣିଷ ସମାଜ ବସ୍ତୁବାଦୀ ଚିନ୍ତାରେ ଗତି କରୁଥିବା ବେଳେ କେରାପୁଟବାସୀ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବେ।

- ଏସ୍‌ପିଙ୍କ ନିର୍ଦ୍ଦେଶନାମାକୁ ବେଖାତିର

# କାର୍ଯ୍ୟସ୍ଥଳରେ ଯୋଗଦେଉ ନାହାନ୍ତି ଅଧିକାରୀ

ପଟ୍ଟାଙ୍ଗି,୨।୧୧(ଡି.ଏନ.ଏ)

କୋରାପୁଟ ଜିଲା ଏସ୍‌ପି କନ୍‌ୱର ବିଶାଳ ସିଂଙ୍କ ବଦଳି ନିର୍ଦ୍ଦେଶନାମାକୁ ବେଖାତିର କରାଯାଇଛି। କୁନ୍ଦୁଲି ନାବାଳିକା ଗଣବଳାତ୍କାର ଏବଂ ପିଲାଚୋରି ଘଟଣାରେ ପୋଲିସ ପ୍ରଶାସନ ସମାଲୋଚନାର ଶରବ୍ୟ ହେବା ପରେ ପଟ୍ଟାଙ୍ଗି ଥାନା ଅଧିକାରୀ ଦେବ କୁମାର ଗମାଙ୍ଗଙ୍କୁ ଲକ୍ଷ୍ମୀପୁର ଥାନାକୁ ବଦଳି କରାଯାଇଥିଲା। ଏସ୍‌ପି ତାଙ୍କୁ ବଦଳି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗମାଙ୍ଗ ବ୍ୟକ୍ତିଗତ କାରଣ ଦର୍ଶାଇ ବଦଳି ହୋଇଥିବା ଥାନାକୁ ନ ଯାଇ ପଟ୍ଟାଙ୍ଗି ଥାନାରେ କାର୍ଯ୍ୟରତ ଥିଲେ ।

କିନ୍ତୁ ହଠାତ୍ ରାଜ୍ୟସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ସହ କିଛି ସବ-ଇନ୍‌ସପେକ୍ଟରଙ୍କ ପଦୋନ୍ନତି ନେଇ ନିର୍ଦ୍ଦେଶନାମା ଗତ ୨୩ ତାରିଖରେ ପ୍ରକାଶ ପାଇଥିଲା । ଉକ୍ତ ତାଲିକାରେ ଥାନା ଅଧିକାରୀ ଗମାଙ୍ଗଙ୍କୁ ଭୁବନେଶ୍ୱର ଗୋଇନ୍ଦା ବିଭାଗକୁ ବଦଳି ହୋଇଥିବା ସୂଚିତ ଥିଲା। ଏଥିରେ ଗମାଙ୍ଗ ଭୁବନେଶ୍ୱର ଗୋଇନ୍ଦା ବିଭାଗରେ ଯୋଗଦେବାକୁ ପ୍ରସ୍ତୁତ ହୋଇଥିଲେ। କିନ୍ତୁ ଏସ୍‌ପିଙ୍କ ପୁନର୍ବାର ତାଗିଦ୍ ପରେ ଗମାଙ୍ଗ ଏବେ ଲକ୍ଷ୍ମୀପୁର ଥାନାରେ ଯୋଗଦେଇଛନ୍ତି। ସେହିପରି ଏସ୍‌ପିଙ୍କ ବଦଳି ନିର୍ଦ୍ଦେଶନାମାରେ ସୁଙ୍କି ଏଏସ୍‌ଆଇ ମନୋଜ କୁମାର ପ୍ରଧାନ , ପଟ୍ଟାଙ୍ଗି ଥାନା ଏଏସ୍‌ଆଇ ବିକାଶ ନାୟକ ଓ କନ୍‌ଷ୍ଟେବଳ ନେତାଜୀ ସାହୁଙ୍କ ନାମ ରହିଥିଲା। ସୁଙ୍କି ଏଏସ୍‌ଆଇ ପ୍ରଧାନଙ୍କୁ କୋରାପୁଟ ସଦର ଥାନା ଏବଂ ପଟ୍ଟାଙ୍ଗି ଥାନା ଏଏସ୍‌ଆଇ ନାୟକଙ୍କୁ ବିଶିଙ୍ଗପୁର ଥାନା ଓ କନ୍‌ଷ୍ଟେବଳ ସାହୁଙ୍କୁ ଜୟପୁର ସଦର ଥାନା ବଦଳି ହୋଇଥିଲେ ମଧ ବର୍ତ୍ତମାନ ବି ବଦଳି ସ୍ଥାନରେ ଏମାନେ ଯୋଗଦେଇ ନାହାନ୍ତି। ଏଥିରୁ ସ୍ପଷ୍ଟ ବାରି ହେଉଛି ଯେ, ଏସ୍‌ପିଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରାଯାଉଛି। ଏ ସମ୍ପର୍କରେ ଏସ୍‌ପିଙ୍କୁ ପଚରାଯିବାରୁ ସେ କହିଛନ୍ତି , ଜିଲା ସ୍ତରରୁ କେତେଜଣ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ଠିକ୍ ସମୟରେ ବଦଳି ସ୍ଥାନରେ ଯୋଗଦେଇ ନଥିଲେ। ପୁନର୍ବାର ସେମାନଙ୍କୁ ତାଗିଦ୍ କରାଯାଇଛି। ଯେଉଁମାନେ ଏହାପରେ ବଦଳି ସ୍ଥାନରେ ଯୋଗଦେଇ ନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବିଭିନ୍ନ ଦାବିରେ ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

ନବରଙ୍ଗପୁର,୨।୧୧( ବି.ପ୍ର.)



ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପା କର୍ମୀମାନେ ଧାରଣା ଦେଇଛନ୍ତି।

ନବରଙ୍ଗପୁର ଜିଲା ଭାଜପା ବିଭିନ୍ନ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନବରଙ୍ଗପୁର ବିଡିଓଙ୍କୁ ପ୍ରଦାନ କରିଛି। ଦଳୀୟ ନେତା ଓ କର୍ମୀ ସ୍ଥାନୀୟ ଚାଉଁରିଆଗୁଡାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ଫାଟକ ନିକଟରେ ଧାରଣା ଦେଇଥିଲେ। ନବରଙ୍ଗପୁର ବ୍ଲକରେ ଗୁହାଳ ଯୋଜନାରେ ଗୋଟିଏ ବି ହିତାଧିକାରୀ ଉପକୃତ ହୋଇପାରିଲେ ନାହିଁ। ସ୍ୱଚ୍ଛ ଭାରତ ଅଭିଯାନ ମଧ୍ୟମରେ ନିର୍ମାଣ ପାଇଖାନା ଗୁଡିକ ୨ ହଜାରଟଙ୍କା ବିନା ଲାଞ୍ଚରେ ବିଲ ହେଉ ନାହିଁ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରମାନଙ୍କ ଦ୍ୱାରା କମିଟି ଗଠନକରି ଚୟନ, 'ଆମ ଗାଁ ଆମ ବିକାଶ' ହେଉଥିବା ଉନ୍ନୟନ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ପ୍ରତି ପଞ୍ଚାତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ସୁବ୍ୟବସ୍ଥା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି ରହିଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ହେଉଥିବା ପିସି ଓ ଅର୍ଥ କାରବାର ବନ୍ଦ କରାଯିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ବ୍ଲକ ପରିସର ମଧ୍ୟରେ ଉନ୍ନତ ମାନର ବିଶ୍ରାମ ଗୃହ ନିର୍ମାଣ କରାଯାଉ ବୋଲି ଉଲ୍ଲେଖ କରାଯାଇଛି। ଜିଲା ସଭାପତି ଗୋବିନ୍ଦ ଜୈନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜ ବିହାରି ଦାଶ, ବୀରେନ୍ଦ୍ର ପୂଜାରୀ, ଦୈତାରି ମାଝି, ଦିବାକର ପୂଜାରି, ଜିଲା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝି, ରାଜେନ୍ଦ୍ର କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ମହାରଣା, ଓବିସି ମୋର୍ଚ୍ଚା ସଭାପତି ମନୋଜ ମହାକୁଡ, ଅରୁଣ ପୂଜାରୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଲମତାପୁଟ,୨।୧୧(ଡି.ଏନ୍.ଏ)

ଲମତାପୁଟ ବ୍ଲକ୍ କିଚରଗାଡ଼ ନଦୀରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ନଦୀରେ ମୃତଦେହ ଭାସୁଥିବା କିଛି ଲୋକ ଦେଖି ଗାଁରେ ଖବର ଦେଇଥିଲେ। ଲମତାପୁଟ ଫାଣ୍ଡି ଅଧିକାରୀ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତା ମହିଳା ଜଣଙ୍କ ଗୁନେଇ ପଡ଼ା ଗ୍ରାମର ସୁତି ଖିଲଙ୍କ ସ୍ତ୍ରୀ ମୋତି ବୋଲି ଜଣାପଡ଼ିଛି। ମୋତି ବୁଧବାର କନା ଗାଁ ନିଜ ଭ୍ରାଇଙ୍କ ଘରକୁ ଯାଇଥିଲେ। ସେଦିନଠାରୁ ସେ ନିଖୋଜ ଥିଲେ। ଲମତାପୁଟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ମୁଣ୍ଡିଗୁଡାରେ ଚାଷୀ ସମ୍ମିଳନୀ



ଚାଷୀମାନେ ଚରଣ ସିଂ ମାଝିଙ୍କ ଧାନ ଫସଲ ବୁଲି ଦେଖୁଛନ୍ତି।

ଡାବୁଗାଁ, ୨।୧୧ (ଡି.ଏନ୍.ଏ)

ଶୁକ୍ରବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଘୋଡାଖୁଣ୍ଟା ପଞ୍ଚାୟତ ଅଧୀନ ମୁଣ୍ଡିଗୁଡା ଗ୍ରାମରେ ମହେନ୍ଦ୍ରା ସଙ୍କର ଧାନ ବିହନ କମ୍ପାନୀ ପକ୍ଷରୁ ଏକ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେନ୍ଦ୍ରା ଆଗ୍ରୋ ସଲ୍ୟୁସନ କମ୍ପାନୀ କ୍ଷେତ୍ର ପରିଚାଳକ ଦେବୀ ପ୍ରସାଦ ଦାଶ ଯୋଗଦେଇ ଚାଷୀମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ, ସଙ୍କର ଜାତୀୟ ଧାନ ବିହନ ଚାଷ କରି ଅଧିକ ଅମଳ ପାଇବା ଉପରେ ବୁଝାଇଥିଲେ। ଚାଷୀ ଚରଣ ସିଂ ମାଝି ନିଜ ଖେତରେ କରିଥିବା ମହେନ୍ଦ୍ରାର ଏମ୍‌ପିଆର୍ ୩୦୩୦ ଧାନକୁ ଅନ୍ୟ ଚାଷୀମାନେ ବୁଲି ଦେଖିଥିଲେ। ଏଥିରେ କମ୍ପାନୀର ଡାବୁଗାଁ କ୍ଷେତ୍ର ଅଧିକାରୀ ଶୁଭାଶିଶ ଦାଶ ଓ ଘୋଡାଖୁଣ୍ଟା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ପରବ ପ୍ରସ୍ତୁତି ବୈଠକ

ଲକ୍ଷ୍ମୀପୁର, ୨।୧୧(ଡି.ଏନ୍.ଏ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜୋନ୍-୧ର ୭ଟି ପଞ୍ଚାୟତକୁ ନେଇ ପରବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଗୌଡ଼ଗୁଡ଼ା ସରପଞ୍ଚ ଡମ୍ବରୁଧର ମୁଦୁଲି ଅଧକ୍ଷତା କରିଥିଲେ । ପରବ ୭ ପଞ୍ଚାୟତକୁ ନେଇ ଗୌଡ଼ଗୁଡ଼ା ଗ୍ରାମ ପଞ୍ଚାୟତ ପଡ଼ିଆଠାରେ ୫ ତାରିଖରେ ଅନୁଷ୍ଠିତ ହେବ। କୁନି ଧାଙ୍ଗଡ଼ା ମାଝି, ପାର୍ବତୀ ନାୟକ, ଅମ୍ବିକା ଜାନି, ଉଦୟ ହିକ୍କା, ସିରିଧର ଜାନି, ପାର୍ବତୀ ହିକ୍କା, ସମିତି ସଭ୍ୟା ସଭ୍ୟ ମୀନ ଜାନି, ସଞ୍ଜୟ କନ୍ଧପାନ, ସୁକାନ୍ତ ମହାନନ୍ଦିଆ, ଜିଲା ପରିଷଦ ପ୍ରତିନିଧି ଡି. ଖୋସ୍ଲା, ଶିଶୁ ବିକାଶ ଅଧିକାରୀ ସଞ୍ଜିବନୀ ନାୟକ, ସୁପରଭାଇଜର ପାର୍ବତୀ ଆଚାର୍ଯ୍ୟ, ରେଣୁକା ମାଳି, କାକିରିଗୁମ୍ମା ଥାନା ଓଆଇସି ଭଗବାନ ବେନିଆ, ଗୌଡ଼ଗୁଡ଼ା ରାଜସ୍ୱ ନିରୀକ୍ଷକ କାଳିଚରଣ ମିଶ୍ର ଏବଂ ଜିଆର୍‌ଏସ୍ , ପିଇଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ପରବ ସୁରୁଖୁରୁରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ୟାସୀ ନାୟକ ପରିଚାଳନା କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଡାବୁଗାଁ, ୨।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ଭୈରବ ମନ୍ଦିରରୁ ପଦଯାତ୍ରା ବାହାରି ବୋରିପଦର, ମାଝୀଗୁଡା, ଗିଲା, ଜୁନାପାଣି, ମୋତିଗାଁ, ଛେଲିବେଢା, ପାରିଆବେଢା, ବୋରୀଗାଁ, ମୁଣ୍ଡିଗୁଡା ଦେଇ ଘୋଡାଖୁଣ୍ଟା ଗ୍ରାମରେ ପହଞ୍ଚି ଥିଲେ। ଘୋଡାଖୁଣ୍ଟାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ । ଏଥିରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲାପରିଷଦ ଅଧକ୍ଷା ଭଗବତି ଭତ୍ରା, ଡାବୁଗାଁ ବ୍ଲକ ଉପାଧକ୍ଷା ସୁଷମା ବିଶୋଇ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଶୋଇ, ଏମ୍‌ପି ପ୍ରତିନିଧି ଏମ୍.ଆପ୍ପାରାଓ, ପାପଡାହାଣ୍ଡି ବ୍ଲକ ପୂର୍ବତନ ଅଧକ୍ଷ ଲିଙ୍ଗରାଜ ଭତ୍ରା, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କୁମାର ବେହେରା , ଡାବୁଗାଁ ସରପଞ୍ଚ ଯଶୋଦା ସୌରା , ଘୋଡାଖୁଣ୍ଟା ସରପଞ୍ଚ ଧନସିଂ ଭତ୍ରା, ବ୍ଲକ ଯୁବ ବିଜେଡି ସଭାପତି ଟି. ଜୁଗୁନୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ

ରାମାରାଓ ଚୌଧୁରୀ, ଜି.ସାମଲ ରାଓ, ଏମ୍ ବାସିରାଓ , ଜି. ପ୍ରକାଶ ରାଓ, ପେଦା ବାବୁ, ଆର୍. ପ୍ରକାଶ ରାଓ, ପାପନ୍ନା ରେଲି, ଜି. ମୁରଲୀ ରାଓ, ବିକ୍ରମ ଗୌଡ ଏବଂ ଶତାଧିକ ବିଜେଡି କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।




ବିଜେଡି ପକ୍ଷରୁ ବାହାରିଥିବା ପଦଯାତ୍ରା ।

### ଯୁବକଙ୍କ ମୃତଦେହ ଉଦ୍ଧାର

ପାପଡାହାଣ୍ଡି, ୨।୧୧(ଡି.ଏନ୍.ଏ.)

ପାପଡାହାଣ୍ଡି କଣ୍ଟାମାଳଠାରେ ଶୁକ୍ରବାର ସନସାଇ ହରିଜନଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ଏ ନେଇ ସନସାଇଙ୍କ ସ୍ତ୍ରୀ ଫୁଲମତି ମଇଦଲପୁର ଫାଣ୍ଡିରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସନସାଇ ସମ୍ପର୍କୀୟଙ୍କ ଘରୁ ଶୁକ୍ରବାର ଫେରିଥିଲେ। ଘର ନିକଟରେ ପଡିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା।

# ଆବଣ୍ଟନ ଷ୍ଟଲ୍‌ରେ ଅନିୟମିତତା

ଜୟପୁର,୨।୧୧(ଡି.ଏନ.ଏ)

**ପୌରସଂସ୍ଥା ଏବଂ ଦେବୋତ୍ତୋର ବିଭାଗ**

- ଚଢ଼ା ଦରରେ ବିକ୍ରି ହେଉଛି ଷ୍ଟଲ୍
- ପ୍ରକୃତ ହିତାଧିକାରୀ ନିରାଶ

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ଏବଂ ଦେବୋତ୍ତୋର ବିଭାଗ ଦୁଇଟି ପୁରାତନ ସଂସ୍ଥା। ସେହିପରି ଜୟପୁର ସହରରେ ପୌରସଂସ୍ଥାର ପୁରାତନ ଏବଂ ନୂତନ ଭାବେ ପ୍ରାୟ ୮ଶହ ଦୋକାନ ଗୃହ ରହିଥିବା ବେଳେ ଦେବୋତ୍ତୋର ବିଭାଗର ୭୩ଟି ଷ୍ଟଲ୍ ରହିଛି । କିନ୍ତୁ ଏହି ଷ୍ଟଲ୍‌ଗୁଡ଼ିକକୁ ଏହି ଦୁଇଟି ସଂସ୍ଥା ପକ୍ଷରୁ ମୂଳ ଆବେଦନକାରୀଙ୍କ ନାମରେ ପ୍ରଦାନ କରାଯାଇଛି । କିନ୍ତୁ ଏହାକୁ ପ୍ରକୃତ ନାମଧାରୀମାନେ ଅଧିକ ଟଙ୍କାରେ ବିକ୍ରି କିମ୍ବା ଭଡ଼ା ସୂତ୍ରରେ ଲଗାଇଛନ୍ତି । ବେକାରି ଯୁବକ ଏବଂ ପ୍ରକୃତ ବ୍ୟବସାୟୀଙ୍କ ବଦଳରେ ସହରର କିଛି ନେତା, ଲୋକ ପ୍ରତିନିଧି ଓ ବଡ଼ବଡ଼ିଆମାନେ ଷ୍ଟଲ ହାତେଇଛନ୍ତି।

ଏଥି ମଧ୍ୟରୁ ଅଧିକାଂଶ ଅନିୟମିତତା ମାଧ୍ୟମରେ ହାତେଇଥିବା ବେଳେ ଏହାକୁ ପୌରସଂସ୍ଥାରେ ଷ୍ଟଲ ବାବଦକୁ ଜମା ଟଙ୍କାର ୩ରୁ ୫ଗୁଣ ଦରରେ ବିକ୍ରି କରିଦେଇଛନ୍ତି । ସେହିପରି ଅନେକେ ଏହାକୁ ପୌରସଂସ୍ଥାର ନିର୍ଦ୍ଧାରିତ ଭଡ଼ାର ୫ଗୁଣ ଅଧିକ ଟଙ୍କା ବାହାର ଏବଂ ସ୍ଥାନୀୟ କିଛି ବ୍ୟବସାୟୀଙ୍କୁ ଭଡ଼ା ସୂତ୍ରରେ ପ୍ରଦାନ କରିଛନ୍ତି । ଏହିପରି ଏହି ଦୁଇଟି ସଂସ୍ଥା ପକ୍ଷରୁ ନିୟମିତ ଯାଞ୍ଚ କିମ୍ବା ତଦନ୍ତ କରାଯାଉନାହିଁ । ସେହିପରି ଗତ କିଛି ବର୍ଷ ପୂର୍ବେ କେତେକ ଆଇଏଏସ ଅଧିକାରୀ ଜୟପୁର ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ଏହିପରି ଅଭିଯୋଗ ଏବଂ ଅନିୟମିତତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସେହିପରି ଯେଉଁ ବ୍ୟବସାୟୀ ଯେଉଁ ଷ୍ଟଲରେ ରହିଛନ୍ତି ସେମାନଙ୍କ ନାମରେ ପ୍ରଦାନ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲେ । କିନ୍ତୁ ବିଭିନ୍ନ ସମୟରେ କାଉନସିଲରଙ୍କ ପ୍ରତ୍ୟକ୍ଷ ବିରୋଧ କିମ୍ବା ସ୍ଥାନୀୟ ରାଜନେତାଙ୍କ ପରୋକ୍ଷ ହସ୍ତକ୍ଷେପ ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଏହିପରି ପୌରସଂସ୍ଥା ସହିତ ସଂଶ୍ଳିଷ୍ଟ ଜନପ୍ରତିନିଧି, ଅଧିକାରୀ ଏବଂ କର୍ମଚାରୀ ମିଳିତ ଭାବେ ଅନିୟମିତତା କରିଥିଲେ। ଫଳରେ ଏହି ଦୁଇଟି ସଂସ୍ଥାଠାରୁ କମ ଦରରେ ନେଇ ଉଚ୍ଚାଦରରେ ବିକ୍ରି କରିବା ଏବଂ ୫ଗୁଣ ଅଧିକ ଭଡ଼ାସୂତ୍ରରେ ପ୍ରଦାନ କରୁଥିବା ଯୋଗୁଁ ଏହି ଦୁଇଟି ସଂସ୍ଥାର ବ୍ୟାପକ ରାଜସ୍ୱହାନି ହେଉଛି । ତେଣୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟପୁର ସଚେତନ ଯୁବକ ମହେନ୍ଦ୍ର ପାତ୍ର, ଜଗଦୀଶ ପାଢ଼ି ପ୍ରମୁଖ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ଜୟପୁର ଦେବୋତ୍ତୋର ବିଭାଗର ବାଙ୍କମଠ ଠାରେ ୧୨ଟି, ଗୁପ୍ତେଶ୍ୱର କମ୍ପ୍ଲେକ୍ସରେ ତିନି ମହଲାରେ ୪୫ଟି, ରଘୁନାଥ ମନ୍ଦିରରେ ୧୨ଟି, ଜଗନ୍ନାଥ ମନ୍ଦିରରେ ୨ଟି, ହଟକେଶ୍ୱର ମନ୍ଦିର ଏବଂ ରାଧାକୃଷ୍ଣ ମନ୍ଦିରରେ ଗୋଟିଏ ଲେଖାଏ ଷ୍ଟଲ ରହିଛି । ପୌରସଂସ୍ଥାର କୁମାର ବିଦ୍ୟାଧରସିଂ ଦେଓ ଦୈନିକ ବଜାର, ଦ୍ୱିତୀୟ ଦୈନିକ ବଜାର, ତହସିଲ ଅଫିସ, ଗୋବର୍ଦ୍ଧନ ମୁଣ୍ଡା, ସରକାରୀ ବସ୍‌ଷ୍ଟାଣ୍ଡ ଓ ପାର୍ଶ୍ୱରେ ଏବଂ ହାଟପଦା ପ୍ରଭୃତି ସ୍ଥାନରେ ପ୍ରାୟ ୮ଶହଟି ଷ୍ଟଲ ରହିଛି ।

# ଭୂତଳ ରାସ୍ତା ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ମୁନିଗୁଡ଼ା,୨।୧୧(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ାଠାରେ ରେଳ ଫାଟକ ଯୋଗୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକେ ଏକ ଭୂତଳ ରାସ୍ତା ନେଇ ବାରମ୍ବାର ଦାବି କରି ଆସୁଥିଲେ । ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଭୂତଳ ରାସ୍ତା ନିର୍ମାଣ ନେଇ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଶୁକ୍ରବାର ସମ୍ବଲପୁର ପୂର୍ବତଟ ରେଳ ବିଭାଗର କର୍ମଚାରୀ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ମୁନିଗୁଡ଼ାଠାରେ ସ୍ଥାନ ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି ଅବସରରେ ମୁନିଗୁଡ଼ା ତହସିଲଦାର ଫେର୍ନାଣ୍ଡ ଏକ୍କା, ଅତିରିକ୍ତ ତହସିଲଦାର ଆୟୁବ୍ ମଣ୍ଡଳ, ରେଳ ବିଭାଗ ଏଡିଏନ୍ କାଶୀ ଶାହା, ଏସ୍ଏସ୍ଇ କେ. ଏନ୍. ରାଓ, ସଞ୍ଜୟ କୁମାର, ମୁନିଗୁଡା ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଶବର, ଅଳକା ପଣ୍ଡା, ନିଳାଞ୍ଚଳ ଗୌଡ଼, କରୁଣାକର କୁଅଁର ପ୍ରମୁଖ ଉପସ୍ଥିତ ରହି ମୁନିଗୁଡ଼ା ବସ୍ଷ୍ଟାଣ୍ଡ ନିକଟସ୍ଥ ରେଳ ଫାଟକ, ଧଣ୍ଡରା ଗେଟ୍, ମୁନିଖୋଲ ଗେଟ,ଝାମରାଗୁଡା ଗେଟ୍ , ଆମ୍ବାଦୋଳା ହାଟପଦାଠାରେ ଥିବା ରେଳ ଗେଟ୍ ଆଦି ୫ଟି ସ୍ଥାନରେ ସ୍ଥାନ ଚିହ୍ନଟ ପ୍ରକ୍ରିୟା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡା ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ମୁନିଗୁଡ଼ା ଏସ୍ଡିପିଓ ଚନ୍ଦ୍ରଶେଖର ହୋତା, ବ୍ଲକ ବିଜେଡି ସଭାପତି ରତନ୍ ଲାଲ ଜୈନ, ଅଜୟ ନାଗ, ପଞ୍ଚାନନ ସାହୁ, ରମେଶ ପାଣି, ଚୁନା କର୍କରିଆ, ଅନିଲ ତାରିଣୀ, ସିମାଞ୍ଚଳ ଦାସଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ଖୁବ୍ଶୀଘ୍ର ଏହି ଅଣ୍ଡରଗ୍ରାଉଣ୍ଡ ରାସ୍ତା ତିଆରି ହେଲେ ମୁନିଗୁଡ଼ାର ଏକ ବଡ଼ ଟ୍ରାଫିକ୍ ସମସ୍ୟା ଦୂର ହେବ ବୋଲି ଉପସ୍ଥିତ ଜନସାଧାରଣ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ଏହି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟାକୁ ନେଇ ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା ଜିଲାପାଳଙ୍କଠାରୁ ଆରମ୍ଭ କରି ରେଳମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।



ଅଧିକାରୀମାନେ ସ୍ଥାନ ଚିହ୍ନଟ କରୁଛନ୍ତି ।

## ସଂକ୍ଷେପରେ

### ଜିଲା ପଶୁ କଲ୍ୟାଣ ଅଧିକାରୀ ହେଲେ ରବି ଆଚାରୀ

ଗଣପର,୨।୧୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ବ୍ରାହ୍ମଣ ସାହିର ରବି ଆଚାରୀ ଜିଲା ପଶୁ କଲ୍ୟାଣ ବିଭାଗର ଅଧିକାରୀ ଭାବେ ନିଯକ୍ତି ପାଇଛନ୍ତି । ଭାରତ ସରକାରଙ୍କ ଜାତୀୟ ପଶୁ କଲ୍ୟାଣ ବୋର୍ଡ ତରଫରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି । ଜାତୀୟ ପଶୁ କଲ୍ୟାଣ ବୋର୍ଡର ସଂପାଦିକା ଡ.ନିଲମ ବାଲା ନୂଆଦିଲ୍ଲୀଠାରେ ଆୟୋଜିତ ଏକ କର୍ମଶାଳାରେ ଏହି ନିଯୁକ୍ତି ଦେଇଛନ୍ତି । ରବି ଆଚାରୀଙ୍କୁ ଏହି ନିଯୁକ୍ତି ମିଳିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରବି ଆଚାରି ଗୁଣପୁର ସହ ରାୟଗଡା ଜିଲାରେ ଗୋ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କୁ ଗୋ ସୁରକ୍ଷା ଆନ୍ଦୋଳନରେ ଜେଲ ଯିବାକୁ ମଧ ପଡିଥିଲା ।

### ଚାଷ ସମ୍ପର୍କିତ ସଚେତନତା ଶିବିର



ମୁନିଗୁଡା, ୨।୧୧ (ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଧୁଆଁପଦର ଓ ଜଗଦଲପୁର ଗ୍ରାମରେ ଶସ୍ୟ ସଂରକ୍ଷଣ ଓ ଉନ୍ନତ ମାନର ବିହନ ଉତ୍ପାଦନ ସମ୍ବନ୍ଧରେ ଚାଷୀମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ସହାୟତା ଓ ହର୍ଷଟ୍ରଷ୍ଟ ମୁନିଗୁଡା ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ପ୍ରଦୀପ କୁମାର ସେଠୀ ଓ ଜନ୍ମେଜୟ ସ୍ୱାଇଁ ସମ୍ପୃକ୍ତ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ । କୃଷି ବିଭାଗର ଭିଏଲ୍ଡବ୍ଲ୍ୟୁ ସୁଦାମ ପ୍ରଧାନୀ ଓ ହର୍ଷଟ୍ରଷ୍ଟର ଟିମ୍ ଲିଡର ଘନଶ୍ୟାମ ବାରିକ ତାଲିମଦାତା ଭାବେ ଯୋଗଦେଇ କିଭଳି ଧାନକୁ ବର୍ଷ ବର୍ଷ ଧରି ସୁରକ୍ଷିତ ରଖାଯାଇପାରିବ,ତନ୍ମଧ୍ୟରୁ କିପରି ଭଲ ବିହନ ବାଛି କୃଷି କ୍ଷେତ୍ରରେ ଲଗାଯାଇପାରିବ ସେ ନେଇ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ସଚେତନତା ଶିବିରରେ ଦୁଇଟି ଗ୍ରାମରୁ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ହର୍ଷଟ୍ରଷ୍ଟର ଉତ୍ତମ ସାହୁ, ରାକେଶ ମେହେର, କରୁଣା କୁମୁଲିଆ, ରାମାରାଓ ବାଗ, ଭୁବନ ପଟେଲ ଓ ରାଜା ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ବିଜେଡ଼ି କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିଷମକଟକ,୨।୧୧(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କୁତ୍ରାଗଡ, ପାଇକ ଦକୁଲଗୁଡା ଓ ହାଟ ମୁନିଗୁଡା ପଞ୍ଚାୟତରେ ଶୁକ୍ରବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜଗନାଥ ସାରକା ନେତୃତ୍ୱ ନେଇଥିଲେ । ବିଜେଡ଼ିର ଶତାଧିକ କର୍ମୀ କୁତ୍ରାଗଡ ମା' ମାଣିକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ସରକାରଙ୍କ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ । କୁତ୍ରାଗଡ ଗ୍ରାମଠାରୁ ରମାନକୁପାଲି ,ପାଇକ ଦକୁଲୁଗୁଡା ଓ ବକ୍କସିରିପୁର ଗ୍ରାମଠାରୁ ହାଟମୁନିଗୁଡା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାରେ ରାୟଗଡା ଜିଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରକା, ଖଦିବୋର୍ଡ଼ ସଦସ୍ୟ ପୃଥୀରାଜ ସାହୁ,ବ୍ଲକ ଉପାଧ୍ୟକ୍ଷ ରମେଶ ପୁଲାକା, ଯୁବ ଜନତାଦଳର ଜିଲା ସମ୍ପାଦକ ଦେବୀ ପଟ୍ଟନାୟକ, ହାଟମୁନିଗୁଡା ସରପଞ୍ଚ ସୁଜାତା କାଡ୍ରକା, ସମିତି ସଭ୍ୟ ରମେଶ ପାକି, ଯୁବ ନେତା ଜ୍ୟୋତି ସାହୁ, ରବୀନ୍ଦ୍ର ପଣ୍ଡା, କୁତ୍ରାଗଡ ସରଞ୍ଚ,ସମିତି ସଭ୍ୟ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ ।

# କାଠପଟା ଜବତ, ଶିକ୍ଷକ ଗିରଫ

ମୁନିଗୁଡ଼ା,୨।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଆମ୍ବାଦୋଳାଠାରେ ଜଣେ ଶିକ୍ଷକଙ୍କ ଘରୁ ବିପୁଳ ପରିମାଣରେ କାଠ ଓ ପଟା ଜବତ କରାଯାଇଛି । ଏହି ଘଟଣାରେ ମୁନିଗୁଡ଼ା ବ୍ଲକ ଶିକ୍ଷା ବିଭାଗ ଅଧୀନସ୍ଥ ପାଣ୍ଡ୍ରା ମୁଣ୍ଡାଠାରେ ଶିକ୍ଷକତା କରୁଥିବା ପ୍ରେମାନନ୍ଦ ଲେଙ୍କାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବିଶେଷସୂତ୍ରରୁ ଖବରପାଇ ମୁନିଗୁଡ଼ା ବନପାଳ ହରିଶ୍ଚନ୍ଦ୍ର ମାଝୀ ଓ ଆମ୍ବାଦୋଳା ବନପାଳ ଚନ୍ଦ୍ରଶେଖର ସାହୁଙ୍କ ମିଳିତରେ ଏକ ଟିମ୍ ଗଠନ କରି ବନରକ୍ଷୀ ରନିତ୍ କୁମାର ମହାରଣା, ଗୌତମ ପଣ୍ଡା, ସର୍ମିଷ୍ଠା ବଡ଼ଜେନା ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀମାନେ ଷ୍ଟେସନ ନିକଟରେ ଥିବା ଶିକ୍ଷକଙ୍କ ଏକ ଭଡା ଘରେ ଚଢ଼ାଉ କରି ଥିଲେ । ସେଠାରୁ ୮୧ଟି ବିଜା କାଠ ଓ ୪୨ଟି ଶାଳକାଠ ଜବତ କରିଥିଲେ। ଶିକ୍ଷକଜଣକ ଦୀର୍ଘଦିନ ଧରି ଏହି ଚୋରା କାଠ ବ୍ୟବସାୟ କରୁଥିବା ବେଳେ ବିପୁଳ ପରିମାଣର ଚୋରା କାଠ ତାଙ୍କର ଭଡା ଘରେ ଥିବା ସୂଚନାପାଇ ଚଢ଼ାଉ କରାଯାଇଥିଲା । ଏନେଇ ଏକ ମାମଲା (ନଂ ୨୯୦/୧୮) ରୁଜୁ କରାଯାଇଛି ।



ଗିରଫ ଶିକ୍ଷକ ପ୍ରେମାନନ୍ଦ ଲେଙ୍କା ।

## ପୌର କାର୍ଯ୍ୟାଳୟ, ଜୟପୁର
MUNICIPAL OFFICE, JEYPORE

Letter No. 4331/JM — Date: 31.10.18

**ପ୍ରେସ୍ ବିଜ୍ଞପ୍ତି**

ଜୟପୁର ରାଷ୍ଟ୍ରୀୟ ରାଜମାର୍ଗ କଡରେ ବିନାନୁମତିରେ ଯେଉଁ ବିଜ୍ଞାପନ ସଂସ୍ଥା / ପ୍ରତିଷ୍ଠାନ ବିଜ୍ଞାପନ ଫଳକମାନ ସ୍ଥାପନ କରିଛନ୍ତି ସେମାନଙ୍କୁ ଅବଗତ କରାଯାଉଛି ଯେ ଏହି ବିଜ୍ଞାପନ ପ୍ରକାଶନର ୭(ସାତ) ଦିନ ମଧ୍ୟରେ ସେମାନେ ସେମାନଙ୍କ ସମସ୍ତ ହୋର୍ଡିଙ୍ଗ ନିଜ ଖର୍ଚ୍ଚରେ ବାହାର କରିଦେବେ। ଅନ୍ୟଥା ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ ତଥା ଓଡ଼ିଶା ଆଉଟ୍ଡୋର ଆଡଭରଟାଇଜମେଣ୍ଟ ଏଣ୍ଡ ହୋର୍ଡିଙ୍ଗ ପଲିସି ୨୦୧୫ରେ ପ୍ରଦତ୍ତ ପ୍ରାବଧାନ ଅନୁଯାୟୀ ପରିଷଦ ସମସ୍ତ ହୋର୍ଡିଙ୍ଗଗୁଡିକୁ ଉଚ୍ଛେଦ କରି ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବାଧ୍ୟହେବେ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ଜୟପୁର

## e-PROCUREMENT NOTICE

No.922-O

Tender Online No. 07 of 2018-19

| | | |
|---|---|---|
| 1 | Name of the Work | Building works for 2018-19 mentioned in column 2 of table of N.I.T. |
| 2 | Estimated cost | Specified against each work in column 3 of table of N.I.T. excluding Goods and Services Tax. |
| 3 | Earnest Money Deposit | Specified against each work in column 4 of table of N.I.T. |
| 4 | Period of completion | Specified against each work in column 6 of table of N.I.T. |
| 5 | Class of contractors | Specified against each work in column 5 of table of N.I.T. |
| 6 | Cost of Tender Paper | Specified against each work in column 7 of table of N.I.T |

Other details for the N.I.T.:

| | | |
|---|---|---|
| 1 | Procurement Officer | Executive Engineer, Rural Works Division, Jagatsinghpur |
| 2 | Date & time of availability of bid documents in Portal | 05.11.2018 at 11:00 hrs |
| 3 | Last date & time for receipt of bids in Portal | 15.11.2018 at 17:00 hrs |
| 4 | Last date & time of seeking of Bid clarification | 14.11.2018 at 15:00 hrs |
| 5 | Opening of tender | 16.11.2018 at 11:30 hrs at the Office of Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

25056/11/0008/1819 — Executive Engineer, Rural Works Division, Jagatsinghpur

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES) ମଳଦ୍ୱାର ଫିସର (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପକ୍ଲିନିକ୍ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ- 7991052261 7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109 7750060137
Email Id- ramcogroup283@gmail.com

ଫାଇନାନ୍ସ
Ashoka Finance ଋଣ ଧମାକା ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - ୨୦ ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466 8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Adhar Finance (ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861 7379665376

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382 7078299164
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429 9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା,ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524 9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678 8337956019

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731 9996602452

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now: 8295564405 7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ୍-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍ଥ ଇନ୍ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836 07060557597

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DSPL - 233



"After the successful organisation of Make in Odisha Conclave 2016, our focus has been on converting intents into investments through our mantra of 3Ts – Transparency, Technology and Teamwork."

# Grounding New Opportunities for Broad-based Industrial Growth

**Following up on the 3rd Ground-breaking /inauguration of 15 industrial units on August 23, 2018, Invest Odisha is pleased to announce...**

## 4th phase of Ground-breaking ceremony of 15 new industrial projects spanning 6 sectors

*by*

**Hon'ble Chief Minister**

## Shri Naveen Patnaik

**at 11:30 AM on November 03, 2018**

**GROUND-BREAKING**

- Ultratech Cement
- Welspun Orissa
- Chettinad Cement
- Surya Foods
- P & A Bottlers Pvt Ltd
- Oriplast
- CRPL Infra (P) Ltd
- Vijaynagar Bio-tech (P) Ltd
- Coastal Corporation
- Truism Resource LLP
- Wild Lotus Fashions Pvt. Ltd
- Flaminquo Sharimpex Pvt. Ltd
- Amarsagar Sea Food Pvt. Ltd
- Jharana Steel Industries
- Sabri Food Products Pvt Ltd

***Investment of Rs. 1,807.92 Cr with employment to 8883 persons***

Govt. of Odisha

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

For Registrations, please visit: https://mio.investodisha.gov.in/

Or download the 'Make in Odisha 2018' app from Google Play App Store

Follow us on @investInOdisha /investOdisha

Scan QR Code to Register

14005/13/0044/1819

# ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଅ

**ଓ୍ୱାର୍ଡ କମିଟି ବୈଠକ**

- ବିକାଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ
- ପୁରୁଖା କର୍ମୀଙ୍କୁ ଲୋକଙ୍କ ସମସ୍ୟା ବୁଝିବାକୁ ନିର୍ଦ୍ଦେଶ

ମାଥିଲି, ୨।୧୧ (ଡି.ଏନ.ଏ.)

ସମସ୍ତେ ଏକତ୍ରିତ ହୋଇ ଗରିବ ଲୋକଙ୍କ ସେବା କରିବା । ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଏହାକୁ ସମାଧାନ କରିବାକୁ ବିଜେଡିର ପୁରୁଖା କର୍ମୀଙ୍କୁ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ତଳସାହି ଆମ୍ବତୋଟାଠାରେ ବିଜେଡିର ବ୍ଲକ ସମ୍ପାଦକ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଓ୍ୱାର୍ଡ କମିଟି ବୈଠକରେ ଯୋଗଦେଇ ବିଧାୟକ ଶିଶା ଏପରି ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାରଙ୍କ ତରଫରୁ ଗରିବ ଲୋକଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରାଯାଇଛି । ବିଜେଡି ଶାସନରେ ଲୋକଙ୍କ ବିକାଶ ହୋଇପାରିଛି । ତେବେ ପ୍ରତି ଘରକୁ ଯାଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇବା ସହିତ ବାଦ ପଡିଥିବା ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ପଦକ୍ଷେପ ନେବା ପାଇଁ ପୁରୁଖା କର୍ମୀଙ୍କୁ ବିଧାୟକ ଶିଶା ନିର୍ଦ୍ଦେଶ ଦେଇଛନ୍ତି । ବାର୍ଦ୍ଧକ୍ୟ ଭତ୍ତା, ନିର୍ମାଣ ଶ୍ରମିକ, ରାଶନ କାର୍ଡ, ବିଜୁ ପକ୍କା ଘର ଯୋଜନାରେ ଘରକୁ ଘର ବୁଲି ଗରିବ ଲୋକଙ୍କୁ ସଂଯୋଗୀକରଣ ପାଇଁ ସେ ପରାମର୍ଶ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଆଦିବାସୀ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଆଡମା ରାବା, ପରିଷଦର ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସଦସ୍ୟ ଡମ୍ବରୁଧର ପେରେମା, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଗଗନ ଦୁରୁଆ, ଭୀମସେନ ନାୟକ, ମହେଶ୍ୱର ସମରଥଙ୍କ ସମେତ ବ୍ଲକର ୨୦ ପଞ୍ଚାୟତରୁ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଗରିବ ଲୋକଙ୍କ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । କିନ୍ତୁ ସମସ୍ତ ଯୋଜନା ଉପରେ ଲୋକେ ଅବଗତ ହୋଇପାରୁନାହାନ୍ତି। ବିଜେଡି ଶାସନ ସମୟରେ ଗରିବଙ୍କ ହୋଇଥିବା ବିକାଶକୁ ଲୋକେ ଠିକ ବୁଝିପାରିଛନ୍ତି । ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ପରେ ନୂତନ ଭାବେ ଚୟନ ହୋଇଥିବା ବିଜେଡିର ମାଥିଲି ବ୍ଲକ ସଭାପତି ଡମ୍ବୁ ନାୟକ, ବାଲିମେଲା ଏନଏସିର ନଗର ସଭାପତି ଲଡ୍ଡୁ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମୀଙ୍କ ସହିତ ନିଷ୍ଠାପର ଭାବେ ନିଜ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଉଭୟେ ବୈଠକରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ସଙ୍ଗଠକ କୁଳମଣି ସ୍ୱାଇଁ, ସମାରୁ ନାୟକ, ବାବୁଲି ମହାପାତ୍ର, ସୁଦେଶ ଦୋରା, ଜୀବନ ସାହୁ, ରାମକୃଷ୍ଣ ଅନୁଗୁଳିଆ, ନରସିଂହ କଂସାରି, ଏସ. ମୁରଲୀ, ରଶ୍ମିରଞ୍ଜନ ପଟ୍ଟନାୟକ, ତ୍ରିଲୋଚନ ହରିଜନ, ଗୋପୀ ନାୟକଙ୍କ ସମେତ ଶତାଧିକ ମହିଳା ଏବଂ ପୁରୁଷ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ବିଜେଡି ପକ୍ଷରୁ ଆୟୋଜିତ ଓ୍ୱାର୍ଡ କମିଟି ବୈଠକ।

# ଉନ୍ନୟନ କ୍ଷେତ୍ରରେ ସୂଚନା ଅଧିକାର ଆଇନର ଭୂମିକା

ମାଲକାନଗିରି, ୨।୧୧ (ଡି.ଏନ.ଏ.)

ମାଲକାନଗିରି ଓଟିଇଏଲପି ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ସୂଚନା ଅଧିକାର ମଞ୍ଚ ପକ୍ଷରୁ ଉନ୍ନୟନ କ୍ଷେତ୍ରରେ ସୂଚନା ଅଧିକାର ଆଇନର ଭୂମିକା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ଆବାହକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ଯୋଗଦେଇ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଆଇନ ଜିଲାର ଉନ୍ନୟନ କ୍ଷେତ୍ରରେ କିଭଳି ପ୍ରୟୋଗ କରାଯିବ ସେ ସମ୍ପର୍କରେ ପରାମର୍ଶ ଦେବା ସହ ଏହା ସ୍ୱଚ୍ଛ ଶାସନ ବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ସୂଚନା ଅଧିକାର କର୍ମୀ ପ୍ରଧାନ ଯୁବତୀଯୁବକଙ୍କୁ ଏନେଇ କିଭଳି ଆବେଦନ କରାଯିବ, ଏଥିପାଇଁ କଣ ପ୍ରକ୍ରିୟା ରହିଛି ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ଏକ ଜଲା ଫୋରମ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।



ସୂଚନା ଅଧିକାର ଆଇନ ସମ୍ପର୍କିତ ବୈଠକରେ ଉପସ୍ଥିତ କର୍ମୀ ।

## ଆମ ପୋଲିସ ସମିତି ବୈଠକ

ଖଇରପୁଟ, ୨।୧୧ (ଡି.ଏନ.ଏ)

ମୁଦୁଲିପଡା ଥାନା ପକ୍ଷରୁ ଶୁକ୍ରବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଇରପୁଟ, କୁମ୍ଭାରପୁଟ ଓ ଉପରପୁଟ ଗ୍ରାମର ମୁଖିଆ, ଜନ ପ୍ରତିନିଧି ଓ ଗ୍ରାମବାସୀ ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟ ବଜାରରେ ଗାଡି ପାର୍କିଂ ଯୋଗୁ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୁର୍ଗା ମଣ୍ଡପ ନିକଟରେ ଗାଡି ପାର୍କିଂ ପାଇଁ ସହମତି ପ୍ରକାଶ ପାଇଥିଲା। ସହର ମଧ୍ୟରେ ଦ୍ରୁତ ଗତିରେ ଗାଡିଚାଳନା ଉପରେ ନଜର ରଖାଯିବ। ଯିଏ ଦ୍ରୁତ ଗତିରେ ଗାଡି ଚଳାଉଥିବେ ତାଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଥାନା ଅଧିକାରୀ ଶଶୀ ଭୂଷଣ ମିଶ୍ର ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକେଣ୍ଡ ଅଫିସର ପାଣ୍ଡାଗ୍ରା ସାଙ୍ଗମା, କେଶବ ମାଝି ଉପସ୍ଥିତ ଥିଲେ।

# ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି, ୨।୧୧ (ଡି.ଏନ.ଏ.)

ମାଲକାନଗିରି କଂଗ୍ରେସ ଭବନଠାରେ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଓ ମନୋନୀତ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପିସିସି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ଦକ୍ଷିଣ ଓଡ଼ିଶା ସୋସିଆଲ ମିଡିଆ ଇନଚାର୍ଜ ପୱନ ଶର୍ମା, ମାଲକାନଗିରି ଜିଲା ଭାରପ୍ରାପ୍ତ ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଲିମା, ମୋ ବୁଥ ମୋ ଘର ପ୍ରକଳ୍ପର ସାଧାରଣ ସମ୍ପାଦକ ଭୀଷ୍ମ ମହାପାତ୍ର, ଭାରପ୍ରାପ୍ତ ସମ୍ପାଦକ କୁନା ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପଟ୍ଟନାୟକ, ମାଲା ମାଡ଼ି, ମାଥିଲି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ଉଙ୍ଗା ପଡ଼ିଆମି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ରୋକିବାରେ ବିଫଳ ହୋଇଛନ୍ତି। କାର୍ଯ୍ୟ ନ କରି କେବଳ ଭାଷଣ ବାଜିରେ ସୀମିତ ରହୁଥିବା ଅଭିଯୋଗ କରିବା ସହ ରାଫେଲ ଯୁଦ୍ଧ ବିମାନ କ୍ରୟରେ ଦୁର୍ନୀତି ନେଇ ପ୍ରଶ୍ନ ଉଠାଇଥିଲେ । ଏଥିସହ ରାଜ୍ୟ ସରକାର ଯେପରି ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଛନ୍ତି ଏହାର ଜବାବ ଲୋକେ ଆଗାମୀ ନିର୍ବାଚନରେ ଦେବେ ବୋଲି ମଞ୍ଚାସୀନ ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲା କଂଗ୍ରେସ କମିଟିର ନୂତନ ଭାବେ ଯୋଗଦେଇଥିବା ୭୧ ଜଣ ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ବିଶେଷ କରି ମାଲକାନଗିରି ଜିଲାରେ ବର୍ତ୍ତମାନ ବିଭିନ୍ନ ଦଳ ପକ୍ଷରୁ ମିଶ୍ରଣ ଚାଲିଥିବା ବେଳେ ଶୁକ୍ରବାର କଂଗ୍ରେସର ମିଶ୍ରଣ ପର୍ବରେ ବହୁ ବିଜେଡି ଓ ଭାଜପା କର୍ମୀ ଯୋଗ ଦେଇଥିବାରୁ ରାଜନୈତିକ ଦୃଶ୍ୟପଟ ବଦଳିବାରେ ଲାଗିଛି । ଗତ ମଙ୍ଗଳବାର ମାର୍କାପାଲିଠାରେ ବିଜେଡିର ମିଶ୍ରଣ ପର୍ବରେ ମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ଅସନ୍ତୋଷ ପ୍ରକାଶ କରିଥିଲେ ।



କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ।




